

ନକ୍ସଲଙ୍କ ପରି ସଫା ହେବେ ସାଇବର ଠକ

ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 320 ଭାଗ ୩୩ | ସଂଖ୍ୟା ୩୨୦ | Thursday 12 February 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୨ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





### ୧୫୦ ବର୍ଷ ପୂର୍ତ୍ତି ନେଇ ଐତିହାସିକ ପଦକ୍ଷେପ

# 'ଜନ ଗଣ' ପୂର୍ବରୁ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

- ୬୫ ପରିବର୍ତ୍ତେ ଅବଧି ହେବ ୧୯୦ ସେକେଣ୍ଡ
- ଗୃହ ମନ୍ତ୍ରଣାଳୟର ନୂଆ ନିର୍ଦ୍ଦେଶନାମା ଜାରି



**ନୂଆଦିଲ୍ଲୀ, ୧୧।୨:** ଚଳିତ ବର୍ଷ ଜାତୀୟ ଗୀତ 'ବନ୍ଦେ ମାତରମ୍' ରଚନାକୁ ୧୫୦ ବର୍ଷ ପୂରିଥିବା ବେଳେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ବି ଜାରି ହୋଇଛି। କେନ୍ଦ୍ର ସରକାର 'ବନ୍ଦେ ମାତରମ୍' ପ୍ରତି ସମ୍ମାନ ଓ ଏହାର ଆହୁତି ବୃଦ୍ଧି କରିବା ସକାଶେ ଏଭଳି ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ୧୦ ପୃଷ୍ଠା ବିଶିଷ୍ଟ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଣିକି 'ବନ୍ଦେ ମାତରମ୍'ର ଏକ ବିସ୍ତାରିତ ସଂସ୍କରଣ ସରକାରୀ କାର୍ଯ୍ୟକ୍ରମ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଅଭିଭାଷଣ ତଥା ପତାକା ଉତ୍ତୋଳନ ଉତ୍ସବରେ ଗାନ କରାଯିବ। ଆଜି ପର୍ଯ୍ୟନ୍ତ 'ବନ୍ଦେ ମାତରମ୍' ଗାନ ପାଇଁ କୌଣସି ସରକାରୀ ପ୍ରୋଟୋକଲ୍ ନଥିବା ବେଳେ ଏଣିକି ଏହାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାକୁ ହେବ। କେବଳ ଜାତୀୟ ସଙ୍ଗୀତ 'ଜନ ଗଣ ମନ'ର ଗାନ ଓ ସମୟ ସମ୍ପର୍କରେ ସ୍ପଷ୍ଟ ନିୟମ ଥିଲା। 'ବନ୍ଦେ ମାତରମ୍'ର ବିସ୍ତାରିତ, ଛ' ପଦ ସଂସ୍କରଣ ଏପର୍ଯ୍ୟନ୍ତ ସରକାରୀ କାର୍ଯ୍ୟକ୍ରମରେ ଗାନ କରାଯାଉ ନଥିଲା। କିନ୍ତୁ ଏହାକୁ ଏବେ ବାଧ୍ୟତାମୂଳକ କରାଯାଇଛି।

'ବନ୍ଦେ ମାତରମ୍' ଛ' ପଦ ବିଶିଷ୍ଟ ସଂସ୍କରଣକୁ ଏବେ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦିଆଯିବ। ଏହାର ମୋଟ ଅବଧି ୩ ମିନିଟ୍ ୧୦ ସେକେଣ୍ଡ ରହିବ। ଆଜିପର୍ଯ୍ୟନ୍ତ କେବଳ ୬୫ ସେକେଣ୍ଡର ପ୍ରଥମ ଦୁଇଟି ପଦକୁ ଜାତୀୟ ସଙ୍ଗୀତ ଭାବରେ ଗାନ କରାଯାଉଥିଲା। କିନ୍ତୁ ଏବେ ନୂତନ ନିୟମ ଅନୁଯାୟୀ, ଯଦି କୌଣସି କାର୍ଯ୍ୟକ୍ରମରେ 'ଜନ ଗଣ ମନ' (ଜାତୀୟ ସଙ୍ଗୀତ) ଓ 'ବନ୍ଦେ ମାତରମ୍' ଉଭୟ ଗାନ କରାଯାଏ, ତା'ହେଲେ ପ୍ରଥମେ 'ବନ୍ଦେ ମାତରମ୍' ଗାନ ହେବ। ଏଥିସହ ଗାନ କିମ୍ବା ବଜାଇବା ସମୟରେ ସମସ୍ତେ ସମ୍ମାନ ଦେବା ସକାଶେ ଠିଆ ହେବା ମଧ୍ୟ ବାଧ୍ୟତାମୂଳକ ହୋଇଛି। ତା'ଛଡ଼ା ଜାତୀୟ ➪ପୃଷ୍ଠା-୬

### ମୋହନ ସରକାର କଥାରେ ପକ୍କା

# ସବୁ ପରିବାରର ମେରୁଦଣ୍ଡ ହୋଇଛି ସଶକ୍ତ



**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତା ଆସିବା ସମୟରେ ଯେଉଁସବୁ ପ୍ରତିଶ୍ରୁତି ତାହା କାର୍ଯ୍ୟରେ କରି ଦେଖାଇଛି। ସମୃଦ୍ଧ ଓଡିଶ, ବିକଶିତ ଓଡିଶା ଗଠନର ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ସେଦିଗରେ ଗୋଟିଏ ପରେ ଗୋଟିଏ ପାଦ ଆଗେଇ ଚାଲିଛି ବିଜେପି ସରକାର। ଆଜି ଏସମ୍ପର୍କିତ ଏକ ଭିଡିଓ ମୁଖ୍ୟମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଛନ୍ତି।

**ବାସ୍ତବ ରୂପ ନେଇଛି ଯୁବକ ଓ ଆଦିବାସୀଙ୍କ ସ୍ୱପ୍ନ**

ଏଥିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳା ସଶକ୍ତିକରଣରେ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ରାଜ୍ୟର ଏକ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯାଇଛି। ଏହାଦ୍ୱାରା ଏକ କୋଟି ପରିବାରର ମେରୁଦଣ୍ଡକୁ ସଶକ୍ତ କରିଛନ୍ତି ସରକାର। ସେହିଭଳି ଲକ୍ଷପତି ଦିଦି ଯୋଜନାରେ ଏବେ ସୁଦ୍ଧା ୧୭ ଲକ୍ଷରୁ ଅଧିକ ମହିଳାଙ୍କୁ ଆତ୍ମନିର୍ଭର କରାଯାଇପାରିଛି। ମହିଳାମାନେ ଏବେ କେବଳ ଘରର କାମ କରିବେ ନାହିଁ। ସେମାନେ ପରିବାର ଚଳାଇବାକୁ ମଧ୍ୟ ସକ୍ଷମ।

ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନରେ ଲାଗିଛି ଆର୍ଥିକ ସହାୟତାର ଡେଣା। କୃଷି ଓ ➪ପୃଷ୍ଠା-୬

### ଘନେଇଲା 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ବିବାଦ

# ରାହୁଲ୍ କେଉଁଠୁ ପାଇଲେ ଅପ୍ରକାଶିତ ପୁସ୍ତକ?




- 'ପେଙ୍ଗୁଇନ୍' ଜାରି କଲା ସ୍ପଷ୍ଟୀକରଣ
- ଦିଲ୍ଲୀ ପୁଲିସର ତନାଘନା
- ଗିରଫ ହେବେ ବିରୋଧୀ ଦଳ ନେତା!

**ନୂଆଦିଲ୍ଲୀ,୧୧।୨:** ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମ୍ ମନୋଜ ନାରଭାଣେଙ୍କ ପ୍ରସ୍ତାବିତ ଆତ୍ମଜୀବନୀ "ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି"କୁ ନେଇ ସଂସଦରୁ ରାଜରାସ୍ତା ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଅନେକ ବାଦବିବାଦ ଦେଖାଦେଇଛି। ଏବେ ଏଥିରେ ନୂଆ ଟୁଇଷ୍ଟ ଦେଖିବାକୁ ମିଳିଛି। ଏଥିସହିତ ରାହୁଲ ଗାନ୍ଧିଙ୍କ ଗିରଫଦାରୀ ଆଶଙ୍କା ବି ବୃଦ୍ଧି ପାଇଛି।

ଏପର୍ଯ୍ୟନ୍ତ କୌଣସି ରୂପରେ ମଧ୍ୟ ଏହି ପୁସ୍ତକ ପ୍ରକାଶିତ ହୋଇନାହିଁ। ନା ମୁଦ୍ରିତ ପୁସ୍ତକ ରୂପେ ନା ଡିଜିଟାଲ ଫର୍ମାଟରେ ଏହା ପ୍ରକାଶ ପାଇଛି। ଅର୍ଥାତ ଏହି ପୁସ୍ତକର କୌଣସି କପି, ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ବି ମୁଦ୍ରଣ ହୋଇନାହିଁ କି ଡିଜିଟାଲ ଅଥବା ପିଡିଏଫ୍ ଫର୍ମାଟ୍‌ରେ ପ୍ରକାଶିତ ହୋଇନାହିଁ। ଏନେଇ ପୁସ୍ତକର ପ୍ରକାଶନ ସଂସ୍ଥା 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ' ସୋମବାର ସ୍ପଷ୍ଟୀକରଣ ଜାରି କରିବା ସହ 'ଏକ୍ସ' ପୋଷ୍ଟ ମାଧ୍ୟମରେ ସ୍ପଷ୍ଟ କରିଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ନିଜେ ଲେଖକ ଏମ୍. ମନୋଜ ନାରଭାଣେ ନୀରବତା ଭଙ୍ଗ କରି ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ପୂର୍ବତନ ସେନାମୁଖ୍ୟ ଜେନେରାଲ ନାରଭାଣେ ପେଙ୍ଗୁଇନର ଏହି ପୋଷ୍ଟକୁ ନିଜ ସୋସିଆଲ ଆକାଉଣ୍ଟ 'ଏକ୍ସ'ରେ ପୋଷ୍ଟ କରିବା ସହ ଗୋଟିଏ ଛୋଟିଆ ଧାଡ଼ି 'ଏହା ହେଉଛି ପୁସ୍ତକର ସ୍ଥିତି' ବୋଲି ଉଲ୍ଲେଖ କରିଛନ୍ତି। ପୂର୍ବତନ ସେନା ମୁଖ୍ୟ ଜେନେରାଲ ନାରଭାଣେ ଏହି ପୋଷ୍ଟ ଜରିଆରେ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ବହିଟି ଏପର୍ଯ୍ୟନ୍ତ ବଜାରକୁ ଆସିନାହିଁ। ➪ପୃଷ୍ଠା-୬

# ଆତ୍ମସମର୍ପଣରେ କୋଟିପତି ହେବେ ମାଓବାଦୀ



### ନକ୍ସଲମୁକ୍ତି ପାଇଁ ଥଇଥାନ ଯୋଜନାରେ ସଂଶୋଧନ

- ୬୦ ଦିନ ଭିତରେ ଉପଲବ୍ଧ ହେବ ଥଇଥାନ ସୁବିଧା
- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ୧୦ ଲକ୍ଷର ସ୍ଥାୟୀ ଜମା ବି ମିଳିବ

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଦେଶରେ ଦିନକୁ ଦିନ ମାଓବାଦୀମାନେ ଦୁର୍ବଳ ହେଉଥିବା ବେଳେ କେନ୍ଦ୍ର ସରକାର ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ହିଂସାତ୍ମକ ଗୋଷ୍ଠୀର ମୂଳପୋଛ ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ନକ୍ସଲ ପ୍ରଭାବିତ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ ହୋଇଥିବା ବେଳେ ଏଠାରେ ଗତ ସପ୍ତାହରେ ୪ଟି ଜିଲ୍ଲା ମାଓମୁକ୍ତ ହୋଇସାରିଛି। ଅନ୍ୟାନ୍ୟ ସୀମାବର୍ତ୍ତୀ ଜିଲ୍ଲାରେ ମାଓବାଦୀଙ୍କ ଗତିବିଧିରେ ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ଆଜି ରାଜ୍ୟ ସରକାର ଥଇଥାନ ଯୋଜନାରେ କେତେଗୁଡ଼ିଏ ପ୍ରମୁଖ ସଂଶୋଧନ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ, ଆତ୍ମସମର୍ପଣ କରିବା ପରେ ନିର୍ଦ୍ଦିଷ୍ଟ ବର୍ଗର ମାଓବାଦୀମାନେ କୋଟିପତି ହୋଇପାରିବେ। ଏପରି ଲୋଭନୀୟ ସଂଶୋଧନ କରି ରାଜ୍ୟ ସରକାର ଅଧିକରୁ ଅଧିକ ମାତ୍ରାରେ ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ସକାଶେ ଲକ୍ଷ୍ୟ ରଖିଛନ୍ତି।

ଏହି ସଂଶୋଧନ ଫଳରେ ଏଣିକି ଓଡ଼ିଶାରେ ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ଜାତୀୟ ସ୍ତରର ସୁବିଧାସୁଯୋଗ ମିଳିବ। ଆତ୍ମସମର୍ପଣ କରୁଥିବା କୌଣସି ମାଓବାଦୀଙ୍କୁ ୬୦ ଦିନ ଭିତରେ ଥଇଥାନ ପ୍ୟାକେଜ୍ ମିଳିବ। ଏଥିରେ ସର୍ବାଧିକ ପୁରସ୍କାର ରାଶି କେନ୍ଦ୍ରୀୟ କମିଟି ପଲିଟ୍‌ବ୍ୟୁରୋ ସଦସ୍ୟଙ୍କୁ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ସେହିପରି ରାଜ୍ୟସ୍ତରର ପଲିଟ୍‌ବ୍ୟୁରୋ ସଦସ୍ୟଙ୍କୁ ୫୫ ଲକ୍ଷ ଏବଂ ଆଞ୍ଚଳିକ ସ୍ତରର ପଲିଟ୍‌ବ୍ୟୁରୋ ସଦସ୍ୟଙ୍କୁ ପୁରସ୍କାର ବାବଦରେ ୩୩ ଲକ୍ଷ ଟଙ୍କା ମିଳିବ। ଏହାଛଡ଼ା ଯେଉଁସବୁ ମାଓବାଦୀଙ୍କ ମୁଣ୍ଡରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବ, ଆତ୍ମସମର୍ପଣ କ୍ଷେତ୍ରରେ ସେମାନଙ୍କୁ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ସ୍ଥାୟୀ ଜମା ଆକାରରେ ପ୍ରଦାନ କରାଯିବ। ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ବି ରଖାଯାଇଛି। ଏଥିରେ ଲାଇଟ୍ ମେସିନ୍ ଗନ୍ (ଏଲ୍ଏମ୍ଜି) ପାଇଁ ୪.୯୫ ଲକ୍ଷ, ଏକେ-୪୭ ପାଇଁ ୩.୩୦ ଲକ୍ଷ, ଇନ୍‌ସାସ୍ କିମ୍ବା ଏସ୍ଏଲ୍ଆର୍ ପାଇଁ ୧.୬୫ ଲକ୍ଷ, ଗେନେଡ୍ ପିଛା ୫୫୦ ଓ ଗୁଳି ପିଛା ୫୫ ଟଙ୍କାର ସହାୟତା ମିଳିବ। ଯେଉଁ ମାଓବାଦୀମାନେ ବିନା ଅସ୍ତ୍ରରେ ଆତ୍ମସମର୍ପଣ କରିବେ, ସେମାନଙ୍କୁ ମଧ୍ୟ ୨୫ ହଜାର ଟଙ୍କାର ସହାୟତା ଦିଆଯିବ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।



### କାନ ଡେରିଥା

ଫୁଲ ନାଆ ଏବେ ଭାରି ପଡ଼ିଲାଣି
ଭର୍ତ୍ତି ହେବାରେ ଲାଗିଛି
କର୍ମୀ ଥଇଥାନ ହୋଇ ନପାରିଲେ
ତଳ ସ୍ତର ଭାଙ୍ଗି ଯାଉଛି
ପ୍ରକୃତ କର୍ମୀଟି ଭୋଗୁଛି...
ରାତି ଅଧେ ଯିଏ ବାନା ମାରୁଥିଲା
ଏବେ ସିଏ ତଡ଼ା ଖାଉଛି।

■ ଦେବାଶିଷ

### ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କ ରାଉଣ୍ଡ ଟେବୁଲ

# ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ 'ସ୍ୱଦେଶୀ ଏଆଇ'




**ଡିପିଆଇ ଗଠନ ପାଇଁ ସହାୟତା ପ୍ରତିଶ୍ରୁତି**

**ନୂଆଦିଲ୍ଲୀ,୧୧।୨:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆଇଆଇଟି ଦିଲ୍ଲୀ ଗସ୍ତ କରି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ଭାରତୀୟ ଏଆଇ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାମାନଙ୍କ ସହ ଏକ ରାଉଣ୍ଡ୍ ଟେବଲ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଦେଶର ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବାରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଫଳତଃ 'ସ୍ୱଦେଶୀ ଏଆଇ' ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ।

'ଭାରତରୁ ବିଶ୍ୱ ପାଇଁ' ଆଭିମୁଖ୍ୟ ରଖି କାର୍ଯ୍ୟ କରୁଥିବା ଏହି ଷ୍ଟାର୍ଟ-ଅପ୍‌ଗୁଡ଼ିକ ବିଶେଷକରି ଶିକ୍ଷା ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ଉପରେ ଦୃଷ୍ଟି ନିବଦ୍ଧ କରୁଛନ୍ତି। ଏହି ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାମାନେ ମଧ୍ୟବିତ୍ତ ପରିବାର ଓ ଟିୟର-୩ ସହରରୁ ଆସିଥିବାରୁ ଶ୍ରୀ ପ୍ରଧାନ ଖୁସି ବ୍ୟକ୍ତ କରିଛନ୍ତି। ଭାରତର ବାସ୍ତବ ଶିକ୍ଷାଗତ ସମସ୍ୟା ସମାଧାନ କରିବାରେ ସେମାନଙ୍କ ବୁଝାମଣାକୁ ସେ ପ୍ରଶଂସା କରିଛନ୍ତି। ଭାରତୀୟ ସଂସ୍କୃତି, ଭାଷା ଓ ପ୍ରସଙ୍ଗକୁ ଆଧାର କରି ନୂତନ ସମାଧାନ ପ୍ରସ୍ତୁତ କରିବାକୁ ସେ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଛନ୍ତି। ଭାରତର ବୈଷୟିକ ସାର୍ବଭୌମତ୍ୱ ଏବଂ ଶିକ୍ଷା କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ) ଗଠନ ପାଇଁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଆଇଟି ଦିଲ୍ଲୀ ପରିସରରେ ଏକ ନୂତନ ଏକାଡେମିକ୍ ବ୍ଲକ ଓ ଏକ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ ➪ପୃଷ୍ଠା-୬

### ଆଇଏଏସ୍ ସ୍ତରରେ ପୁଣି ଅଦଳବଦଳ

# ଭୁପିନ୍ଦର ପୁନିଆଙ୍କୁ କ୍ରୀଡ଼ା ବିଭାଗ ଅତିରିକ୍ତ ଦାୟିତ୍ୱ





- ବିଡିଏ ଉପାଧ୍ୟକ୍ଷ ଦାୟିତ୍ୱରୁ ହଟିଲେ ରଶ୍ମିତା ପଣ୍ଡା
- ଇଡକୋ ଏମ୍‌ଡ଼ି ହେଲେ ଡି ପ୍ରଶାନ୍ତ ରେଡ୍ଡୀ

**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ସପ୍ତାହକ ବ୍ୟବଧାନରେ ରାଜ୍ୟ ସରକାର ପୁଣିଥରେ ଆଇଏଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି । ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ ଆଇଏଏସ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିରୋଧୀ ଦଳରେ ରହି ବି ସମଦୂରତା



**ନବୀନଙ୍କ ବେଣ୍ଟ ଆମିଷ, ଚଟୁ ନିରାମିଷ**

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକଙ୍କ ସମଦୂରତା ନୀତିର ରାଜନୀତି ଆଜି ପର୍ଯ୍ୟନ୍ତ କେହି ବୁଝିପାରିଲେ ନାହିଁ। ସରକାରରେ ଥିବା ସମୟରେ ବିଜେପି ଓ କଂଗ୍ରେସଠାରୁ ସମଦୂରତା ଅବଲମ୍ବନ କରିବା କଥା କହୁଥିଲେ। ଏବେ ବି ସେଇ ବୀଣା ବଜାଉଛନ୍ତି ନବୀନ। ହେଲେ ସେତେବେଳେ ଯେମିତି କେନ୍ଦ୍ରର ସବୁ ବିଲ୍‌କୁ ସମର୍ଥନ କରୁଥିଲେ, ଏବେ ସେହିଭଳି ବିରୋଧୀ ଦଳରେ ଥାଇ ମଧ୍ୟ ସଂସଦରେ ବିରୋଧର ସ୍ୱର ଉଠୁନାହିଁ।

ବର୍ତ୍ତମାନ ସଂସଦରେ ପୂର୍ବତନ ସେନା ମୁଖ୍ୟଙ୍କ ବିବାଦୀୟ ଅପ୍ରକାଶିତ ପୁସ୍ତକକୁ ନେଇ ଘମାଘୋଟ ଲଢ଼େଇ ଚାଲିଛି। ଆମେରିକା ସହ ବାଣିଜ୍ୟିକ ଡିଲ୍‌କୁ ନେଇ ମଧ୍ୟ ସଂସଦ ଉଠୁଛି ପଡୁଛି। ଲୋକସଭା ବାଚସ୍ପତିଙ୍କ ଭୂମିକାକୁ ନେଇ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। କେନ୍ଦ୍ରୀୟ ବଜେଟର ବିଭିନ୍ନ ଦିଗକୁ ନେଇ ସଂସଦର ଉଭୟ ଗୃହରେ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରୁଛନ୍ତି ବିରୋଧୀ। ହେଲେ ବିଜେଡିର ସ୍ୱର ଉଠୁନାହିଁ। ଏହିସବୁ ପ୍ରସଙ୍ଗରେ ବିଜେପି ନା ଏନଡିଏକୁ ସମର୍ଥନ କରୁଛି ନା ବିରୋଧ କରୁଛି। ବିରୋଧୀ ଦଳ ଭାବେ ବିଜେଡି ରାଜ୍ୟସଭାରେ ଅନ୍ତତଃ କେନ୍ଦ୍ରୀୟ ବଜେଟର ବିଭିନ୍ନ ଦିଗ ହେଉ କି ଆମେରିକା ସହ ଡିଲକୁ ନେଇ ସ୍ୱର ଉଠାଇବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ।

ହେଲେ ବିଜେଡି ଏସବୁ ପ୍ରସଙ୍ଗକୁ ଛୁଉଁନାହିଁ। ଯଦିଓ ଲୋକସଭାରେ ବିଜେଡିର ଜଣେ ବି ସାଂସଦ ନାହାଁନ୍ତି, ରାଜ୍ୟସଭାରେ ୭ ଜଣ ସାଂସଦ ଥିଲେ ମଧ୍ୟ ସେମାନେ ସ୍ୱର ଉଠାଉନାହାଁନ୍ତି। କଂଗ୍ରେସର ୮ ଜଣ ସାଂସଦଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସଂସଦ ବାହାରେ ମଧ୍ୟ ବିରୋଧ କରୁନି ବିଜେଡି। ନବୀନଙ୍କ ସମଦୂରତା ନୀତି କ'ଣ ବିରୋଧୀ ଦଳରେ ରହିଲେ ମଧ୍ୟ ପରୋକ୍ଷ ସମର୍ଥନ କି ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି।

ବିଜେଡିର ସାଂସଦମାନେ ରାଜ୍ୟସଭାରେ ଯେଉଁସବୁ ପ୍ରସଙ୍ଗ ଉଠାଉଛନ୍ତି, ତାହା ଚିରାଚରିତ ପ୍ରସଙ୍ଗ। ରାଜ୍ୟର ଆଦିବାସୀ ସମସ୍ୟା ହେଉ କି ଚାଷୀ, ରେଳବାଇ, ସଡ଼କ ସଂଯୋଗ ଏସବୁ ପ୍ରସଙ୍ଗ ଗତ ୧୦ ବର୍ଷ ହେଲା ବିଜେଡି ସଂସଦରେ ଉଠାଇଆସୁଛି। କେବଳ କିଛି ଶବ୍ଦ ଓ ପରିସଂଖ୍ୟାନରେ ହୁଏତ ପରିବର୍ତ୍ତନ ହୋଇଛି। ଦେଶର ସୁରକ୍ଷା ଓ ସ୍ୱାର୍ଥ ସମ୍ପର୍କିତ କୌଣସି ପ୍ରସଙ୍ଗ ବିଜେଡି ଉଠାଉନାହିଁ। ଏହା ବିଜେଡି ସାଂସଦଙ୍କ ଅଜ୍ଞାନତା କି ଏନେଇ ନେତାଙ୍କ ଭିନ୍ନ ନିର୍ଦ୍ଦେଶ ରହିଛି, ତାହା ସ୍ପଷ୍ଟ ହୋଇପାରୁନାହିଁ। ➪ପୃଷ୍ଠା-୬

## ବିଜେପି ପକ୍ଷରୁ ସମର୍ପଣ ଦିବସ ପାଳନ




**କେନ୍ଦ୍ରାପଡା,୧୧।୨(ସଂଚାର ବ୍ୟୁରୋ):** ସମାଜର ତଳ ସ୍ତରରେ ଥିବା ବ୍ୟକ୍ତି ପାଖରେ ପହଁଚି ତାର ସମସ୍ୟା ସମାଧାନରେ ଉଦ୍ୟମ କରିବା ଓ ସରକାରଙ୍କ ପ୍ରଦତ ସମସ୍ତ ସୁବିଧା ସୁଯୋଗ ପହଁଚାଇବା ନିତ୍ୟାନ୍ତ ଆବଶ୍ୟକ । ଏହି କାର୍ଯ୍ୟ ପାଇଁ ସଂଗଠନ ର କର୍ମକର୍ତା ମାନେ ଉଦ୍ୟମ ଜାରି ରଖିଲେ ତାହାହିଁ ହେବ ପଣ୍ଡିତ ଦୀନଦୟାଲ ଉପାଧାୟଙ୍କ ପ୍ରତି ପ୍ରକୃତ ସମ୍ମାନ । ଏଥିପାଇଁ ନିଜର ସବୁକିଛି ସପର୍ମଣ କରିବାକୁ ଉଦ୍ୟମ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି ରାଜ୍ୟର ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ । କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସମର୍ପଣ ଦିବସ ଅବସର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉପସ୍ଥିତ କର୍ମୀ ଓ କାର୍ଯ୍ୟକର୍ତା ମାନଙ୍କୁ ଏହିଭଳି ଉଦବୋଧନ ଦେଇଥିଲେ। ମହାନ ଚିନ୍ତା ନାୟକ ତଥା ଏକାତ୍ମ ମାନବବାଦ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧାୟଙ୍କ ପୁଣ୍ୟତିଥି କୁ ବିଜେପି ସମର୍ପଣ ଦିବସ ଭାବେ ପାଳନ କରୁଛି । ସ୍ଥାନୀୟ ଶ୍ରୀ ବଳଦେବଜୀଉ ମଣ୍ଡପ ପରିସର ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତା ସୁନାକର ବେହେରା ସଂଯୋଜନା କରିଥିଲେ । ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବରିଷ୍ଠ ନେତା ବୈଦ୍ୟନାଥ ଚାଟାର୍ଜୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଗୀତାଞ୍ଜଳୀ ସେଠୀ, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, ଅମିତାବ ସୁଆର, ପ୍ରଶାନ୍ତ ସେଠୀ, ଜୀବନାନନ୍ଦ ସାହୁ, ଉମାକାନ୍ତ ପଟ୍ଟନାୟକ, ତେଜେଶ୍ୱର ପରିଡା, ପ୍ରତିମା ନାୟକ, ମନୀଷା ପଣ୍ଡା, ନୃସିଂହ ପ୍ରସାଦ ପତ୍ରୀ, ଅଭିଷେକ ପଣ୍ଡା, ଝିଲ୍ଲୀ ଦାସ, ରାଜେନ୍ଦ୍ର ପତି, ଲକ୍ଷ୍ମୀକାନ୍ତ ସାହୁ, ଶୁଭକାନ୍ତ ନାୟକ ଓ ପ୍ରତାପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଏସି ତାର ଚୋରି ଅଭିଯୋଗରେ ୩ ଗିରଫ

**ପଟ୍ଟାମୁଣ୍ଡାଇ,୧୧।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌରାଞ୍ଚଳରେ ସିରିଜ ଚୋରି ହୋଇଛି। ପଟ୍ଟାମୁଣ୍ଡାଇ ସହରସମେତ ପୌରାଞ୍ଚଳର ବିଭିନ୍ନ ଅଂଚଳରୁ ଲୁଟେରାମାନେ ୧୦୦ରୁ ଅଧିକ ଏସିରୁ କପର ପାଇପ କାଟି ନେଇଛନ୍ତି । ସମ୍ପ୍ରତି ଥଣ୍ଡା ଲାଗି ରହିଥିବାରୁ ପ୍ରାୟତଃ ବିଭିନ୍ନ ଘର ଓ ଅଫିସରେ ଏସି ଚାଲୁନାହିଁ । ଫଳରେ ଲୁଟେରାମାନେ ଏହାର ଫାଇଦା ଉଠାଇ ପଟ୍ଟାମୁଣ୍ଡାଇ ଆହର କେନ୍ଦ୍ରରୁ ୩ଟି ଏସିର ପାଇପ ତାର, ସମ୍ରାଟ ସେଲୁନର ଏସି ପାଇପ ତାର କଟା ଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଏଲଆଇସି ଅଫିସରୁ ୧୯ଟିରୁ ଅଧିକ ଏସି ପାଇପର ତାର କଟାଯାଇଛି । ସେହିପରି ରିଲାୟନ୍ସ ଫ୍ରେସର ୧୦ଟି ଏସ ପାଇପ ତାର ପୋଖରୀଆପଡା ଇଣ୍ଡିଆନ ବ୍ୟାଙ୍କ ୪ଟି ଏସି ପାଇପ ତାର ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କର ୪ଟି ଏସି ପାଇପ ତାର, ପୋଖରୀଆପଡା ଗ୍ରାମରୁ ୩ଜଣ ଘରୋଇ ବ୍ୟକ୍ତିଙ୍କ ଏସି ପାଇପ ତାର କାଟି ନେଇଛନ୍ତି। ଏହା ବାଦ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଅଫିସରୁ ମଧ ୪ଟି ଏସି ପାଇପ ଚୋରିଛି । ଏ ସମ୍ପର୍କ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏକାଧିକ ଲିଖିତ ଅଭିଯୋଗ କରାଯାଇଛି। ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବିଭିନ୍ନ ସ୍ଥାନ ଚଢାଉ କରି ଏସି ପାଇପ ତାର ଚୋରି କରିଥିବା ୩ଜଣଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାରେ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଥାନା କେଶ ନଂ ୬୦/୨୦୨୬ ରେ ଏକ ମୋକଦମା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଜେରା ପରେ ସମସ୍ତ ପ୍ରମାଣ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ବିଂଝାରପୁର,୧୧।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ସାମଲ ସାହିରେ ଘଟିଥିବା ଜଣେ ବିବାହିତାଙ୍କ ଦରପୋଡ଼ା ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଚଞ୍ଚଳତା ପ୍ରକାଶ ପାଇଛି। ଘଟଣାଟି ସନ୍ଦେହଜନକ ହେବା ସହ ବଧୂହତ୍ୟା ଅଭିଯୋଗ ଆସିଥିବାରୁ ପୋଲିସ ତଦନ୍ତକୁ ତିବ୍ର କରିଛି। ଏହି ମାମଲାରେ ମୃତକଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ମୃତକା କୁନିତା ସାମଲ (୩୫), ଦୀନବନ୍ଧୁ ସାମଲଙ୍କ ସ୍ତ୍ରୀ। କୁନିତାଙ୍କ ବାପଘର କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ଅଞ୍ଚଳରେ ଅବସ୍ଥିତ। ପ୍ରାୟ ୧୫ ବର୍ଷ ପୂର୍ବେ ସେ ଜରି ପଞ୍ଚାୟତର ଦ୍ୱାରିକା ସାମଲଙ୍କ ପୁଅ ଦୀନବନ୍ଧୁଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଆଜି ସକାଳେ ଶାଶୁଘର ପକ୍ଷରୁ କୁନିତାଙ୍କ ବାପଘରକୁ ଫୋନ କରି ତାଙ୍କ ମୃତ୍ୟୁ ସମ୍ବନ୍ଧରେ ଜଣାଇଥିଲେ। ଖବର ପାଇ ବାପଘର ଲୋକେ ଘଟଣାସ୍ଥଳକୁ ପହଞ୍ଚି ଘର ଭିତରେ ଦରପୋଡ଼ା ଅବସ୍ଥାରେ ତାଙ୍କ ମୃତଦେହ ଦେଖିଥିଲେ। ଏହା ପରେ ଏହାକୁ ଯୌତୁକ ଜନିତ ହତ୍ୟା ବୋଲି ସନ୍ଦେହ କରି ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ମୃତକଙ୍କ ଭାଉଜ ତପସ୍ୱିନୀ ରାଉତଙ୍କ ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ କୁନିତାଙ୍କୁ ଶଶୁର, ଶାଶୂ ଓ ଦୁଇ ଦିଅର ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଆସୁଥିଲେ। ସମ୍ପ୍ରତି ବାପଘରୁ ୫୦ ହଜାର ଟଙ୍କା ଆଣିବାକୁ ସ୍ୱାମୀ ଚାପ ପକାଉଥିବା କଥା ମଧ ଅଭିଯୋଗରେ ଉଲ୍ଲେଖ ହୋଇଛି। ସେହି ଟଙ୍କାରେ ଦୋକାନ ଆରମ୍ଭ କରିବା ପାଇଁ ଯୋଜନା ଥିବା କୁହାଯାଉଛି। ଖବର ପାଇ ବିଂଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ଏସଆଇ ପାର୍ବତୀ ମଲ୍ଲିକ ଘଟଣାସ୍ଥଳକୁ ପହଞ୍ଚି ପ୍ରାରମ୍ଭିକ ତଦନ୍ତ କରିଥିଲେ। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ପୋଷ୍ଟମର୍ଟମ୍ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ମୃତ କୁନିତାଙ୍କ ପଛରେ ୧୪ ବର୍ଷର ପୁଅ ଓ ୭ ବର୍ଷର ଝିଅ ରହିଛନ୍ତି।

## ନାବାଳିକାକୁ ଅସଦାଚରଣ ଅଭିଯୁକ୍ତକୁ ବର୍ଷେ ଜେଲଦଣ୍ଡାଦେଶ

**ଢେଙ୍କାନାଳ,୧୧।୨(ସଂଚାର ବ୍ୟୁରୋ):** ଜଣେ ନାବାଳିକାକୁ ଅସଦାଚରଣ ହୋଇଥିବା ଅଭିଯୋଗକୁ ପୋକ୍ସ କୋର୍ଟ ବିଚାରପତି ସୁଶିଲ୍ କୁମାର ସାହୁ ବିଚାର କରି ଅଭିଯୁକ୍ତ କ୍ଷୀରୋଦ ପ୍ରଧାନକୁ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୨୨ମସିହା ଡିସେମ୍ବର ୧୧ତାରିଖ ଦିନ ସକାଳେ ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଚଂଳର ରୋହିତ ପ୍ରଧାନଙ୍କ ନାବାଳିକା ଝିଅ ଘରେ ଏକୁଟିଆ ଥିବା ସମୟରେ କ୍ଷିରୋଦ ତାଙ୍କ ଘରକୁ ଯାଇ ଝିଅକୁ କୁଣ୍ଢାଇ ଅସଦାଚରଣ କରିଥିଲା। ଏହି ଘଟଣାକୁ ନେଇ ପୁଲିସ୍ କେସ୍ ନଂ ୨୦୬/୨୨ ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲେ । ଏହି ମାମଲାକୁ ଆଜି ଜିଲ୍ଲା ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସୁଶିଲ୍ କୁମାର ସାହୁ ବିଚାର କରି ପିଡିତା ସହ ୧୨ ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାଡର ଆଡସିନାଲ ପିପି ସ୍ମିତା ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

**ମହୋତ୍ସବ ନାମରେ ପତିଆରା ଲଢ଼େଇ**

# ଗୋଟିଏ ପଞ୍ଚାୟତ, ପୃଥକ୍ କାର୍ଯ୍ୟକ୍ରମ

**ଗରଦପୁର,୧୧।୨ (ସଂଚାର ବ୍ୟୁରୋ):** ମହୋତ୍ସବ ନାମରେ ନିଜର ପତିଆରା ଦେଖାଇଛନ୍ତି ଦୁଇ ଯୁବନେତା । ଗୋଟିଏ ପଞ୍ଚାୟତ ମାତ୍ର କେଇହାତ ଦୂରରେ ଦୁଇ ଦୁଇଟି ମହୋତ୍ସବ ଏବଂ ସମାନ ତାରିଖ ଓ ସମୟ ମଧରେ ଆୟୋଜନ ହେବା ଗୋଟିଏ ଦଳର ଦୁଇ ଜଣ ନେତାଙ୍କ ନେତୃତ୍ୱରେ ତାହା ଦଳୀୟ କନ୍ଦଳ ବୋଲି ସ୍ପଷ୍ଟ ବାରି ହୋଇ ପଡ଼ିଛି।

ପୂର୍ବରୁ ଗରଦପୁର ପୋଲମୁଣ୍ଡ ଛକ ନିକଟରେ ରାଜ୍ୟସ୍ତରୀୟ ଚିଡ୍ରୋପ୍ଳା ମହୋତ୍ସବ ଆୟୋଜିତ ହୋଇ ଆସୁଛି । କିନ୍ତୁ ଚଳିତ ବର୍ଷ ସମାନ ତାରିଖରେ ଆଉ ଏକ ନୂଆ ଯୁବ ମହୋତ୍ସବ ମୁଣ୍ଡ ଟେକିଛି। ଏହି ମହୋତ୍ସବ ଗରଦପୁର ଯୁବ ମହୋତ୍ସବ ନାମରେ ନାମିତ କରାଯାଇଛି ଯାହାର ପ୍ରତିଷ୍ଠାତା ବିଜେପି ନେତା ତେଜେଶ୍ୱର ପରିଡା ରହିଛନ୍ତି। ପୂର୍ବରୁ ସେହି ଗରଦପୁର ପୋଲ ମୁଣ୍ଡ ଛକ ନିକଟରେ ଚିଡ୍ରୋପ୍ଳା ମହୋତ୍ସବ ଆୟୋଜିତ ହେଉଥିଲା। ସେହି




**ଚିଡ୍ରୋପ୍ଳା ମହୋତ୍ସବ ଭାଙ୍ଗିବାକୁ ବିଫଳ ହେଲେ କୁଚକ୍ରୀ: ବିକ୍ରମ**

କାର୍ଯ୍ୟକ୍ରମରେ ଗତ ବର୍ଷ ମଧ ନିଜେ ତେଜେଶ୍ୱର ଉପସ୍ଥିତ ରହିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ । କିନ୍ତୁ ଚଳିତ ବର୍ଷ ସେହି କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖି ନିଜସ୍ୱ ଏକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଦେଖିବାକୁ ମିଳିଛି। ଏକା ସାଙ୍ଗରେ ଦୁଇ ଦୁଇଟି ମହୋତ୍ସବ ଆୟୋଜନକୁ ନେଇ ପାଟକୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଚିଡ୍ରୋପ୍ଳା ମହୋତ୍ସବଠୁ ତେଜେଶ୍ୱର ଦୂରେଇ ଯାଇଥିବା ବେଳେ ସେହି କାର୍ଯ୍ୟକ୍ରମକୁ ଉମାକାନ୍ତ ପଟ୍ଟନାୟକ ସମ୍ପୂର୍ଣ ସହଯୋଗ କରୁଥିବା ଜାଣିବାକୁ ମିଳିଛି। ଗୋଟିଏ ଦଳର ଦୁଇ ନେତାଙ୍କ ମଧରେ ଏବେ ମହୋତ୍ସବ ନାମରେ ନିଜର ପତିଆରା ଦେଖାଉଛନ୍ତି। ଯାହା ଫଳରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ଚିଡ୍ରୋପ୍ଳା ମହୋତ୍ସବ ରେ ଅତିଥି ଭାବେ ଯୋଗଦେଇଥିବ ବିଜେପି ଦଳର ବରିଷ୍ଠ ନେତା ବିକ୍ରମ ରାଉତରାୟ ନିଜ ଅଭିଭାଷଣରେ କୁଚକ୍ରି ବିଫଳ ହେଲେ ବୋଲି କହିଛନ୍ତି। ଯାହାକୁ ନେଇ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ଉଭୟଙ୍କ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ନେତା ଯୋଗ ଦେଉଥିବା ବେଳେ ସୁନାମ ଧନ୍ୟ କଣ୍ଠଶିଳ୍ପୀ ଓ ଅଭିନେତା ଅଭିନେତ୍ରୀ ମଧ ଯୋଗଦେଇଛନ୍ତି।

## ଓଳାଭର ବଜାର ଉଚ୍ଛେଦ ପ୍ରହସନ ପାଲଟିଲା

**ମାର୍ ମାର୍ ଭଣ୍ଡାରିଆକୁ ମାର୍ ନୀତି ଆପଣେଇଲେ**

**ତହସିଲ ପ୍ରଶାସନ ସନ୍ଦେହ ଘେରରେ**

**ଜୀବିକା ହରାଇଲେ ଛୋଟ ଦୋକାନୀ**

**ରାଜକନିକା,୧୧।୨ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ଓଳାଭର ବଜାର ଉଚ୍ଛେଦ ପ୍ରକ୍ରିୟା ଆଜି ପାଣିଚିଆ ହୋଇ କନିକା ତହସିଲ ସାଧାରଣରେ ସମାଲୋଚିତ ହୋଇଛି। ଜବରଦଖଲକାରୀଙ୍କ ଦୋକାନ ଆଡେ ତିଳେ ମାତ୍ର ଆଡ ଆଖିରେ ନ ଦେଖି କେବଳ କାଠ କେବିନ୍ ଉପରେ ବୁଲଡୋଜର ଚଢାଇ ପ୍ରଶାସନ ନିଜର ପାରିଲାପଣିଆ ଦେଖାଇଛି। ଫଳରେ ଛୋଟମୋଟ ଦୋକାନ କରି ନିଜ ନିଜର ଗୁରୁରାଣ ମେଣ୍ଟାଉଥିବା ଦୋକାନୀ ଜୀବିକା ହରାଇ ପ୍ରଶାସନର ଏଭଳି ହୀନ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଯାହା ଏବେ ସମଗ୍ର ବ୍ଲକରେ ଆଲୋଡନ ସୃଷ୍ଟି କରିଛି।

ଆଜି ପୂର୍ବାହ୍ନ ଦଶ ଘଟିକା ସମୟରେ ତହସିଲ ପ୍ରଶାସନ ଓ ପୁଲିସ୍ ପ୍ରଶାସନ ଆଟପାଟ ନେଇ ବଜାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହା ପୂର୍ବରୁ ବଜାରର ବିଦ୍ୟୁତ ସଂଯୋଗ ବି କାଟି ଦିଆଯାଇଥିଲା। ତା ସହିତ ଦୁଇ ଦୁଇଟି ବୁଲଡୋଜର ବି ଉଚ୍ଛେଦ ପ୍ରକ୍ରିୟାରେ ନିୟୋଜିତ ଥଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ ଏହି ଉଚ୍ଛେଦ ପ୍ରକ୍ରିୟାରେ ଖୋଦ୍ ମାଜିଷ୍ଟ୍ରେଟ୍‌ଙ୍କ ଅନୁପସ୍ଥିତ ଏହି ପ୍ରକ୍ରିୟାର ସ୍ୱଚ୍ଛତା ଆଉ ନିରପେକ୍ଷତା ଉପରେ ନାନାଦି ପ୍ରଶ୍ନ ଉଠାଇ ଏଥିରେ ବହୁ କିଛି ଡିଲ୍ ନେଇ ମଧ ସାଧାରଣରେ ଚର୍ଚ୍ଚା ହେଉଛି। ଯାହାକି କନିକା ତହସିଲ ପ୍ରଶାସନ ଏବେ ସନ୍ଦେହ ଘରକୁ ଆସି ଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ଆଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଦୀନେଶ ପ୍ରଧାନ ଦାୟିତ୍ୱ ନେଇଥିଲେ ବି ସେ ମଧ ସମାଲୋଚିତ ହୋଇଥିଲେ। ଏଥିରେ ଛୋଟମୋଟ ଦୋକାନ କରି ଚଳୁଥିବା ସବୁ ଗରୀବ ଗୁରୁବାଙ୍କ ଦୋକାନ ନିମିଷକେ ମାଟିରେ ମିଶାଇ ଥିଲେ। ହେଲେ ବାମ ପାଖ ସରକାରୀ ଜାଗାରେ ଦୋକାନ ଘର ଗୁଡିକ ଉପରେ ପ୍ରଶାସନ ଅନେଇ ନ ଥିଲା ବୋଲି ଅଭିଯୋଗ ହେଉଛି।

ତେବେ ଉଚ୍ଛେଦ ପାଇଁ ଆବେଦନ କରିଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ ପ୍ରତିପକ୍ଷଙ୍କ ପକ୍ଷରୁ ୨୦ରୁ ୩୦ଜଣ ମାରଣାସ୍ତ୍ର ଧରି ତାଙ୍କୁ ଗୋଡେଇ ମାରିବାକୁ ଆସିଥିବାରୁ ସେ ଭୟରେ ଦୌଡି ପଳାଇ ଆସିଥିଲେ। ବଜାରର ସବୁ ସିସିଟିଭି ଫୁଟେଜ ତଦନ୍ତ କଲେ ଜଣା ପଡିବ ବୋଲି କହିବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଦାବି କରିଥିଲେ। ଆଜିର ଏହି ଉଚ୍ଛେଦ ପ୍ରକ୍ରିୟାରେ କେବଳ ମାର୍ ମାର୍ ଭଣ୍ଡାରିଆକୁ ମାର୍ ନିତିରେ ପ୍ରହସନ ଥିଲା ବୋଲି ଯାହାକି ସାଧାରଣରେ ଚର୍ଚ୍ଚା ହେଉଛି ।

**କଖାରୁଣୀ ସ୍କୁଲରେ ଶିକ୍ଷକ ଅଭାବ ଘଟଣାର ନିଆରା ଢଙ୍ଗରେ ପ୍ରତିବାଦ**

## ମଧ୍ୟାହ୍ନଭୋଜନ ଖାଇଲେନି, ପୋଷାକ ବି ଫେରାଇଦେଲେ



**ପଟ୍ଟାମୁଣ୍ଡାଇ,୧୧।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଘଟଣାର ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଛାତ୍ରଛାତ୍ରୀ। କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଯାହାଫଳରେ ପାଠାପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଜଣେ ସିଆରସିସି ଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। କିନ୍ତୁ ପ୍ରଧାନଶିକ୍ଷକ ସ୍କୁଲର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ୯ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲରେ ପଢାଇବା କଷ୍ଟକର ହୋଇପଡିଛି ।

ଧାନଶିକ୍ଷକକୁ ଛାଡି ୩ଜଣ ଶିକ୍ଷକ ୩ଟି ଶ୍ରେଣୀରେ ପାଠ ପଢାଉ ଥିବାବେଳେ ବାକି ୬ଟି ଶ୍ରେଣୀର ପିଲାମାନେ ଖେଳରେ ବ୍ୟସ୍ତ ରହୁଛନ୍ତି । ଏହି ବିଷୟରେ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ ଓ କଖାରୁଣୀ ଗ୍ରାମ ବାସୀ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କିଛି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଆଜି କଖାରୁଣୀ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସକୁ ଫେରାଇ ଦେଇଛନ୍ତି । ଶିକ୍ଷକ ନିଯୁକ୍ତି ଦାବୀରେ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିଆରା ଢଙ୍ଗରେ ପ୍ରତିବାଦ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ଅର୍ବାନବ୍ୟାଙ୍କ ପକ୍ଷରୁ ଗୋପବନ୍ଧୁ ପାଠାଗାରକୁ ଥଣ୍ଡାପାନୀୟ ମେସିନ ପ୍ରଦାନ




**କେନ୍ଦ୍ରାପଡ଼ା,୧୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୋପବନ୍ଧୁ ପାଠାଗାରକୁ ଏକ ଥଣ୍ଡା ପାନୀୟ ମେସିନ ପ୍ରଦାନ କରାଯାଇଛି । ଅର୍ବାନବ୍ୟାଙ୍କ ସଭାପତି ଗୁରୁ ପ୍ରସାଦ ମହାନ୍ତି ଗୋପବନ୍ଧୁ ପାଠାଗାରକୁ ପରିଦର୍ଶନରେ ଯାଇଥିବା ସମୟରେ ସେଠାରେ ଏକ ଥଣ୍ଡା ପାନୀୟ ମେସିନର ଆବଶ୍ୟକତା ଥିବା ଉପଲବ୍ଧି କରିଥିଲେ । ସେଠାକୁ ପଢିବାକୁ ଆସୁଥିବା ପିଲାମାନଙ୍କ ପାଇଁ ଖରାଦିନେ ଥଣ୍ଡା ପିଇବା ପାଣିର ଆବଶ୍ୟକତା ରହିଛି । ତେଣୁ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅର୍ବାନ ବ୍ୟାଙ୍କ ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ତୁରନ୍ତ ଗୋପବନ୍ଧୁ ପାଠାଗାରରେ ଏକ ଥଣ୍ଡା ପାନୀୟ ମେସିନ ଲଗାଇଥିଲେ । ଏହି ମେସିନକୁ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସିଇଓ ଶ୍ରୀମତୀ ପଣ୍ଡା ଉଦଘାଟନ କରିବା ପରେ ସେହି ପାଠାଗାରର ପାଠକ ଓ ପାଠିକା ମାନେ ସେଥିରୁ ପାଣି ପିଇବା ସହିତ ସେମାନଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି ।

## ମନ୍ଦିରରେ ପୂଜା ଦାବି ନେଇ ଏସ୍‌ପିଙ୍କୁ ଭେଟିଲେ ଦଳିତ ପରିବାର



**କେନ୍ଦ୍ରାପଡା,୧୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ଗ୍ରାମରେ ନିଜସ୍ୱ ପାଣ୍ଠିରେ ଦଳିତ ପରିବାର ନିର୍ମାଣ କରିଥିବା ଶିବ ମନ୍ଦିରରେ ପୂଜା କରିବାକୁ ସ୍ଥାନୀୟ କିଛି ସବର୍ଣ୍ଣ ବ୍ୟକ୍ତି ବିରୋଧ କରିବାରୁ ଦଳିତ ପରିବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିବା ଜଣାପଡିଛି । ଏହି ଦଳିତ ପରିବାର ଦୀର୍ଘ ୩୦ ବର୍ଷ ହେଲା ଉକ୍ତ ମନ୍ଦିରରେ ପୂଜାପାଠ କରି ଆସୁଥିବାବେଳେ ମନ୍ଦିରକୁ ପ୍ରବେଶ ନ କରିବା ପାଇଁ ଏମାନଙ୍କୁ ଧମକ ଚମକ ଦେଉଛନ୍ତି । ଏ ନେଇ ଏହି ପରିବାର ଅଭିଯୁକ୍ତ ମାନଙ୍କୁ ଧରିବା ସହିତ ମନ୍ଦିରରେ ପୂଜାପାଠ କରିବା ପାଇଁ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି ।

## ଅନୁଆପଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ଡେରାବିଶ,୧୧।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ବିଦ୍ୟାଳୟ ଖେଳପଡ଼ିଆରେ ଅନୁଆପଡ଼ା ପ୍ରିମିୟର ଲିଗ୍ ପକ୍ଷରୁ ଆୟୋଜିତ ଦିପ୍ତିକାନ୍ତ ଏବଂ ସୁମନ ଶୁଭାଶିଷ ସ୍ମାରକୀ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଷଷ୍ଠ ବାର୍ଷିକ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗନେଇଥିଲେ। ଫାଇନାଲରେ କଟକ ଜିଲ୍ଲା ମାହାଙ୍ଗାର ହ୍ରିତିକ୍-୧୧ ସହିତ ପୁରୀ ଜିଲ୍ଲା ପିପିଲିର ହିନ୍ଦ ସ୍ପୋଟିଂ ମଧରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ମହାଙ୍ଗା ଟିମ୍ ବିଜୟ ହୋଇ ଚମ୍ପିଆନ୍ ଆଖ୍ୟା ହାସଲ କରିଥିଲା। ଏହି ଉପଲକ୍ଷେ ଅଭିଜିତ ଭଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନ ଓ ସମ୍ମାନିତ ଅତିଥିଭାବରେ ସମାଜସେବୀକା ସସ୍ମିତା ପଣ୍ଡା, ରତାଦିଆ ସରପଞ୍ଚ ଶିଶିର ସାମଲ ଯୋଗଦେଇ ମାହାଙ୍ଗା ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ପିପିଲି ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବରେ ତାପସ ଭଦ୍ର, ନିହାର ରଞ୍ଜନ ସାମଲ ଓ ସ୍କୋରର ଭାବରେ ପ୍ରତିକ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବିକାଶ ଭଦ୍ର, ଆଶିଷ ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

**ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁସୂଚିତ ଜାତିର ଯୁବତୀ ସହାୟିକା ନିଯୁକ୍ତି ପ୍ରସଙ୍ଗ**

## ଗାଁରେ ପହଞ୍ଚିଲା ପ୍ରଶାସନ, ଆଲୋଚନାକୁ ଆସିଲେନି ଗ୍ରାମବାସୀ



**ରାଜନଗର,୧୧।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଘଡ଼ିଆମାଳ ପଂଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଅନୁସୂଚିତ ଜାତିର ଯୁବତୀ ସହାୟିକା ଭାବେ ନିଯୁକ୍ତି ପାଇବାରୁ ଗ୍ରାମବାସୀ ଶିଶୁଙ୍କୁ ପଢିବାକୁ ଛାଡୁ ନାହାନ୍ତି। ସହାୟିକାଙ୍କ ହାତରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଖାଦ୍ୟ ବି ଗ୍ରହଣ କରୁନାହାନ୍ତି। ପରମ୍ପରା ଓ ଜାତିପ୍ରଥାକୁ ନେଇ ୮୩ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରରେ ତାଲା ଝୁଲୁଛି। ଏ ନେଇ ଗଣମାଧମରେ ଲଗାତର ଖବର ପ୍ରକାଶ ପାଇବା ପରେ ଆଜି ଜିଲ୍ଲା ପ୍ରଶାସନ ଗାଁରେ ପହଞ୍ଚିଛି। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଟିମ ପହଞ୍ଚିଥିଲେ ମଧ ଗ୍ରାମବାସୀ ଆଲୋଚନାକୁ ଆସିନଥିଲେ। ଅଙ୍ଗନବାଡି କର୍ମୀ, ସୁପରଭାଇଜର ଘର ଘର ବୁଲି ଗାଁ ଲୋକଙ୍କୁ ଡ଼ାକିଥିଲେ ମଧ କେହି ଆଲୋଚନାକୁ ଆସିନଥିଲେ। ଗ୍ରାମବାସୀ ଆଲୋଚନାକୁ ନଆସିବାରୁ ଏହି ସଙ୍ଗିନ ଘଟଣାକୁ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରିଭୂତ ହୋଇଛି।

ଆଜି କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ସିଡିପିଓ ଦୀପାଳି ମିଶ୍ର, ସୁପରଭାଇଜର ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିଥିଲେ। ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର ମଧ ଉପସ୍ଥିତ ଥିଲେ। ଦୀର୍ଘ ସମୟ ଧରି ଉପଜିଲ୍ଲାପାଳ ଅପେକ୍ଷା କରିଥିଲେ ମଧ ଗ୍ରାମବାସୀ ଆଲୋଚନାକୁ ଆସିନଥିଲେ। ଉପଜିଲ୍ଲାପାଳ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସହାୟିକାଙ୍କ ନିଯୁକ୍ତି ଫାଇଲର କାଗଜପାତ୍ର ଯାଞ୍ଚ କରିଥିଲେ। ନିୟମ ଅନୁସାରେ ସହାୟିକା ନିଯୁକ୍ତି ହୋଇଛି। ଆଜି ଉପଜିଲ୍ଲାପାଳ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦେବେ। ଗ୍ରାମବାସୀ ଯଦି ସରକାରଙ୍କ ନିୟମ ନମାନନ୍ତି ପ୍ରଶାସନ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜିଲ୍ଲାସ୍ତରୀୟ ଡାହାଣୀ କୁପ୍ରଥା ସଚେତନତା କର୍ମଶାଳା



**ଯାଜପୁର,୧୧।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଅତିଥି ରୂପେ ଯୋଗ ଦେଇ ଡାହାଣୀ କୁପ୍ରଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାହୁ କହିଥିଲେ ଯେ ଡାହାଣୀ ପ୍ରଥା ସମାଜର ଏକ ବ୍ୟାଧି । ନିଃସହାୟ ମହିଳା ଏଥିରେ ଶିକାର ହୁଅନ୍ତି, ନିର୍ଯାତିତା ହୁଅନ୍ତି। ସେମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ। ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍ଗ ଦେବା ଏସବୁ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସ। ବରଂ ଶରୀରରେ ରୋଗ ହେଲେ ଡ଼ାକ୍ତରଖାନା ଯିବା ଉଚିତ ବୋଲି ସେ କହିଥିଲେ। ସେହିପରି କୋରେଇ ବିଡ଼ିଓ ଶ୍ରୀ ସାହୁ କହିଥିଲେ ଯେ ମହିଳା ଓ ଶିଶୁ ଏଥିରେ ବିଶେଷ ଭାବେ ପ୍ରଭାବିତ ହୁଅନ୍ତି। ଏହି ଅନ୍ଧବିଶ୍ୱାସକୁ ରୋକିବା ପାଇଁ ବିଜ୍ଞାନ ଶିକ୍ଷାର ପ୍ରଚାର ପ୍ରସାର ସହ ତୃଣମୂଳ ସ୍ତରରେ ସଚେତନତାର ଆବଶ୍ୟକତା ରହିଛି। ଏହି କର୍ମଶାଳାରେ ବିଶେଷଜ୍ଞ ଏବଂ ଆଇନଜୀବୀ ଯୋଗ ଦେଇ ଓଡ଼ିଶା ପ୍ରିଭେନସନ୍ ଅଫ୍ ୱିଚ ହଣ୍ଟିଂ ଆକ୍ଟ, ୨୦୧୩, ଭାରତୀୟ ନ୍ୟାୟ ସଂହିତାରେ ଥିବା ପ୍ରାବଧାନ, ଆଇନ କାନୁନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୋଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍ - ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ରାମଚଣ୍ଡୀ ଶିକ୍ଷା ନିକେତନର ୧୯୯୧ ବ୍ୟାଚ୍ ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୧୧।୨ (ସଂଚାର ବ୍ୟୁରୋ):** ରାମଚଣ୍ଡୀ ଶିକ୍ଷା ନିକେତନର ଉଣେଇଶ ୧୯୯୧ ଶିକ୍ଷାବର୍ଷର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଓଳାଶୁଣି ଠାରେ ଅନୁଷ୍ଠିତ ହୋଯାଇଛି । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ପୀଠରେ ଦିବଂଗତ ଶିକ୍ଷକ ଓ ଛାତ୍ରମାନଙ୍କର ଅସମୟରେ ମୃତ୍ୟୁବରଣ କରିଥିବା ଦିବଂଗତ ମାନଙ୍କର ସହପାଠୀ ମାନେ ସ୍ମୃତି ଚାରଣ ଓ ନୀରବ ପ୍ରାର୍ଥନା କରିବା ସହିତ ସମୂହ ଦୀପ ଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବନ୍ଧୁ ସୁଧୀର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତିସଭାରେ ସମାଜ ସେବୀ ନିର୍ମଳ ମଲ୍ଲ.ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ରାଉତ ଦନୁଜ ନାୟକ, ଦିଲ୍ଲିପ କୁମାର ସିଂ,ମନୋରଞ୍ଜନ ଗିରି, ଦିପକ ଜେନା, ଅରୁଣ ମହାପାତ୍ର, ସୁଜାତା ସାହୁ,ବିକୁ ରାଉତ,ସସ୍ମିତା କବି, ପାବିର ସିଂ, ରଞ୍ଜିତ ମଳିକ ପ୍ରମୁଖ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ପରିଶେଷରେ ଓଳାଶୁଣି ପୀଠର ପାଦଦେଶରେ ଥିବା ମଙ୍ଗଳା ମଣ୍ଡପରେ ସ୍ମୃତି ରଞ୍ଜନ ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ସଂସ୍କୃତିକ କାର୍ଯ୍ୟକ୍ରମକୁ ସୁନୀଳ ଦାସ ଏବଂ ସୁଶୀଳ ସିଂ ପରିଚାଳନା କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ।



# ଜାତୀୟ ଜାଇକା ବନୀକରଣ କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଆଜି ଏଠାରେ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପର ଚତୁର୍ଦ୍ଦଶ ଜାତୀୟ କର୍ମଶାଳା ଆରମ୍ଭ ହୋଇଯାଇଛି। ଚଳିତ ବର୍ଷର ପ୍ରାସଙ୍ଗିକ ବିଷୟବସ୍ତୁ 'ଭବିଷ୍ୟତ ପାଇଁ ପ୍ରସ୍ତୁତ ବନୀକରଣ: ଜଳବାୟୁ ସହନଶୀଳତା, ଡିଜିଟାଲ ରୂପାନ୍ତରଣ ଏବଂ ସ୍ଥାୟୀ କାଷ୍ଠ ଅର୍ଥନୀତି' ଉପରେ ଆଧାରିତ ହୋଇଥିବା ବେଳେ କାର୍ଯ୍ୟକ୍ରମଟି ଦେଶର ବନୀକରଣ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ସ୍ଥାୟୀ ବିକାଶର ସମନ୍ୱୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳା ଓଡ଼ିଶା ବନ ପ୍ରକଳ୍ପ ଉନ୍ନୟନ ସଂସ୍ଥା (ଓଏଫ୍‌ଏସଡିପି) ଓ ଜାପାନ ଇଣ୍ଟରନ୍ୟାସନାଲ କୋପରେସନ ଏଜେନ୍ସି (ଜାଇକା) ପକ୍ଷରୁ ମିଳିତ ଭାବେ ଆୟୋଜିତ ହେଉଛି।

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କର୍ମଶାଳାକୁ ଉଦଘାଟନ କରି କହିଛନ୍ତି ଯେ ବିଶ୍ୱ ଜଳବାୟୁ ସଙ୍କଟର ମୁକାବିଲା, ପରିବେଶ ସୁରକ୍ଷା ଓ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ନିର୍ବାହ କ୍ଷେତ୍ରରେ ସୁସ୍ଥ ବନ୍ୟ ପରିସଂସ୍ଥାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଆନ୍ତର୍ଜାତିକ ସହଯୋଗର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ କରିବା ସହ ଭାରତର ପ୍ରାକୃତିକ ସମ୍ପଦ ଓ ଅସହାୟ ଲୋକଙ୍କ ସୁରକ୍ଷା ପାଇଁ ଜାପାନ ସରକାର ଓ ଜାଇକାର ନିରନ୍ତର ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି। ଏହି ସହଭାଗିତା ଆଦିବାସୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗର ସ୍ୱାର୍ଥ ରକ୍ଷା କରିବାରେ ସହାୟକ ହୋଇଛି। ଓଏଫ୍‌ଏସଡିପି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ବର୍ଷ ମାର୍ଚ୍ଚରେ ଶେଷ ହେବାକୁ ଯାଉଥିବାରୁ ସେ ଏହାର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସ ପାଳିତ

# ମହିଳା-ନେତୃତ୍ୱାଧୀନ ବିକାଶକୁ ବିଶ୍ୱାସ କରୁଛନ୍ତି ସରକାର

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର କେବଳ ମହିଳା ବିକାଶ ନୁହେଁ, ବରଂ 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି। ମହିଳାଙ୍କ ବିରୋଧରେ ହେଉଥିବା ହିଂସା, ଅପରାଧ ଓ ଲିଙ୍ଗଗତ ବୈଷମ୍ୟକୁ ସମ୍ପୂର୍ଣ୍ଣ ଦୂର କରି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଅଧକ୍ଷା ଶୋଭନା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଆୟୋଗର ବାର୍ଷିକ ରିପୋର୍ଟ, ନ୍ୟୁଜଲେଟର 'ବିଜୟିନୀ', 'ପାସପୋର୍ଟ ଟୁ ୱିମେନ ଏମପାୱାରମେଣ୍ଟ' ଓ ନୂତନ ୱେବସାଇଟ୍‌ର ଲୋକାର୍ପଣ କରିଛନ୍ତି। ଏହାଛଡ଼ା ସଫଳ ଦମ୍ପତିଙ୍କୁ ନେଇ ଏକ ସଂକଳନ 'ପୁନର୍ମିଳନ' ମଧ୍ୟ ଉନ୍ମୋଚିତ

- ମହିଳାଙ୍କ କଲ୍ୟାଣ ଦ୍ୱାରା ହିଁ ସୁସ୍ଥ ରାଷ୍ଟ୍ର ଗଠନ ସମ୍ଭବ: ସ୍ୱାସ୍ଥ୍ୟ ମନ୍ତ୍ରୀ
- ଦକ୍ଷତା ବିକାଶ ଜରିଆରେ ମହିଳାଙ୍କୁ ସଶକ୍ତ କରାଯାଉଛି: ଶିଳ୍ପ ମନ୍ତ୍ରୀ



ଉପରେ ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସରେ ଗୁରୁତ୍ୱାରୋପ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହି ଅବସରରେ ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ, ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏବଂ ରାଜ୍ୟ ମହିଳା ଆୟୋଗର ହୋଇଛି। ଆୟୋଗଙ୍କୁ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନିଜ ଆଖିରୁ ଲୁହ ପୋଛି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିବଦ୍ଧ ଓ ସେମାନଙ୍କ ସଶକ୍ତିକରଣ ପାଇଁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ଏକ ସୁସ୍ଥ ରାଷ୍ଟ୍ରର ଗଠନ ସୁସ୍ଥ ରାଜ୍ୟରୁ ହିଁ ଆରମ୍ଭ ହୋଇଥାଏ ଓ ମହିଳାମାନଙ୍କ କଲ୍ୟାଣ ସୁନିଶ୍ଚିତ ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ସେ ସରକାରଙ୍କ ବିଭିନ୍ନ ଜନହିତକର ପଦକ୍ଷେପ, ବିଶେଷକରି 'ଖୁସି' ଯୋଜନା ଅଧୀନରେ କିଶୋରୀମାନଙ୍କୁ ମାଗଣା ସାନିଟାରୀ ନାପକିନ ପ୍ରଦାନ କରାଯାଉଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କୃମିମୁକ୍ତ ଓଡ଼ିଶା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ୧ରୁ ୧୯ ବର୍ଷ ବୟସର ପିଲାଙ୍କୁ ଓ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ ଏହି ଔଷଧ ବଣ୍ଟନ କରାଯାଉଛି। ଏହି ଅବସରରେ ସେ ଆୟୋଗର ସଦସ୍ୟମାନଙ୍କୁ ନିଷ୍ଠାପର ଉଦ୍ୟମ ଜାରି ରଖିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ଛାତ୍ରୀମାନେ ଗୌରବାନ୍ୱିତ କରିଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ଏସୟୁଜେ ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବ

# ଭୁଲ ଖବର ସମାଜ ପାଇଁ ବିପଦ

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ସାମ୍ବାଦିକମାନେ ଜୀବନକୁ ବିପନ୍ନ କରି ଖବର ପରିବେଷଣ କରୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳୁନି। ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ଚତୁର୍ଥ ସ୍ତମ୍ଭ ଦୋଷଦୁର୍ବଳତା ପଦାକୁ ଆଣିଲେ ଅନ୍ୟ ୩ଟି ସ୍ତମ୍ଭ ସୁଦୃଢ଼ ହୋଇଥାଏ। ତେଣୁ ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହ ସେମାନଙ୍କ ସୁରକ୍ଷା ଓ ଜୀବନଜୀବିକା ପ୍ରତି ସଚେତନ ହେଲେ ସାମ୍ବାଦିକମାନେ ଅଧିକ ଉତ୍ସାହିତ ହେବେ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସତ ଖବର ପ୍ରଗତିରେ ସହାୟକ ହେଉଥିବା ବେଳେ ଭୁଲ ଖବର ସମାଜ ପାଇଁ ବିପଦ



ସୃଷ୍ଟି କରିଥାଏ ବୋଲି କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମୁଖ୍ୟ ମାତୃ ପ୍ରାସାଦ ମିଶ୍ର, ଚିକିତ୍ସକ ମାଧବ ନାୟକ, ଏସୟୁଜେ ଉପସଭାପତି ବାସୁଦେବ ତ୍ରିପାଠୀ, ଏନୟୁଜେର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ଜାତୀୟ ସମ୍ପାଦକ ବବୁଲ ସିଂ, ମୁଖ୍ୟ ବକ୍ତା ଭାବେ ଧୂରୀଣ ସାମ୍ବାଦିକ ଶିଶିର ଭଟ୍ଟମିଶ୍ର ଯୋଗଦେଇଥିବା ବେଳେ ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ଉପସଭାପତି ବାସୁଦେବ ତ୍ରିପାଠୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ଉପସ୍ଥିତ ଥିଲେ।

ମୁଖପତ୍ର 'ସଙ୍କଳ୍ପ' ଉନ୍ମୋଚିତ ହୋଇଥିବା ବେଳେ ଉପସଭାପତି ରାଧାଶ୍ୟାମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରୟାଗରାଜ କର, ଦିଲୀପ ମିଶ୍ର, ରାଜ୍ୟ କର୍ମକର୍ତ୍ତା ଶଶାଙ୍କ ଶେଖର ଝାଙ୍କର, ସନ୍ତୋଷ ସ୍ୱାଇଁ, ରମେଶ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଉପସଭାପତି ସମରେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଏମ୍‌ସି-ଏନ୍‌ଏଫ୍‌ଟି ବୁଝାମଣା

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଆହୁରି ସବୁଜ ସୁନ୍ଦର ହେବ ରାଜଧାନୀ ଭୁବନେଶ୍ୱର। ଜୟଦେବ ବିହାରର ଛକକୁ କଳିଙ୍ଗ ହସପିଟାଲ ଛକ ପର୍ଯ୍ୟନ୍ତ ରାସ୍ତାର ମଧ ଭାଗର ସୌନ୍ଦର୍ଯ୍ୟକରଣ କରିବ ନାଲକୋ ଫାଉଣ୍ଡେସନ ଟ୍ରଷ୍ଟ। ଏନେଇ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ନାଲକୋ ଫାଉଣ୍ଡେସନ୍ ଟ୍ରଷ୍ଟ (ଏନ୍‌ଏଫ୍‌ଟି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରର ଦୁଇଟି ପ୍ରମୁଖ ଅଞ୍ଚଳ ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ରାସ୍ତାର ମଧ ଭାଗ ୨,୫୦୦ ବର୍ଗମିଟର୍ ଓ ଜୟଦେବ ବିହାର ଜଙ୍କସନ୍ ଚାରିପାଖର ୧ ଲକ୍ଷ ୬ ହଜାର ୫୨୪



ବର୍ଗମିଟର୍ ବିସ୍ତୃତ ଲ୍ୟାଣ୍ଡସ୍କେପ୍ ଅଞ୍ଚଳର ସବୁଜକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ମେୟର ସୁଲୋଚନା ଦାସ ଓ କମିଶନର ଚଞ୍ଚଲ ରାଣାଙ୍କ ଉପସ୍ଥିତିରେ ବିଏମ୍‌ସି ପକ୍ଷରୁ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଓ ନାଲକୋ ପକ୍ଷରୁ ଚିଫ୍ ଅପରେଟିଂ ଅଫିସର ସୁବ୍ରତ କୁମାର କର ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି।

## ମଶାଲ ଶୋଭାଯାତ୍ରା ନେଇ ଆର୍ମ୍ସ ଆକ୍ଟରେ କେସ୍ ରୁଜୁ ମାମଲା

# ଡିଜିଙ୍କ କ୍ଷମା ପ୍ରାର୍ଥନା ଦାବି କଲା ବିଜେଡି



**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ରାଜ୍ୟ ମାନବାଧିକାର ଆୟୋଗ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିରୋଧରେ ହୋଇଥିବା ପ୍ରଦର୍ଶନ ସମୟରେ ୩ ଜଣ ପୂର୍ବତନ ଛାତ୍ର ତଥା ବିଜେଡି ନେତାଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହୋଇଥିବା ବେଳେ ଏହାକୁ ମାନବାଧିକାର କମିଶନ୍ ନକଲି ବୋଲି ଅଭିହିତ କରିଛନ୍ତି। ଏହି ପ୍ରସଙ୍ଗରେ ଆଜି ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ଏହି ମାମଲାରେ ଡିଜିଙ୍କ କ୍ଷମା ପ୍ରାର୍ଥନା ଦାବି କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ବିକାଶକୁ ଆଗେଇନେବା ପରିବର୍ତ୍ତେ କେବଳ ନାମ ଓ ରଙ୍ଗ ପରିବର୍ତ୍ତନକୁ ଗୁରୁତ୍ୱ ଦେଉଛି। ଉକ୍ତ ପ୍ରକ୍ରିୟାରେ ରାଜ୍ୟର ଗୌରବମୟ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଉଦ୍ୟମ ହୋଇଥିଲା, ଯାହାକୁ ନାପସନ୍ଦ କରାଯାଇଥିଲା। ସେତେବେଳେ ପୁରାତନ ଛାତ୍ର ଓ କଟକ ସହରର ବୁଦ୍ଧିଜୀବୀଙ୍କ ପକ୍ଷରୁ କଟକରେ ଏକ ମଶାଲ ଶୋଭାଯାତ୍ରା ହୋଇଥିଲା। ପରେ ମାଲଗୋଦାମ ଥାନାରେ ବିଜେଡି ବିଧାୟକ ବ୍ୟୋମକେଶ ରାୟ, ମୁଖପାତ୍ର ଡ ମହାନ୍ତି ଓ ଆଉ ଜଣେ ଛାତ୍ରନେତାଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ଏହା ବିରୋଧରେ ସେ (ଡ. ମହାନ୍ତି) ରାଜ୍ୟ ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ।

## କେଭିଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

# ନିର୍ବାଚନୀ ମାମଲାରେ ଲାଗିଲା ରୋକ୍



**କଟକ,୧୧।୨(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଆଜି ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ହାଇକୋର୍ଟରେ ଚାଲିଥିବା ନିର୍ବାଚନୀ ମାମଲା ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ବିଜେଡିର ପରାଜିତ ପ୍ରାର୍ଥୀ ସରୋଜ ମେହେରଙ୍କୁ ଜବାବ ଦାଖଲ କରିବା ସକାଶେ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଏଥିସହ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ କରାଯିବ ବୋଲି କୋର୍ଟ କହିଛନ୍ତି। ୨୦୨୪ ବିଧାନସଭା ନିର୍ବାଚନ ସମୟରେ କେଭି ନିଜ ନାମାଙ୍କନପତ୍ରରେ ମିଥ୍ୟା ତଥ୍ୟ ଦେଇଥିବା ନେଇ ଶ୍ରୀ ମେହେର ଅଭିଯୋଗ କରିଥିଲେ। ନିଜ ବିରୋଧରେ ଥିବା ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଲୁଚାଇବା ସହ ସମ୍ପତ୍ତି ବିଷୟରେ ଭୁଲ ତଥ୍ୟ ଦେଇଥିବା ଦର୍ଶାଇ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସକାଶେ ଶ୍ରୀ ମେହେର ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାୟର କରିଥିଲେ। ଏହା ବିରୋଧରେ ଶ୍ରୀ ସିଂଦେଓ ବିନା ଶୁଣାଣିରେ ନିର୍ବାଚନୀ ମାମଲା ଖାରଜ କରିବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ଶ୍ରୀ ସିଂଦେଓଙ୍କ ଆବେଦନକୁ ବିଚାର କରି ନିର୍ବାଚନୀ ମାମଲା ଚାଲିବ ବୋଲି ହାଇକୋର୍ଟ ରାୟ ଶୁଣାଇଥିଲେ। ତେବେ ହାଇକୋର୍ଟଙ୍କ ଏପରି ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ଶ୍ରୀ ସିଂଦେଓ ଏକ ଏସଏଲପି ଦାଖଲ କରିଥିଲେ।

## ● ଗୋଷ୍ଠୀ ସଂଘର୍ଷରେ ଛୁରାମାଡ଼

# ଜଣେ ମୃତ, ୨ ଗୁରୁତର

**ବିନିକା,୧୧।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଗୋଟିଏ ଗୋଷ୍ଠୀର ଛୁରାମାଡ଼ରେ ଅନ୍ୟ ଏକ ଗୋଷ୍ଠୀର ଜଣେ ମୃତ୍ୟୁବରଣ କରିଛି। ଏହାଛଡ଼ା ଏହି ଛୁରାମାଡ଼ରେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେହିପରି ଏହି ମାମଲାରେ ପୁଲିସ୍ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତକ ଜଣଙ୍କ ହେଲେ ନୂଆପଡ଼ାର ଶମ୍ଭୁ ମେହେର। ମେଡିକାଲରେ ବିନିକା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରର ୮ ନମ୍ବର ୱାର୍ଡର ପୋଖରୀ ନିକଟରେ ମଙ୍ଗଳବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ଛୁରାମାଡ଼ ଯୋଗୁଁ ବିନିକା ନୂଆପଡାର ଶମ୍ଭୁ ମେହେର (୩୦) ଏବଂ ୮ ନମ୍ବର ୱାର୍ଡ ଭୀମଭୋଇ ନଗରର ଅମିତ ଭରାସାଗର (୧୮) ଓ ଟୁନୁ ରନବିଡ଼ା (୧୮) ଗୁରୁତର ହୋଇଥିଲେ।

# କୋଟ୍ଟାୟମ ରବର ବୋର୍ଡ ବୁଲିଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ନେତୃତ୍ୱରେ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ସମ୍ପ୍ରତି କେରଳ ଗସ୍ତରେ ଥିବା ବେଳେ ଗତକାଲି ପ୍ରତିନିଧି ଦଳର ସଦସ୍ୟସଦସ୍ୟାମାନେ କୋଟ୍ଟାୟମସ୍ଥିତ ରବର ବୋର୍ଡ ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ସେମାନେ ଦେଶର ପ୍ରାକୃତିକ ରବର କ୍ଷେତ୍ର, ସାମ୍ପ୍ରତିକ ପ୍ରଯୁକ୍ତି ଉଦ୍ଭାବନ ଓ କ୍ଷେତ୍ର ଆଧାରିତ ବିକାଶ ପଦକ୍ଷେପ ବିଷୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଛନ୍ତି। ପ୍ରତିନିଧି ଦଳର ସଦସ୍ୟସଦସ୍ୟାମାନେ ରବର ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ. ବସନ୍ତଗେସନ, ନିର୍ଦ୍ଦେଶିକା (ତାଲିମ) ପ୍ରିୟା ବର୍ମା, ଉପନିର୍ଦ୍ଦେଶକ (ପ୍ରଚାର ଓ ଲୋକସମ୍ପର୍କ) ବି. ଶ୍ରୀକୁମାର,




ଉପନିର୍ଦ୍ଦେଶକ (ତାଲିମ) ଅନୀଲ କୁମାର ଭି. ପ୍ରମୁଖଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ମତବିନିମୟ କରିଛନ୍ତି।

ଶ୍ରୀ ବସନ୍ତଗେସନ ପ୍ରତିନିଧିମଣ୍ଡଳ ସହ ଆଲୋଚନା ସମୟରେ ଭାରତର ଶିଳ୍ପ ଇକୋସିଷ୍ଟମରେ ପ୍ରାକୃତିକ ରବରର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ସେ ରବର ବୋର୍ଡ ପକ୍ଷରୁ ପ୍ରୋତ୍ସାହିତ ହେଉଥିବା ସାମ୍ପ୍ରତିକ ପ୍ରଯୁକ୍ତି ଓ ଉଦ୍ଭାବନଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ। ଏଥିରେ ଚାରାରୋପଣ ପରିଚାଳନା ପାଇଁ ଡ୍ରୋନ-ଆଧାରିତ ସ୍ପ୍ରେ ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦକତା ଓ ସମ୍ବଳ ଦକ୍ଷତା ବୃଦ୍ଧି ପାଇଁ ନାନୋ-ଅଏଲ୍ ପ୍ରୟୋଗର ବ୍ୟବହାର ସାମିଲ ରହିଛି। ଭାରତ ବିଶ୍ୱ ସ୍ତରରେ ପ୍ରାକୃତିକ ରବରର ପ୍ରମୁଖ ଉତ୍ପାଦକ ଏବଂ ଉପଭୋକ୍ତାଙ୍କ ମଧ୍ୟରୁ ଅନ୍ୟତମ ହୋଇଥିବା ବେଳେ ଏହାର ଚାଷ ପ୍ରାୟ ୯.୩୯ ଲକ୍ଷ ହେକ୍ଟର ଜମିରେ ବିସ୍ତାରିତ। ଦେଶରେ ପ୍ରାକୃତିକ ରବର ଉତ୍ପାଦନ କ୍ଷେତ୍ରରେ ସ୍ଥିର ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ପ୍ରାୟ ୮.୭୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ଅନ୍ୟପକ୍ଷରେ ଘରୋଇ ବ୍ୟବହାର ୧୪୧ ଲକ୍ଷ ଟନ୍‌ରୁ ଅଧିକ ହୋଇଛି। ଏହା ଟାୟାର ଏବଂ ଆନୁସଙ୍ଗିକ ଶିଳ୍ପଗୁଡ଼ିକର ପ୍ରବଳ ଚାହିଦା ଯୋଗୁଁ ପ୍ରଭାବିତ ହୋଇଛି ବୋଲି ଶ୍ରୀ ବସନ୍ତଗେସନ କହିଛନ୍ତି। ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

# ଏସିଆନ ପେଣ୍ଟ୍‌ସର ପ୍ରଥମ ସ୍ୱୀକୃତିପ୍ରାପ୍ତ ସର୍ଭିସ ସେଣ୍ଟର

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଦେଶର ଅନ୍ୟତମ ନାମୀ କମ୍ପାନୀ ଏସିଆନ ପେଣ୍ଟସର ଏକ ସ୍ୱୀକୃତିପ୍ରାପ୍ତ ଟୁଲସ୍ ସର୍ଭିସ ସେଣ୍ଟର ଗତକାଲି ଉନ୍ମୋଚିତ ହୋଇଛି। ସ୍ଥାନୀୟ ଜୟଦେବ ବିହାର ଏନ୍-୫ସ୍ଥିତ ପ୍ରଭାତ ପାୱାର ଟୁଲ୍ସ ଏସିଆନ୍ ପେଣ୍ଟ୍ସ ପକ୍ଷରୁ ରାଜ୍ୟର ପ୍ରଥମ ସ୍ୱୀକୃତିପ୍ରାପ୍ତ ସର୍ଭିସ ସେଣ୍ଟର ଭାବେ ନିଯୁକ୍ତି ପାଇଛି। ଏହି ଅବସରରେ ପ୍ରଭାତ ପାୱାର ଟୁଲ୍ସ ଅଫିସରେ ଏକ ନିରାଡ଼ମ୍ବର ଉତ୍ସବ ଆୟୋଜିତ ହୋଇଥିଲା। ଏସିଆନ ପେଣ୍ଟସ୍ ପକ୍ଷରୁ ଏହାର ସିନିଅର ସର୍ଭିସ ଇଞ୍ଜିନିୟର ବିଶ୍ୱରଞ୍ଜନ ଓ ପ୍ରଭାତ ପାୱାର ଟୁଲ୍ସର ପ୍ରୋପ୍ରାଇଟର ପ୍ରଭାତ କୁମାର ସାହୁ ଯୋଗଦେଇ ଏହି ସର୍ଭିସ ସେଣ୍ଟରର ଉତ୍ତରୋତର ଉନ୍ନତି କାମନା କରିଥିଲେ।



# ଭିଜିଲାନ୍ସ ଜାଲରେ କୋଟିପତି କିରାଣୀ

## ଦରମା ବଢ଼ାଇ ରାଜକୋଷରୁ ନେଇଥିଲେ ୨.୫ ଲକ୍ଷ

**ଅନୁଗୁଳ,୧୧।୨(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ କୋଟିପତି କିରାଣୀ। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏହି କିରାଣୀ ଜଣଙ୍କ ହେଉଛନ୍ତି ସୁବ୍ରତ ବେହେରା। ତାଙ୍କ ସୁସୁଡ଼ାସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଆଜି ଚଢ଼ାଉ କରାଯାଇଥିବା ବେଳେ



ଟଙ୍କା ଲୁଟି ନେଇଥିଲେ ସୁବ୍ରତ। ଏଥିସହ ଅନେକ ଡାକ୍ତରଙ୍କୁ ବି ଠକିଥିଲେ। ହସ୍ପିଟାଲ ପକ୍ଷରୁ ଏନେଇ ମାମଲା ରୁଜୁ ହେବା ପରେ ସୁବ୍ରତ ଫେରାର୍ ହୋଇଯାଇଥିଲେ। ପରେ ଭିଜିଲାନ୍ସରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାମଲା ଦାଖଲ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହା ଜାରି ରହିଛି। ଗତକାଲି ସୁବ୍ରତଙ୍କୁ ମାରାଥନ୍ ଜେରା ପରେ ଛାଡ଼ି ଦିଆଯାଇଥିଲା। ତେବେ ଆଜି ଭିଜିଲାନ୍ସର ୩ଟି ଟିମ୍ ଚଢ଼ାଉ ଜାରି ରଖିଛନ୍ତି। ନିଜ ଦରମା ବଢ଼ାଇ ରାଜକୋଷରୁ ପ୍ରାୟ ଅଢ଼େଇ ଲକ୍ଷ ହୋଇଥିଲା। ତେବେ ଦୀର୍ଘ ୩ ମାସ ପରେ ଏହି ମାମଲାରେ ଆଜି ଭିଜିଲାନ୍ସ ପକ୍ଷରୁ ସୁବ୍ରତଙ୍କୁ ଗିରଫ କରାଯାଇଛି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ନିଜ ଦରମାରେ ଅହେତୁକ ବୃଦ୍ଧି କରି ସେ ଲୁଟୁଥିବା ନେଇ ଅଭିଯୋଗ ହୋଇଛି।

## ଚନ୍ଦ୍ରଗିରିରେ ତିବ୍ବତୀୟ ଶିଶୁକୁ ଦୁଷ୍କର୍ମ

# ବିଶ୍ୱ ଦରବାରରେ ନିନ୍ଦିତ ହେଲା ଓଡ଼ିଶା: କଂଗ୍ରେସ




**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଓଡ଼ିଶା ମହିଳାଙ୍କ ପାଇଁ ଅସୁରକ୍ଷିତ। ଏନସିଆରବି ରିପୋର୍ଟ ଅନୁସାରେ, ମହିଳାଙ୍କ ଉପରେ ହିଂସାରେ ଓଡ଼ିଶା ଏକ ନମ୍ବର ହୋଇଛି। ସେହିପରି ଏସବୁ ସ୍ଥାନରେ ୪ ଇଞ୍ଜିନ ବିଶିଷ୍ଟ ସରକାର ଚାଲିଛି। ଗତ ୮ରେ ଚନ୍ଦ୍ରଗିରିରେ ଜନୈକା ନାବାଳିକା ଦୁଷ୍କର୍ମର ଶିକାର ହେବା ପରେ ବିଶ୍ୱ ଦରବାରରେ ପୁଣି ଓଡ଼ିଶା ନିନ୍ଦିତ ହୋଇଛି ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ବରିଷ୍ଠ ମୁଖପାତ୍ର ସୋନାଲୀ ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଗତବର୍ଷ ଡିସେମ୍ବରରେ ରାଜ୍ୟ ସରକାର ବିଧାନସଭାରେ କହିଥିଲେ ଯେ ରାଜ୍ୟରେ ୧୫ ମାସରେ ୪୦ ହଜାରରୁ ଅଧିକ ମହିଳା ହିଂସାର ଶିକାର ହୋଇଥିବା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମର ଶିକାର ହୋଇଛନ୍ତି। ଗୋପାଳପୁର ଗଣଦୁଷ୍କର୍ମ ପରେ ଆମେରିକୀୟଙ୍କୁ ଓଡ଼ିଶା ଆସିବାକୁ ବାରଣ କରାଯାଇଥିଲା। ଫଳରେ ସାରା ବିଶ୍ୱରେ ଓଡ଼ିଶା ଦୁର୍ନାମ ମୁଣ୍ଡାଇଲା। କିନ୍ତୁ ସରକାରଙ୍କ ଚେତା ପଶିଲା ନାହିଁ। ପୁନର୍ବାର ଗତ ୮ରେ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଫାଣ୍ଡି ଅଞ୍ଚଳରେ ଜନୈକା ୭ ବର୍ଷୀୟା ତିବ୍ବତୀୟ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ଫଳରେ ସାରା ଦେଶରେ ଏହା ପ୍ରଥମ ଘଟଣା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ଗୃହ ବିଭାଗ ଦାୟୀ ବୋଲି ଶ୍ରୀମତୀ ସାହୁ କହିଛନ୍ତି। ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ମଧ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭିଡିଓ ଭାଇରାଲ ପରେ ଚେତିଲେ ଏସସିବି କର୍ତ୍ତୃପକ୍ଷ

# ବଦଳିଲେ ଡାକ୍ତର ଓ ୩ ନର୍ସିଂ ଅଫିସର

**କଟକ, ୧୧।୨ (ସଂଚାର ବ୍ୟୁରୋ):** ଏସ୍‌ସିବି ମେଡିସିନ୍ ଆଇସିୟୁରେ ସାଂଘାତିକ ଅବ୍ୟବସ୍ଥାର ଭିଡିଓ ଭାଇରାଲ୍ ପରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଇସିୟୁ ଦାୟିତ୍ୱରେ ଥିବା ପ୍ରଫେସର ଡାକ୍ତର ଶୁଭେନ୍ଦୁ ଆଚାର୍ଯ୍ୟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତିନି ଜଣ ନର୍ସିଂ ଅଫିସରଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମେଡିସିନ୍ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଅଧକ୍ଷତାରେ ଗଠିତ କମିଟି ପ୍ରମାଣ ପାଇବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ରବିବାର ଜଣେ ମହିଳା ରୋଗୀ ବିଷକ୍ରିୟା ଯୋଗୁ ଏସ୍‌ସିବିର ମେଡିସିନ୍ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ତାଙ୍କ ହାତକୁ ଗଜ୍ କପଡ଼ାରେ ବାନ୍ଧି ରଖାଯାଇଥିଲା।




ସେଠାରେ ବି ନର୍ସିଂ ଅଫିସର ଅନୁପସ୍ଥିତ ଥିଲେ। ଗଣମାଧ୍ୟମରେ ଏସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କମିଟି ବୈଠକରେ ଆଇସିୟୁ ଇନ୍‌ଚାର୍ଜ, ପ୍ରଫେସର ଜୟନ୍ତ ପଣ୍ଡା, ଦୁଇ ଜଣ ଆସୋସିଏଟ୍ ପ୍ରଫେସର, ଦୁଇ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଏସ୍‌ଆର୍ ଡାକ୍ତର, ନର୍ସିଂ ଅଫିସର ପ୍ରମୁଖ ଯୋଗ ଦେଇଥିଲେ। ରବିବାର ରାତିରେ ଡ୍ୟୁଟି କରିଥିବା ଡାକ୍ତର, ନର୍ସିଂ ଅଫିସର୍, ଆଟେଣ୍ଡାଣ୍ଟ, ସୁରକ୍ଷାକର୍ମୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଭିଡିଓରେ ସତ୍ୟାସତ୍ୟ ପ୍ରମାଣ ମିଳିବା ପରେ ଏସ୍‌ସିବି ରେଜିଷ୍ଟ୍ରାର ସୁବାଷ ଚନ୍ଦ୍ର ରାୟ ଡାକ୍ତର ଓ ନର୍ସିଂ ଅଫିସରଙ୍କ ବଦଳି ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରଫେସର ଡାକ୍ତର ଶୁଭେନ୍ଦୁ ଆଚାର୍ଯ୍ୟଙ୍କୁ ଆଇସିୟୁ ଇନ୍‌ଚାର୍ଜ ଦାୟିତ୍ୱରୁ ହଟାଇ ତାଙ୍କ ସ୍ଥାନରେ ତିନି ଡାକ୍ତରଙ୍କୁ ମେଡିସିନ୍ ଇନ୍‌ଚାର୍ଜ ଦାୟିତ୍ୱ ଦିଆଯାଇଛି। ଏଥିରେ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା, ଆସୋସିଏଟ୍ ପ୍ରଫେସର ଡାକ୍ତର ନିର୍ମଳ ଚନ୍ଦ୍ର ସାହୁ ଏବଂ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଦାୟିତ୍ୱରେ ରହିବେ। ୬ ଜଣ ନୂଆ ନର୍ସିଂ ଅଫିସର ସେଠାରେ ନୂଆ ନିଯୁକ୍ତି ପାଇଛନ୍ତି। ୬ ଜଣ ନୂଆ ଆଟେଣ୍ଡାଣ୍ଟ, ୪ ଜଣ ନୂଆ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସେଣ୍ଟ୍ରାଲ୍ ଆଇସିୟୁରେ ଥିବା ଜଣେ ନର୍ସିଂ ଅଫିସରଙ୍କୁ ମେଡିସିନ୍ ଆଇସିୟୁ ଦାୟିତ୍ୱ ଦିଆଯାଇଛି। ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଆସୋସିଏଟ୍ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ ଏ ସଂପର୍କରେ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲୁଟିନେଲେ ୫ ଲକ୍ଷର ସୁନା ଅଳଙ୍କାର



**ସୋର, ୧୧।୨ (ସଂଚାର ବ୍ୟୁରୋ) :** ସୋରରେ ଦୋକାନୀଙ୍କ ଉପରେ ଲୁଟେରାଙ୍କ ମରଣାନ୍ତକ ଆକ୍ରମଣ କରି ଲୁଟିନେଲେ ୫ ଲକ୍ଷର ସୁନା ଅଳଙ୍କାର। ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଆକ୍ରମଣ। ସୋର ଥାନା ବାହାନଗା ଅସୀମିଳା ଗାଁର ହେମନ୍ତ କମିଳା ପଣପଣା ଠାରେ ଏକ ଜୁଏଲାରୀ ଦୋକାନ କରିଛନ୍ତି। ଗତକାଲି ରାତିରେ ଦୋକାନ ବନ୍ଦ କରି ଗାଁକୁ ଫେରିଲାବେଳେ ୪ଜଣ ଲୁଟେରା ଦୁଇଟି ବାଇକରେ ତାଙ୍କ ପିଛା କରିଥିଲେ। ଘରଠାରୁ ଅଳ୍ପ ଦୂରରେ ବାଇକରୁ ଘୋଷାରୁ ନେଇ ମାରାଣାସ୍ତ୍ରରେ ହାତକୁ ହାଣିଦେଇଥିଲେ। ହେମନ୍ତ ତଳେ ପଡିଯିବାରୁ ତାଙ୍କ ବାଇକ ଡିକି ଭାଙ୍ଗି ସୁନା ନେଇ ଲୁଟେରା ଚମ୍ପଟ ମାରିଥିଲେ। ଖବର ପାଇ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଛି। ଗତକାଲି ସୋର ଥାନା କେଶରୀପୁର ଫଟାଅର୍ଜୁନ ଛକ ସ୍ଥିତ ନୀଳମଣି ଜୁଏଲାରିରୁ କାନ୍ଥ ତାଡ଼ି କୋଟିଏ ଟଙ୍କାର ଅଳଙ୍କାର ଲୁଟିନେଇଥିଲେ ଦୁର୍ବୃତ୍ତ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୧୨ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Thursday 12 February 2026, Bhubaneswar

# ସଂସଦର ଲଜ୍ଜାଜନକ ଅଧ୍ୟାୟ

ଭାରତୀୟ ସଂସଦର ଇତିହାସରେ କିଛି ଘଟଣା ଏପରି ଥାଏ ଯାହା ସମଗ୍ର ଗଣତନ୍ତ୍ରର ମର୍ଯ୍ୟାଦାକୁ ଆଘାତ ଦେଇଥାଏ। ଏବେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳମାନଙ୍କ ଦ୍ୱାରା ଅବିଶ୍ୱାସ ପ୍ରସ୍ତାବ ଆଣିବା ଏକ ଅଭୂତପୂର୍ବ ଏବଂ ଲଜ୍ଜାଜନକ ଘଟଣା ଭାବରେ ଦେଖାଯାଉଛି। ଚଳିତ ବର୍ଷ ଫେବ୍ରୁଆରି ୧୦ ତାରିଖରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ୧୧୮ ଜଣ ସାଂସଦଙ୍କ ଦସ୍ତଖତ ସହିତ ଏହି ନୋଟିସ ଦାଖଲ କରିଛନ୍ତି। ଏହା କେବଳ ଏକ ରାଜନୈତିକ କୌଶଳ ନୁହେଁ, ବରଂ ସଂସଦୀୟ ପରମ୍ପରାର ଅପମାନ ଏବଂ ଗଣତନ୍ତ୍ରର ମୂଳ ଆଧାରକୁ ଦୁର୍ବଳ କରିବାର ପ୍ରୟାସ ଅଟେ।



ଲୋକସଭା ବାଚସ୍ପତି ପଦବୀ ସଂବିଧାନର ଅନୁଚ୍ଛେଦ ୯୪ ଅନୁଯାୟୀ ଏକ ନିରପେକ୍ଷ ଓ ମର୍ଯ୍ୟାଦାପୂର୍ଣ୍ଣ ପଦବୀ। ବାଚସ୍ପତି ହେଉଛନ୍ତି ସଂସଦର ମୁଖ୍ୟ ଏବଂ ତାଙ୍କର ନିଷ୍ପତ୍ତି ସଂସଦର କାର୍ଯ୍ୟବ୍ୟବସ୍ଥା ରକ୍ଷା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ତାଙ୍କୁ ହଟାଇବା ପାଇଁ ସଂଖ୍ୟା ଗରିଷ୍ଠତାର ସମର୍ଥନ ଆବଶ୍ୟକ ହୁଏ, ଯାହା ଏକ ବିରଳ ଘଟଣା। ଇତିହାସରେ ଏପରି ପ୍ରସ୍ତାବ ବହୁତ କମ ଆସିଛି ଏବଂ ସଫଳ ହୋଇନାହିଁ। କିନ୍ତୁ ଏଥର ବିରୋଧୀମାନେ ବାଚସ୍ପତିଙ୍କୁ ପକ୍ଷପାତୀ ବୋଲି ଅଭିଯୋଗ କରି ରାହୁଲ ଗାନ୍ଧୀଙ୍କୁ ବକ୍ତବ୍ୟ ଦେବାକୁ ବାରଣ କରିବା, ବିରୋଧୀ ଦଳର ସାଂସଦଙ୍କ ନିଲମ୍ବନ ଏବଂ ଅନ୍ୟାନ୍ୟ ଘଟଣାକୁ ଆଧାର କରି ଏହି ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଛନ୍ତି। ଏହି ଅଭିଯୋଗଗୁଡ଼ିକ ରାଜନୈତିକ ବିବାଦର ଅଂଶ ହୋଇପାରେ, କିନ୍ତୁ ତାହାକୁ ବାଚସ୍ପତିଙ୍କ ପଦବୀ ହଟାଇବାର ଆଧାର କରିବା ଅତ୍ୟନ୍ତ ଅଯୌକ୍ତିକ।

ସଂସଦ ହେଉଛି ଗଣତନ୍ତ୍ରର ମନ୍ଦିର। ଏଠାରେ ବିବାଦ ହେବ, ଆଲୋଚନା ହେବ, କିନ୍ତୁ ସମସ୍ତ କିଛି ନିୟମ ଓ ପରମ୍ପରା ଅନୁସାରେ ହେବା ଉଚିତ। ବାଚସ୍ପତିଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବା ଦ୍ୱାରା ସଂସଦର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଏକ ପ୍ରକାରର ରାଜନୈତିକ ପ୍ରତିଶୋଧ ଭାବରେ ଦେଖାଯାଉଛି, ଯାହା ସଂସଦର କାର୍ଯ୍ୟ କ୍ଷମତାକୁ ବାଧାଗ୍ରସ୍ତ କରୁଛି। ବଜେଟ ଅଧିବେଶନ ମଧ୍ୟରେ ଏପରି ଏକ ପ୍ରସ୍ତାବ ଆଣିବା ଦେଶର ଅର୍ଥନୈତିକ ଓ ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକୁ ପଛକୁ ଠେଲି ଦେଉଛି। ବାଚସ୍ପତି ନିଜେ ନୈତିକ ଆଧାରରେ ସଦନରେ ନ ବସିବାର ନିଷ୍ପତ୍ତି ନେଇଛନ୍ତି, ଯାହା ତାଙ୍କର ଉଚ୍ଚ ନୈତିକତାକୁ ପ୍ରମାଣ କରୁଛି। କିନ୍ତୁ ଏହି ପ୍ରସ୍ତାବ ନିଜେ ସଂସଦୀୟ ପ୍ରଣାଳୀର ଅପମାନ ଅଟେ।

ବିରୋଧୀ ଦଳମାନେ ସଦାସର୍ବଦା ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବାର ଅଧିକାର ରଖନ୍ତି, କିନ୍ତୁ ସଂସଦର ସର୍ବୋଚ୍ଚ ପଦବୀକୁ ଲକ୍ଷ୍ୟ କରିବା ଏକ ବିପଦଜନକ ପରମ୍ପରା ସୃଷ୍ଟି କରୁଛି। ଏହା ଭବିଷ୍ୟତରେ ବାଚସ୍ପତିଙ୍କୁ ରାଜନୈତିକ ଚାପରେ ରଖିବାର ଏକ ଉଦାହରଣ ହୋଇପାରେ। ସଂସଦରେ ବିବାଦ ସମାଧାନ ହେବା ଉଚିତ। ଆଲୋଚନା ଓ ବିଚାର ଦ୍ୱାରା ସମାଧାନ ନକରି ଅନାସ୍ଥା ପ୍ରସ୍ତାବ ଦ୍ୱାରା କରାଯାଉଥିବାରୁ ଏହି ଘଟଣା ସମଗ୍ର ଦେଶକୁ ଦେଖାଇଛି ଯେ ଆମର ସଂସଦୀୟ ବ୍ୟବସ୍ଥା କେତେ ଦୁର୍ବଳ ହୋଇପଡ଼ିଛି।

ଶେଷରେ କହିବାକୁ ଗଲେ, ଏହି ଅବିଶ୍ୱାସ ପ୍ରସ୍ତାବ କେବଳ ଓମ୍ ବିର୍ଲାଙ୍କ ବିରୋଧରେ ନୁହେଁ, ବରଂ ସଂସଦର ମର୍ଯ୍ୟାଦା ଓ ନିରପେକ୍ଷତାର ବିରୋଧରେ। ଏହା ଏକ ଲଜ୍ଜାଜନକ ଅଧ୍ୟାୟ ଯାହା ଆମ ଗଣତନ୍ତ୍ରର ମୁଖରେ କଳଙ୍କ ଲଗାଇଛି। ଆମେ ଆଶା କରୁଛୁ ଯେ ସମସ୍ତ ରାଜନୈତିକ ଦଳ ଏହି ପରିସ୍ଥିତିରୁ ଶିକ୍ଷା ନେବେ ଏବଂ ସଂସଦକୁ ପୁନର୍ବାର ଗଣତନ୍ତ୍ରର ସତ୍ୟ ପ୍ରତୀକ କରିବାକୁ ପ୍ରୟାସ କରିବେ। ନହେଲେ ଏହି ଲଜ୍ଜାର ଦାଗ ଚିରକାଳ ରହିଯିବ।

# ବାୟୁ ପ୍ରଦୂଷଣ: ଝାଡୁମରା ସଫେଇ ଅନ୍ୟତମ କାରଣ



**ଯୁଧିଷ୍ଠିର ମହାରଣା**

କୁହୁଡ଼ି ସହିତ ବାୟୁ ପ୍ରଦୂଷଣ ଦିନକୁ ଦିନ ଉଦବେଗଜନକ ଭାବେ ବଢୁଛି। ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱର ରାଜଧାନୀରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ସହର ସଫେଇରୁ ଉଡୁଥିବା ଧୂଳିକଣା ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି। ସହରର ପ୍ରମୁଖ ରାସ୍ତା ଠାରୁ ଆରମ୍ଭ କରି ଗଳି କନ୍ଦି ପର୍ଯ୍ୟନ୍ତ ରାତି ପାହିଲେ ଝାଡୁମରା ହେଉଥିବାରୁ ଏହା ପରିବେଶକୁ ଅଧିକ ବିଗାଡ଼ିବାରେ ଲାଗିଛି।

ସହରର କେତେକ ପ୍ରମୁଖ ରାସ୍ତାରେ ସିଏମସି ଓ ବିଏମସି ପକ୍ଷରୁ ଯାନ୍ତ୍ରିକ ସଫେଇ ହେଉଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ସଫେଇ କର୍ମଚାରୀମାନେ ଝାଡୁ ମାରି ରାସ୍ତାଘାଟ ସଫା କରୁଛନ୍ତି। ରାତି ପାହିଲେ ଏମାନେ ହାତରେ ଝାଡୁଧରି ରାସ୍ତା ସଫା କରିବା ସମୟରେ ବ୍ୟାପକ ଧୂଳି ଉଡୁଛି। ଯଦିଓ କେତେକ ସ୍ଥାନରେ ରାତି ବେଳା ଝାଡୁ ମରାଯାଉଛି ତାହା କିନ୍ତୁ କିଛି ହାଟ ବଜାରରେ ସୀମିତ ରହୁଛି। ଶୀତ ଦିନେ ରାସ୍ତାରେ ଝାଡୁ ମରାଯିବା ସମୟରେ ସମ୍ପୃକ୍ତ ଅଞ୍ଚଳ ଧୂଳିମୟ ହୋଇ ଯାଉଛି। ଏପରିକି ସେହି ରାସ୍ତା ଦେଇ ଲୋକେ ଯିବାକୁ ଭୟ କରୁଛନ୍ତି। ଏହାଛଡ଼ା ସକାଳୁ ଗହଳି ହେଉଥିବା ବ୍ୟବସାୟ ପ୍ରତିଷ୍ଠାନ, ମଲ ଆଦି ସମ୍ମୁଖରେ ଝାଡୁ ମରାଯିବା ଫଳରେ ସେହି ସବୁ ଅଞ୍ଚଳରେ କେବଳ ଲୋକେ ଧୂଳିମୟ ହେଉ ନାହାନ୍ତି ଗଛର ପତ୍ର ସବୁ ମଧ ଧୂଳିରେ ନିଜର ସବୁଜିମା ହରାଇଲେଣି।

ଯେଉଁସବୁ ସ୍ଥାନରେ ସମ୍ଭବ ସେଠାରେ ଝାଡୁ ମାରିବା ପୂର୍ବରୁ ଯଦି ଜଳ ସିଞ୍ଚନ କରାଯାଇ ପାରନ୍ତା ତେବେ ଏଭଳି ଅବସ୍ଥା ସୃଷ୍ଟି ହୁଅନ୍ତା ନାହିଁ। ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ, ମଲ ଗୁଡ଼ିକ ସାମିଲ କରି ସେମାନଙ୍କ ଦ୍ୱାରା ଜଳ ସିଞ୍ଚନ କରାଯାଇ ପାରିଲେ ସହରର ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି।

ସେହିଭଳି ଶୀତଦିନ ହୋଇଥିବାରୁ ଓ ଚଳିତବର୍ଷ ରାଧାନୀରେ ଶୀତର ପ୍ରକୋପ ରେକର୍ଡ଼ ଅତିକ୍ରମ କରିଥିବାରୁ ଲୋକେ ରାସ୍ତାଘାଟ, ଗଳିକନ୍ଦିରେ ପଡ଼ିଥିବା ଅଳିଆରେ ନିଆଁ ଲଗାଇ ସେଠାରେ ନିଆଁ ପୁଇଁବାରେ ଲାଗୁଛନ୍ତି। ଏମାନଙ୍କୁ ସଚେତନ କରିବା ସହିତ ଶୁଖିଲା ପତ୍ର, କାଠି ଆଦିକୁ ଉଠାଇ ନିଆଗଲେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। ସେହିଭଳି ସହରର ଯେଉଁସବୁ ସ୍ଥାନରେ ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ଦିନରେ ଅତି କମରେ ଦୁଇ ତିନିଥର ଜଳ ସିଞ୍ଚନ କରାଗଲେ ବାୟୁ ମଣ୍ଡଳରେ ଧୂଳିକଣା ମିଶିବାକୁ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି।

ଅନ୍ୟ ପକ୍ଷରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ବାୟୁ ପ୍ରଦୂଷଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ନିୟୋଜିତ କରୁଥିବା ସଂସ୍ଥାମାନେ ମାସ୍କ ଯୋଗାଇ ଦେବାକୁ ଦାବି ହେଉଛି। ଠିକା ସଂସ୍ଥାମାନେ ଏ ଦିଗରେ ଦୃଷ୍ଟି ନଦେଲେ ବହୁ ସଫେଇ କର୍ମଚାରୀ ବାୟୁ ପ୍ରଦୂଷଣରେ ଖୁବଶୀଘ୍ର ଆକ୍ରାନ୍ତ ହୋଇଯିବେ ବୋଲି ମତ ଦେଉଛନ୍ତି।

ସହରରେ ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ଗାଡ଼ିମଟର ଧୂଆଁ ହୋଇଥିବାବେଳେ ସରକାର ପ୍ରଦୂଷଣ ପ୍ରମାଣ ପତ୍ର ଯାଞ୍ଚ କଡ଼ାକଡ଼ି କରିଛନ୍ତି। ଏହା ସତ୍ତ୍ୱେ ବି କିଛି ଯାନ ବାହାନ ରାସ୍ତାରେ କଳାଧୂଆଁ ଛାଡ଼ି ଯା' ଆସ କରୁଥିବାରୁ ସେମାନଙ୍କୁ ଧରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ମୋବାଇଲ ଯାଞ୍ଚ କରାଯିବା ସପକ୍ଷରେ ସାଧାରଣ ଲୋକେ ମତ ପ୍ରକାଶ କରୁଛନ୍ତି। କାରଣ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ପ୍ରାୟତଃ ସବୁ ଯାନ ପାଶ କରିଯାଉଥିବାରୁ ଓ କିଛି ଯାନ ବାହାନ ଜାଲ ସାର୍ଟିଫିକେଟ ହାସଲ କରୁଥିବାରୁ ସେମାନଙ୍କୁ ଜବତ କରାଯାଇ ପାରିଲେ ବାୟୁ ପ୍ରଦୂଷଣ ସମସ୍ୟାର କିଛିଟା ସମାଧାନ ହୋଇ ପାରନ୍ତା। ଉଲ୍ଲେଖନୀୟ ଯେ ରାଜଧାନୀର ବାୟୁ ପ୍ରଦୂଷଣ ଚଳିତ ମାସରେ ୩୮୦ ଏକ୍ୟୁଆଇ ଛୁଇଁଥିବାବେଳେ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଛି। ତଥାପି ଏବେ ବି ବାୟୁର ମାନ କ୍ଷତିକାରକ ସ୍ଥିତିରେ ରହିଥିବାନେଇ ଲୋକଙ୍କୁ ସତର୍କ କରାଯାଉଛି। ତେଣୁ ଅଳିଆ ଆବର୍ଜନା ସଫା କରିଦେବା ପଛରେ ବାୟୁ ପ୍ରଦୂଷଣର ଅନ୍ୟ ପ୍ରମୁଖ କାରଣକୁ ଗୁରୁତ୍ୱ ପ୍ରଦାନ କରାଯାଉ ନଚେତ ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ସଫା ଚାଲିଥିବା କିନ୍ତୁ ବାୟୁ ପ୍ରଦୂଷଣ ସମାନ ଗତିରେ ବଢ଼ି ଚାଲିଥିବ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୯୪୩୭୧୬୩୫୨୮**



# ତତ୍ତ୍ୱରେ ତଥ୍ୟରେ ଓ ବିଜ୍ଞାନରେ ଭୂତ ଓ ପ୍ରେତ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ମଣିଷର ଜୀବନ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ, କିନ୍ତୁ ମୃତ୍ୟୁ ପରେ କ'ଣ ଘଟେ। ଏହା ସଦାସର୍ବଦା ମଣିଷର ଆଶ୍ଚର୍ଯ୍ୟ, ଭୟ ଓ ଉତ୍ସୁକତାର ବିଷୟ। ପୃଥିବୀର ପ୍ରାୟ ସମସ୍ତ ସଂସ୍କୃତିରେ ମୃତ୍ୟୁ ପରବର୍ତ୍ତୀ ଅବସ୍ଥା ବିଷୟରେ ନାନା କାହାଣୀ, ପୁରାଣ, ଓ ଧାର୍ମିକ ଧାରଣା ରହିଛି। ଭୁତ ତଥା ପ୍ରେତ ଶବ୍ଦ ବହୁ ପ୍ରାଚୀନ ଏହା କେଉଁଠିନା କେଉଁଠି ଧର୍ମ ସହ ନିଶ୍ଚିତ ରୂପେ ଯୋଡିହୋଇଅଛି। ସମସ୍ତ ଧର୍ମର ଲକ୍ଷ୍ୟ ହେଉଛି ଏକ, ତାହା ହେଉଛି ମୋକ୍ଷ ପ୍ରାପ୍ତି। ତେବେ ସବୁ ଧର୍ମ ଏହା ମଧ ପ୍ରମାଣ ଦିଏ ଯେ ଈଶ୍ୱର ହେଉଛନ୍ତି ପରମାତ୍ମା। ଏହି ଭୁତ ଶବ୍ଦଆତ୍ମତତ୍ତ୍ୱରୁ ଆସିଆଚି। ଆତ୍ମା ତତ୍ତ୍ୱ ହେଉଛି ଆତ୍ମା ସମ୍ବନ୍ଧୀୟ ତତ୍‌ବ। କେବେଳ ହିନ୍ଦୁ ଧର୍ମ ନୁହେଁ ବରଂ ଅନ୍ୟ ସମସ୍ତ ଧର୍ମ ମଧ ଆତ୍ମା ତତ୍ତ୍ୱରେ ବିଶ୍ୱାସ କରନ୍ତି। ହିନ୍ଦୁ ଶାସ୍ତ୍ର ଅନୁସାରେ ପ୍ରଥମେ ପରମାତ୍ମାଙ୍କ ଠାରୁ ଆତ୍ମାର ସୃଷ୍ଟି। ଆତ୍ମା ହେଉଛି ଏକ ଅଦୃଶ୍ୟ ରଶ୍ମୀ। ଅର୍ଥାତ ଏକ ଆଲୋକ ବିନ୍ଦୁ ଯାହାର ରୂପ, ରଙ୍ଗ, ବର୍ଣ୍ଣ, ଜାତି କିଛି ନାହିଁ। ପରବର୍ତ୍ତୀ ସମୟରେ ପରମାତ୍ମା ଅର୍ଥାତ ଈଶ୍ୱର ପଞ୍ଚଭୂତ (ଆକାଶ, ପୃଥିବୀ, ବାୟୁ, ଅଗ୍ନି, ଜଳ) ର ସମିଶ୍ରଣରେ ଶରୀରର ରଚନା କରନ୍ତି। ଏବଂ ଆତ୍ମା ଈଶ୍ୱରଙ୍କ ନିର୍ଦ୍ଦେଶରେ ସେହି ଶରୀରରେ ପ୍ରବେଶ କରେ। ଈଶ୍ୱର ନିଜ ଉଦ୍ଦେଶ୍ୟ ପୂରଣ କରିବାପାଇଁ ଆତ୍ମା ଓ ଶରୀରର ରଚନା କରନ୍ତି। ଏହିପରି ଆତ୍ମା ପରିବର୍ତ୍ତିତ ହୁଏ ଏକ ପ୍ରାଣୀ ବା ଉଦ୍ଭିଦ ରୂପରେ। ହିନ୍ଦୁ ଶାସ୍ତ୍ର ଅନୁସାରେ ଈଶ୍ୱର ୫୬କୋଟି ଭିନ୍ନଜୀବଙ୍କ ରଚନା କରିଛନ୍ତି। ସେଥିମଧ୍ୟରୁ ୧୪କୋଟି ଜୀବ ଜଳରେ, ୧୪କୋଟି ଜୀବ ସ୍ଥଳରେ, ୧୪କୋଟି ଜୀବ ବାୟୁରେ ଓ ଅନ୍ୟ ୧୪କୋଟି ଜୀବ ପାତାଳରେ ବାସ କରନ୍ତି। ଏହି ୫୬କୋଟି ଜୀବଙ୍କ ପାଇଁ ଈଶ୍ୱର ତିନିଲୋକ ର ଗଠନ କରିଛନ୍ତି। ଏହି ଲୋକ ପୃଥିବୀର ଉପରକୁ ତିନିଲୋକ ଅଛି ଓ ପୃଥିବୀ ତଳକୁ ତିନିଲୋକ ଅଛି। ଉପରକୁ ସୂର୍ଯ୍ୟଲୋକ, ସ୍ୱର୍ଗଲୋକ, ବ୍ରହ୍ମଲୋକ ଓ ତଳକୁ ନାଗଲୋକ, ଯକ୍ଷଲୋକ, ପାତାଳ ଲୋକ ଅବସ୍ଥିତ

କୁହାଯାଏ ରାତି ୧୨ଟା ପରେ ଆରମ୍ଭ ହୁଏ ଅଶୁଭ ବେଳା। ରାତି ଏକ ଏମିତି ସମୟ ଯେଉଁ ସମୟରେ ପ୍ରାୟ ୭୦% ପ୍ରତିଶତ ଲୋକ ଭୟଭୀତ ହୋଇଥାନ୍ତି। ଆମେ ଆମ ପୂର୍ବଜମାନଙ୍କଠାରୁ ଭୁତ ପ୍ରେତ , ଡାହାଣୀ , ଚିରୁଗୁଣୀ ଆଦି ଭୟାନକ ନାମ ସହ ସେମାନଙ୍କ ଭୟଙ୍କର କାଳ୍ପନିକ ଚିତ୍ର ର ବର୍ଣ୍ଣନା ଶୁଣିଥାଉ। ତେବେ କଣ ସତରେ ଭୂତପ୍ରେତ ଅଛନ୍ତି? ଯଦି ଅଛନ୍ତି ସେମାନେ କାହିଁକି ମଣିଷର କ୍ଷତି ସାଧନ କରନ୍ତି ?ଆମ ମଣିଷ ସମାଜର କେଉଁଠିନା କେଉଁଠି ମନରେ କିଛି ଖରାପ ଭାବନା ଆନ୍ଦୋଳନ ସୃଷ୍ଟି ହୁଏ। ସମସ୍ତେ ଜାଣିବାକୁ ଚାହାନ୍ତି ଯେ ଭୁତ କଣ ଓ ଏହା କିପରି ଦେଖିବାକୁ ? ଭାରତୀୟ ପରମ୍ପରାରେ "ଭୂତ" ଓ "ପ୍ରେତ"-ଏହି ଦୁଇଟି ଶବ୍ଦ ବିଶେଷ ଭାବରେ ମଣିଷଙ୍କ ମନରେ ଭୟ, ଆଦର ଓ ଆସ୍ଥା ସୃଷ୍ଟି କରିଥାଏ। "ପ୍ରେତ" ଶବ୍ଦର ମୂଳ ସଂସ୍କୃତରୁ। "ପ୍ର" ଅର୍ଥାତ୍ ପରେ, ଓ "ଇତ" ଅର୍ଥାତ୍ ଗଲା କିମ୍ବା ଛାଡ଼ିଦେଲା। ଅର୍ଥାତ-ପ୍ରେତ ହେଉଛି ସେମିତି ଆତ୍ମା, ଯାହା ଦେହକୁ ଛାଡ଼ିଦେଇଛି, କିନ୍ତୁ ପରଲୋକକୁ ସଠିକ୍ ଭାବରେ ପହଞ୍ଚିନାହିଁ। ପୁରାଣ ଓ ଧାର୍ମିକ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି ଯେ, ମଣିଷ ମରିବା ପରେ ତାଙ୍କୁ ପିତୃଲୋକ ପର୍ଯ୍ୟନ୍ତ ଯିବା ପାଇଁ କିଛି ସମୟ ଲାଗେ। ସେଇ ସମୟକୁ "ପ୍ରେତାବସ୍ଥା" କୁହାଯାଏ। ଗରୁଡ ପୁରାଣରେ ଲେଖାଯାଇଛି ଯେ, ମୃତ୍ୟୁ ପରେ ୧୩ ଦିନରୁ ୧ ବର୍ଷ ପର୍ଯ୍ୟନ୍ତ ମଣିଷର ଆତ୍ମା ପ୍ରେତ ଭାବେ ରହିପାରେ। ଏହି ଅବଧିରେ ଯଥାର୍ଥ "ଶ୍ରାଦ୍ଧ", "ପିଣ୍ଡଦାନ" ଓ "ତର୍ପଣ" ନାମକ କାର୍ଯ୍ୟ କଲେ, ପ୍ରେତ ଆତ୍ମା ପିତୃଲୋକକୁ ପହଞ୍ଚି ସ୍ୱ-ଶାନ୍ତି ପାଏ। ଯଦି ଏହି କାର୍ଯ୍ୟ ହୋଇନଥାଏ, ତେବେ ସେ ଆତ୍ମା ଅଶାନ୍ତ ରହିଥାଏ। ଲୋକବିଶ୍ୱାସରେ ପ୍ରେତମାନେ ତୃଷ୍ଣା, କ୍ଷୁଧା ଓ ଅସନ୍ତୁଷ୍ଟିରେ ତିବ୍ର ପୀଡ଼ାଭୋଗ କରନ୍ତି। ସେମାନେ ପିଣ୍ଡଦାନ ଦ୍ୱାରା ଶାନ୍ତି ପାଉଥିବେ ବୋଲି କୁହାଯାଏ। ଗାଁଗହଳିରେ ଅନେକ ସମୟରେ ଏହି ପ୍ରଥାଗୁଡ଼ିକୁ ବହୁତ ଗୁରୁତ୍ୱ ସହିତ ପାଳନ କରାଯାଏ।




"ଭୂତ" ଶବ୍ଦର ମୂଳ "ଭୁ" ଧାତୁରୁ ଆସିଛି, ଯାହାର ଅର୍ଥ "ହେବା"। "ଭୂତ" ଅର୍ଥ-ଯାହା ଥିଲା, କିମ୍ବା ଗତ। କିନ୍ତୁ ସାଧାରଣ ଭାଷାରେ "ଭୂତ" କୁହିଲେ ମଣିଷଙ୍କ ମନରେ ଭୟଙ୍କର ଛବି ଆସେ। ପୁରାଣ ଓ ଧର୍ମଗ୍ରନ୍ଥରେ ଲେଖାଯାଇଛି ଯେ, ଯେମାନେ ଅକାଳମୃତ୍ୟୁରେ ପରିଣତ, ହତ୍ୟା, ଆତ୍ମହତ୍ୟା କିମ୍ବା ଦୁର୍ଘଟଣାରେ ମରନ୍ତି, ସେମାନଙ୍କ ଆତ୍ମା "ଭୂତ" ହୋଇଥାଏ। କେବେ କେବେ ଯଦି କାହାର ମୃତ୍ୟୁ ପରେ ସେଥିରେ କୌଣସି କର୍ମ-ଶ୍ରାଦ୍ଧ ନହୋଇଥାଏ, ସେମାନଙ୍କ ଆତ୍ମା ଭୂତରେ ପରିଣତ ହୁଏ। ଲୋକ ବିଶ୍ୱାସରେ ଭୂତମାନେ ଶ୍ମଶାନ, ଅଶ୍ୱତ୍ଥ ଗଛ, ପୁରୁଣା ଘର କିମ୍ବା ନିର୍ଜନ ସ୍ଥାନରେ ରହନ୍ତି। କାହାର ଦେହରେ ବାସ କରି "ଭୂତ-ପିଶାଚ" ଭାବରେ ଅନୁଭବ କରାନ୍ତି ବୋଲି କାହାଣୀ ମିଳିଥାଏ। କେତେକ ଅଞ୍ଚଳରେ "ଡାହାଣି", "ଚୁଡ଼େଲ", "ପିଶାଚ" ଭଳି ଭୂତର ନାନା ପ୍ରକାର ବର୍ଣ୍ଣନା ମିଳେ। ପ୍ରେତ ହେଉଛି ମୃତ୍ୟୁ ପରେର ଅସ୍ଥାୟୀ ଅବସ୍ଥା। ଯଦି ଶ୍ରାଦ୍ଧ କରାଯାଏ, ସେଇ ପ୍ରେତ ପିତୃଲୋକକୁ ପହଞ୍ଚି ସ୍ୱ-ଶାନ୍ତି ପାଏ। କିନ୍ତୁ ଭୂତ ହେଉଛି ସେମିତି ଆତ୍ମା, ଯାହା କୌଣସି କାରଣରୁ ଅଶାନ୍ତ, ଅସନ୍ତୁଷ୍ଟ ଓ ଭୟଙ୍କର ଆକାରରେ ପୃଥିବୀରେ ଘୁରୁଥାଏ। ସରଳଭାବେ କୁହିଲେ, ପ୍ରେତ ହେଉଛି ଅଶାନ୍ତ ଆତ୍ମା ଯାହା ପିତୃଲୋକକୁ ଯିବାକୁ ଅପେକ୍ଷା କରୁଛି। ଭୂତ ହେଉଛି ଅସନ୍ତୁଷ୍ଟ କିମ୍ବା ବିଚ୍ଛିନ୍ନ ଆତ୍ମା, ଯାହା ପୃଥିବୀରେ ଭୟଙ୍କର ଭାବରେ ଦେଖାଯାଏ।

ତେବେ ଏହା କେବଳ ହିନ୍ଦୁ ଧର୍ମର ବେଦ ପୁରାଣରେ ବର୍ଣ୍ଣିତ। ଅନ୍ୟ ସମସ୍ତ ଧର୍ମ ଆତ୍ମା କୁ ଭିନ୍ନ ଭିନ୍ନ ନାମ ରୂପରେ ବର୍ଣ୍ଣନା କରନ୍ତି। ତେବେ ସମସ୍ତ ଧର୍ମ ଏହା ସ୍ୱୀକାର କରନ୍ତି ଯେ ଆତ୍ମା ଅଦୃଶ୍ୟ ଅଟେ। ସର୍ବଧର୍ମ ର ଚିନ୍ତକଗଣ ଆତ୍ମାର ରୂପ କୁ ଭିନ୍ନ ଭିନ୍ନ ରୂପେ ମତ ପ୍ରଦାନ କରିଛନ୍ତି। କିନ୍ତୁ ଆତ୍ମା ହେଉଛି ବାୟୁ ଓ ରଶ୍ମୀ ର ସମ୍ମିଶ୍ରଣ ରୂପ। ଯାହା କେବଳ ଈଶ୍ୱରଙ୍କ ଦ୍‌ବାରା ସୃଷ୍ଟ। ଆତ୍ମା ଶରୀର ପ୍ରାପ୍ତ କରି ଭୂପୃଷ୍ଠକୁ ଆସିଥାଏ ଈଶ୍ୱରଙ୍କର କିଛି ଉଦ୍ଦେଶ୍ୟ ପୂରଣ କରିବାପାଇଁ। ଆତ୍ମା ଶରୀର ଧାରଣ କରି ଭୂପୃଷ୍ଠକୁ ଆସିବାମାତ୍ରେ ଈଶ୍ୱରଙ୍କ ଆଜ୍ଞା ଭୁଲିଯାଏ। କିନ୍ତୁ ଈଶ୍ୱର ଏଥିପାଇଁ ଭାଗ୍ୟ ର ରଚନା କରିଥାନ୍ତି। ଯାହା ମନୁଷ୍ୟକୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ପୂରଣ ଦିଗକୁ ଟାଣି ନିଏ। ଜୀବ ଭୁପୃଷ୍ଠକୁ ଆସିବା କ୍ଷଣି ସଂସାରର ମୋହାମାୟା ଜାଲରେ ଫସିଯାଏ। ଯାହା ଫଳରେ ସେ ଦୁଖଃଯନ୍ତ୍ରଣା ଭୋଗିଥାଏ। ଏପରିକି ବିଜ୍ଞାନ ମଧ ଆତ୍ମାର ଅବସ୍ଥିତିକୁ ମାନିଛି। ହେଲେ ବିଜ୍ଞାନ ଆତ୍ମାକୁ ଏକ ଶକ୍ତି ବା ଉର୍ଜା ରୂପେ ବିବେଚନା କରିଛି। ବିଜ୍ଞାନ ଏହା ପ୍ରମାଣ କରିଦେଇଛି ଯେ ଶକ୍ତି କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ପରିବର୍ତ୍ତିତ ହୋଇଯାଏ। ଅର୍ଥାତ ଯେବେ କୌଣସି ଜୀବର ମୃତ୍ୟୁ ଘଟେ ତାର ଶବକୁ ନେଇ ଗୋଟିଏ ସ୍ଥାନରେ ପୋତିଦିଆଯାଏ। ଯାହା ଫଳରେ କିଛି ଦିନ ମଧ୍ୟରେ ଶରୀର ମାଟିରେ ମିଶିଯିବା ସହ ଶରୀରରେ ଥିବା ପୋଷାକ ତତ୍‌ବ ଯୋଗୁଁ ସେଠାରେ ଅନେକ ବୃକ୍ଷ ଦେଖିବାକୁ ମିଳେ। ଏହିପରି ଆତ୍ମା ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ପରିବର୍ତ୍ତିତ ହୁଏ। ତେବେ ଆତ୍ମା ପ୍ରେତ କିପରି ହୁଅନ୍ତି ଓ ସେମାନେ ଅନ୍ୟମାନଙ୍କର କ୍ଷତିସାଧନ କାହିଁକି କରନ୍ତି ତାହା ଆମେ ଜାଣିବା ଅନ୍ୟ ଏକ ପୋଷ୍ଟରେ।

ବିଜ୍ଞାନ ଆଧାରରେ ଯଦି ବିଚାରକୁ ନେବା ତେବେ ଭୂତ-ପ୍ରେତ କୌଣସି ପ୍ରମାଣିତ ସତ୍ୟ ନୁହେଁ। ମଣିଷର ମସ୍ତିଷ୍କର ଭୟ, କଳ୍ପନା, ଓ ମାନସିକ ପ୍ରଭାବ ଏହାର ମୂଳ କାରଣ। ଅନ୍ଧାରେ ଦେଖାଯାଇଥିବା ଛାୟା, ରାତିରେ ହଁ ଶବ୍ଦ, **SLEEP PARALYSIS** (ଯେତେବେଳେ ଶୋଇଥିଲେ ଦେହ ହଲେଇ ପାରୁନଥାଏ), କିମ୍ବା ଭ୍ରମକୁ ଲୋକେ ଭୂତ ବୋଲି ବୁଝନ୍ତି। ତଥାପି, ଧାର୍ମିକ ପରମ୍ପରା ଓ ଲୋକକଥାରେ ଭୂତ-ପ୍ରେତର ଗଭୀର ସ୍ଥାନ ଅଛି। ଏହି ବିଶ୍ୱାସଗୁଡ଼ିକ ଲୋକମାନଙ୍କୁ ନୀତି, କର୍ମ ଓ ପରଲୋକରେ ଆସ୍ଥା ରଖିବାକୁ ପ୍ରେରିତ କରିଥାଏ। ଭୂତ ଓ ପ୍ରେତ-ଦୁହିଁଟି ଶବ୍ଦ ଭୟ ଓ ଆଶ୍ଚର୍ଯ୍ୟର ସୃଷ୍ଟି କରେ। ପ୍ରେତ ହେଉଛି ମୃତ୍ୟୁ ପରେ ଅସ୍ଥାୟୀ ଅଶାନ୍ତ ଆତ୍ମା, ଯାହାକୁ ଶ୍ରାଦ୍ଧ-ପିଣ୍ଡଦାନ ଦ୍ୱାରା ଶାନ୍ତ କରାଯାଏ। ଭୂତ ହେଉଛି ସେମିତି ଆତ୍ମା, ଯାହା ଅସନ୍ତୁଷ୍ଟ, ଭୟଙ୍କର ରୂପରେ ପୃଥିବୀରେ ଘୁରୁଥାଏ ଓ ଲୋକମାନଙ୍କୁ ଭୟଭୀତ କରେ। ବିଜ୍ଞାନୀୟ ଭାବରେ ଏହାକୁ ଭ୍ରମ ଓ ମନୋବୈଜ୍ଞାନିକ ପ୍ରଭାବ ବୋଲି ବୁଝାଯାଏ, କିନ୍ତୁ ସାମାଜିକ-ଧାର୍ମିକ ଭାବରେ ଏହା ମଣିଷ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଆସିଲାରେ ପ୍ରେମ ଋତୁ

**ନିର୍ମଳ କୁମାର ରଣା**

ସଭ୍ୟତାର ଇତିହାସ ଯେତେ ପୁରୁଣା, ପ୍ରେମର ଧାରଣା ସେତେ ପ୍ରାଚୀନ। ଯୁଦ୍ଧ, ଶାସନ, ଅର୍ଥନୀତି ଓ ଧର୍ମ ମାନବ ସମାଜକୁ ଗଢ଼ିଥିଲେ ବେଳେ, ପ୍ରେମ ମନୁଷ୍ୟକୁ "ମନୁଷ୍ୟ" ରୂପେ ଚିହ୍ନଟ କରିଛି। ଫେବୃଆରୀ ମାସ ସହ ଆସୁଥିବା ଭାଲେଣ୍ଟାଇନ ସପ୍ତାହ ବା ପ୍ରେମ ସପ୍ତାହ କେବଳ ଏକ ଆଧୁନିକ ଉତ୍ସବ ନୁହେଁ; ଏହା ପ୍ରେମ, ସମ୍ପର୍କ, ମୂଲ୍ୟବୋଧ ଓ ସାମାଜିକ ଚେତନାର ଏକ ଗଭୀର ପ୍ରତିଫଳନ। "ଆସିଲାରେ ପ୍ରେମ ଋତୁ" — ଏହି ଧାରଣା ଆଜି ଆମକୁ ପୁନଃ ଚିନ୍ତନ କରିବାକୁ ବାଧ କରୁଛି, ପ୍ରେମ କ'ଣ, ଏହାର ସୀମା କେଉଁଠି, ଓ ଆଧୁନିକ ସମାଜରେ ଏହାର ଅର୍ଥ କ'ଣ?

ମନୋବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଜୈବ ବିଜ୍ଞାନର ଅଧ୍ୟୟନ ଦର୍ଶାଏ ଯେ, ମନୁଷ୍ୟର ଭାବାନୁଭୂତି ଋତୁ ପରିବର୍ତ୍ତନ ସହ ଗଭୀର ଭାବେ ସଂପୃକ୍ତ। ଶୀତ ଋତୁ ପରେ ବସନ୍ତ ଆସିଲେ ଦେହରେ ସେରୋଟୋନିନ୍ ଓ ଡୋପାମିନ୍ ଭଳି "ହ୍ୟାପି ହର୍ମୋନ" ର ସ୍ରାବ ବଢ଼େ, ଯାହା ଆନନ୍ଦ, ଆଶା ଓ ସମ୍ପର୍କ ପ୍ରତି ଆକର୍ଷଣକୁ ବୃଦ୍ଧି କରେ। ସେଥିପାଇଁ ହିଁ ବିଶ୍ୱର ପ୍ରାୟ ସମସ୍ତ ସଭ୍ୟତାରେ ବସନ୍ତକୁ ପ୍ରେମ, ପୁନର୍ଜୀବନ ଓ ସୃଜନଶୀଳତାର ଋତୁ ଭାବେ ଦେଖାଯାଇଛି।

ଭାରତୀୟ ପରମ୍ପରାରେ ବସନ୍ତ ପଞ୍ଚମୀ, ମଦନୋତ୍ସବ, ହୋଳି—ସବୁଠାରେ ପ୍ରେମ ଓ ଆନନ୍ଦର ସମ୍ମିଳନ ଦେଖାଯାଏ। ଭାଲେଣ୍ଟାଇନ ଡେ ଏହି ପ୍ରାକୃତିକ–ମାନସିକ ପ୍ରବୃତ୍ତିର ଏକ ଆଧୁନିକ ଆନୁଷ୍ଠାନିକ ରୂପ।

ଇତିହାସିକ ତଥ୍ୟ ଅନୁସାରେ, ସେଣ୍ଟ ଭାଲେଣ୍ଟାଇନ ଥିଲେ ତୃତୀୟ ଶତାବ୍ଦୀର ରୋମ ସାମ୍ରାଜ୍ୟର ଜଣେ ଖ୍ରୀଷ୍ଟିୟ ପାଦ୍ରୀ। ଖ୍ରୀଷ୍ଟାବ୍ଦ ୨୬୮–୨୬୯ ସାଲ ସମୟରେ, ରୋମ ସାମ୍ରାଟ୍ କ୍ଲଡିଅସ–୨ ଯୁବକମାନଙ୍କ ପାଇଁ ବିବାହକୁ ନିଷେଧ କରିଥିଲେ, କାରଣ ବିବାହିତ ପୁରୁଷମାନେ ସେନାରେ ଯିବାରେ ଅନାଗ୍ରହୀ ହେଉଥିଲେ କିମ୍ବା ବିବାହ କଲେ ସେମାନେ ପରାକ୍ରମୀ କିମ୍ବା ଶକ୍ତିଶାଳୀ ହୋଇ ପାରିବେ ନାହିଁ L ଭାଲେଣ୍ଟାଇନ ଏହି ରାଜ୍ୟ ଆଦେଶକୁ ମାନବିକ ଓ ନୀତିଗତ ଭାବେ ଅନ୍ୟାୟ ଭାବି, ଗୋପନରେ ଯୁବ ପ୍ରେମୀ ଯୁଗଳଙ୍କ ବିବାହ କରାଇଥିଲେ। ଏହି କାରଣରୁ ସେ ଖ୍ରୀଷ୍ଟାବ୍ଦ ୨୬୯ ରେ ସେ ଗିରଫ ହେଲେ ଏବଂ ରୋମରେ କାରାବନ୍ଦୀ ହେଲେ। ରାଜ୍ୟ ଆଦେଶ ଉଲ୍ଲଂଘନ, ଯୁବକମାନଙ୍କୁ ବିବାହ କରିବାକୁ ପ୍ରୋତ୍ସାହିତ କରିବା ଏବଂ ଦେଶଦ୍ରୋହୀ କାର୍ଯ୍ୟ ପରି ତିନୋଟି ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା। ଶେଷରେ ୧୪ ଫେବୃଆରୀ, ଖ୍ରୀଷ୍ଟାବ୍ଦ ୨୬୯ (କିଛି ଇତିହାସକାରଙ୍କ ମତାନୁସାରେ ୨୭୦) ତାରିଖରେ ତାଙ୍କୁ ହତ୍ୟା (ଶିରୋଚ୍ଛେଦ) କରାଯାଇଥିଲା। ଭାଲେଣ୍ଟାଇନଙ୍କ ଏହି ଶହୀଦି ପ୍ରେମକୁ କେବଳ ଏକ ବ୍ୟକ୍ତିଗତ ଭାବନା ନୁହେଁ, ବରଂ ରାଜ୍ୟ ଅନ୍ୟାୟ ବିରୋଧରେ ଏକ ନୀତିଗତ ପ୍ରତିରୋଧର ରୂପ ଦେଲା। ସେହି କାରଣରୁ ୧୪ ଫେବୃଆରୀ ଆଜି ପ୍ରେମ ଉତ୍ସବର ତାରିଖ ହେବା ସହିତ ସହିତ, ଇତିହାସରେ ପ୍ରେମ ପାଇଁ ଦିଆଯାଇଥିବା ଏକ ମୂଲ୍ୟବାନ ଜୀବନର ସ୍ମୃତି ଭାବେ ଅମର ହୋଇରହିଛି।

ପରବର୍ତ୍ତୀ କାଳରେ ଖ୍ରୀଷ୍ଟିୟ ଚର୍ଚ୍ଚ ଏହି ଦିନକୁ ପ୍ରେମ ଓ ତ୍ୟାଗର ପ୍ରତୀକ ଭାବେ ଗ୍ରହଣ କଲା।

ବିଶ୍ୱରେ 'ଭାଲେଣ୍ଟାଇନ ଡେ' କ୍ରମେ ଭାଲେଣ୍ଟାଇନ ସପ୍ତାହ ର ରୂପ ନେଇଛି। ରୋଜ ଡେ, ପ୍ରପୋଜ ଡେ, ଚକୋଲେଟ ଡେ, ଟେଡି ଡେ, ପ୍ରମିଜ ଡେ, ହଗ ଡେ ଓ କିସ ଡେ ପ୍ରତ୍ୟେକ ଦିନ ପ୍ରେମର ଭିନ୍ନ ଭିନ୍ନ ମାନସିକ ଅଭିବ୍ୟକ୍ତିକୁ ଦର୍ଶାଏ।ସାମାଜିକ ବିଜ୍ଞାନୀମାନଙ୍କ ମତରେ, ଏହି ସପ୍ତାହ ଯୁବ ପିଢ଼ି ପାଇଁ ଭାବନାକୁ ଭାଷା ଦେବାର ଏକ ସାଧନ। ଯେଉଁଠାରେ ପାରମ୍ପରିକ ସମାଜରେ ପ୍ରେମ ଅନେକ ସମୟ ଅନୁଚ୍ଚାରିତ ଥାଏ, ସେଠାରେ ଭାଲେଣ୍ଟାଇନ ସପ୍ତାହ ଏକ ମୁକ୍ତ ଅଭିବ୍ୟକ୍ତିର ମଞ୍ଚ ସୃଷ୍ଟି କରେ ଏବଂ ଭାରତୀୟ ସଂସ୍କୃତିରେ ପ୍ରେମକୁ କେବଳ ଦେହଜ ଆକର୍ଷଣ ଭାବେ ନୁହେଁ, ବରଂ ଜୀବନର ଏକ ଦାର୍ଶନିକ ଆବଶ୍ୟକତା ଭାବେ ଦେଖାଯାଇଛି। ପୁରୁଷାର୍ଥ ଚତୁଷ୍ଟୟ—ଧର୍ମ, ଅର୍ଥ, କାମ, ମୋକ୍ଷ—ମଧ୍ୟରେ 'କାମ' ଅର୍ଥାତ୍ ପ୍ରେମ ଓ ଆନନ୍ଦକୁ ସ୍ୱୀକୃତି ଦିଆଯାଇଛି। କାମସୂତ୍ର କେବଳ ଶାରୀରିକ ସମ୍ପର୍କର ଗ୍ରନ୍ଥ ନୁହେଁ; ଏହା ସମ୍ପର୍କ, ସମ୍ମାନ, ସମତା ଓ ଦାୟିତ୍ୱର ଏକ ସାମାଜିକ ଶାସ୍ତ୍ର। ଜୟଦେବଙ୍କ ଗୀତଗୋବିନ୍ଦ, ବିଦ୍ୟାପତିଙ୍କ ପଦାବଳୀ, ଓଡ଼ିଆ ଭକ୍ତି ସାହିତ୍ୟ ସବୁଠାରେ ପ୍ରେମ ଆତ୍ମା ଓ ପରମାତ୍ମାର ମିଳନ ଭାବେ ପ୍ରକାଶିତ। ଶାସ୍ତ୍ରୀୟ ଭାବେ ବିଚାର କଲେ, ପ୍ରେମ କେବଳ ବ୍ୟକ୍ତିଗତ ଅନୁଭୂତି ନୁହେଁ; ଏହା ପରିବାର ଓ ସମାଜର ମୂଳ ଆଧାର। ମା ବାପାଙ୍କ ସ୍ନେହ, ଶିକ୍ଷକଙ୍କ ମମତା, ସମାଜ ପ୍ରତି ସହାନୁଭୂତି ସବୁ ପ୍ରେମର ଭିନ୍ନ ରୂପ।



ଭାଲେଣ୍ଟାଇନ ସପ୍ତାହ ଯଦି ଏହି ବିସ୍ତୃତ ଅର୍ଥରେ ପ୍ରେମକୁ ବୁଝାଏ, ତେବେ ଏହା ସମାଜକୁ ଅଧିକ ସହିଷ୍ଣୁ ଓ ମାନବିକ କରିପାରିବ। ଆଧୁନିକ ସମାଜରେ ଭାଲେଣ୍ଟାଇନ ସପ୍ତାହ ଉପରେ ସବୁଠାରୁ ବଡ଼ ଅଭିଯୋଗ ହେଉଛି ତାହାର ବାଣିଜ୍ୟିକତା। ବହୁ ଗବେଷକ ମନେ କରନ୍ତି ଯେ, ବର୍ତ୍ତମାନ ର ବଜାର ପ୍ରେମକୁ ଏକ ପଦାର୍ଥରେ ପରିଣତ କରିଦେଇଛି ଏବଂ ଉପହାର ମାପଦଣ୍ଡ ହୋଇଯାଇଛି ପ୍ରେମର ଗଭୀରତା। ଏହା ସହିତ ଅନ୍ୟପଟେ, ସଂସ୍କୃତିର ନାମରେ ପ୍ରେମ ପ୍ରତି ହିଂସ୍ର ବିରୋଧ ମଧ ଦେଖାଯାଉଛି, ଯାହା ଲୋକତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଆପଦଜନକ।

ଗବେଷଣା ଦର୍ଶାଏ ଯେ, ଯେଉଁ ସମାଜରେ ସମ୍ପର୍କରେ ସମ୍ମାନ, ସହମତି ଓ ସମତା ରହିଥାଏ, ସେଠାରେ ସାମାଜିକ ହିଂସା କମିଥାଏ। ପ୍ରେମ ତେଣୁ କେବଳ ଭାବନା ନୁହେଁ, ଏକ ନୀତିଗତ ଦାୟିତ୍ୱ। ଫେବୃଆରୀ ସହ ଆସୁଥିବା ଏହି ପ୍ରେମ ଋତୁ ଆମକୁ ଏକ ପ୍ରଶ୍ନ ଦିଏ ଯେ ଆମେ ପ୍ରେମକୁ କେବଳ ଉତ୍ସବରେ ସୀମିତ କରିବାକୁ ଚାହୁଁଛୁ, ନା ଜୀବନର ମୂଲ୍ୟବୋଧ ଭାବେ ଗ୍ରହଣ କରିବାକୁ? ଭାଲେଣ୍ଟାଇନ ସପ୍ତାହ ଯଦି ଆମକୁ ସହିଷ୍ଣୁତା, ସମ୍ମାନ ଓ ମାନବିକତାର ଶିକ୍ଷା ଦେଇପାରିଲା, ତେବେ ଏହା ସତ୍ୟ ଅର୍ଥରେ "ପ୍ରେମ ଋତୁ" ହେବ।

**ପୁରୁଣାକଟକ, ବୌଦ୍ଧ, ମୋ:୯୯୩୭୬୬୯୫୫୧**

## ବାଣିଜ୍ୟ ଚୁକ୍ତିରେ ସଂଶୋଧନ କଲା ଆମେରିକା

# ୫୦୦ ବିଲିୟନ ଡଲାର ପାଇଁ ବାଧ୍ୟ ନୁହେଁ ଭାରତ

ନୂଆଦିଲ୍ଲୀ, ୧୧।୨: ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପରେ, ଆମେରିକା ହ୍ୱାଇଟ୍ ହାଉସ୍ ଏକ ନୂତନ ତଥ୍ୟପତ୍ର ପ୍ରକାଶ କରିଛି। ଏହି ତଥ୍ୟପତ୍ରରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଅନେକ ପରିବର୍ତ୍ତନ ହୋଇଛି। ଆମେରିକା ଚୁକ୍ତିନାମାରୁ ଡାଲି ଏବଂ ୫୦୦ ବିଲିୟନ ଡଲାରର 'ବାଧ୍ୟତାମୂଳକ' କ୍ରୟ ପ୍ରସଙ୍ଗକୁ ହଟାଇ ଦେଇଛି। ଆମେରିକା ଆମେରିକୀୟ ସାମଗ୍ରୀ କ୍ରୟ ପାଇଁ ସର୍ତ୍ତକୁ 'ପ୍ରତିଶ୍ରୁତିବଦ୍ଧ'ରୁ 'ଆଗ୍ରହ'ରେ ପରିବର୍ତ୍ତନ କରିଛି। ଭାରତ ଆଉ ୫୦୦ ବିଲିୟନ ଡଲାରର ଆମେରିକା ସହିତ ବାଣିଜ୍ୟ କରିବାକୁ ବାଧ୍ୟ ନୁହେଁ।



ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପରେ, ଆମେରିକା ଏକ ନୂତନ ଅପଡେଟ ହୋଇଥିବା ତଥ୍ୟପତ୍ର ପ୍ରକାଶ କରିଛି। ଏହି ତଥ୍ୟପତ୍ରରେ କୁହାଯାଇଛି ଯେ ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦର ଏକ ବିସ୍ତୃତ ପରିସର ଉପରେ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। 'ବାଧ୍ୟତାମୂଳକ' ଶବ୍ଦକୁ ବର୍ତ୍ତମାନ 'ଇଣ୍ଟେଣ୍ଟ' ସହିତ ବଦଳାଯାଇଛି। ଶକ୍ତି, ଆଇଟି, କୃଷି, କୋଇଲା ଏବଂ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଅନ୍ୟାନ୍ୟ ଉତ୍ପାଦ ସମେତ ଆମେରିକୀୟ ଉତ୍ପାଦ କ୍ରୟ ପାଇଁ ସର୍ତ୍ତାବଳୀ ପରିବର୍ତ୍ତନ କରାଯାଇଛି। ୫୦୦ ବିଲିୟନ ଡଲାରରୁ ମୂଲ୍ୟର ସାମଗ୍ରୀ କ୍ରୟ ଆଉ ବାଧ୍ୟତାମୂଳକ ହେବ ନାହିଁ।

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ସଂଶୋଧନ ପରେ, ଶବ୍ଦ ଶୁଳ୍କ ହ୍ରାସ ପାଇଁ ଯୋଗ୍ୟ ଉତ୍ପାଦ ବର୍ଗ ତାଲିକାରୁ 'କୃଷି'କୁ ବାଦ ଦିଆଯାଇଛି। ଆମେରିକା ଏବେ ଆମେରିକୀୟ ଶିଳ୍ପ ଏବଂ ଖାଦ୍ୟ ସାମଗ୍ରୀ ଏବଂ ଶୁଖିଲା ଶସ୍ୟ, ଲାଲ ସୋର୍ଘମ୍, ବାଦାମ, ତାଜା ଏବଂ ପ୍ରକ୍ରିୟାକୃତ ଫଳ, କିଛି ଡାଲି ଏବଂ ସୋୟାବିନ ତେଲ ଭଳି କୃଷି ଉତ୍ପାଦ ଉପରେ ଶୁଳ୍କ ହ୍ରାସ କିମ୍ବା ସମାପ୍ତ କରିବ।

## ବାଣିଜ୍ୟ ଚୁକ୍ତି ନେଇ ବର୍ଷିଲେ ରାହୁଲ

# ଭାରତ ମାତାକୁ ବିକ୍ରି କରିଦେଇଛନ୍ତି



**କଂଗ୍ରେସ ଦେଶକୁ ଦୁର୍ବଳ କରୁଛି: କିରେନ ରିଜିଜୁ**

ନୂଆଦିଲ୍ଲୀ, ୧୧।୨: ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଗୃହରେ ଏକ ଭାଷଣ ଦେଇଥିଲେ। ସେ ଏକ ଲମ୍ବା ବିତର୍କ ପରେ ଗୃହକୁ ସମ୍ବୋଧିତ କରିଥିଲେ। ରାହୁଲ କେବଳ ଆମେରିକାକୁ ଟାର୍ଗେଟ କରିନଥିଲେ ବରଂ କେନ୍ଦ୍ରର ମୋଦି ସରକାରଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ରାହୁଲ ଦାବି କରିଥିଲେ ଯେ ଆମେରିକାର ଚାପରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଯଦି ଭାରତ ପାଳନ ନ କରେ, ତେବେ ଆମେରିକା ପୁଣି ଥରେ ଶୁଳ୍କ ବୃଦ୍ଧି କରିବ। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକାର ନଜର ଭାରତର ତଥ୍ୟ ଉପରେ ରହିଛି। ରାହୁଲ କହିଛନ୍ତି ଯେ ଆମର ତଥ୍ୟ ବିକ୍ରି ହୋଇଛି, ଚାଷୀ ବିକ୍ରି ହୋଇଛନ୍ତି।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଯଦି ଭାରତ ଆଲାଏନ୍ସ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା କରୁଥାଏ, ତେବେ ମୁଁ ଆପଣଙ୍କୁ କହିବି ଯେ ଆମେ କଣ କରିବୁ। ପ୍ରଥମେ, ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ କହିବୁ, "ଏହି ସମୀକରଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତୀୟ ତଥ୍ୟ। ଆପଣ କଣ ଆପଣଙ୍କର ଡଲାର ସଞ୍ଚୟ କରିବାକୁ ଚାହୁଁଛନ୍ତି? ଆମେ ଆପଣଙ୍କର ବନ୍ଧୁ। ଆମେ ଆପଣଙ୍କୁ ପ୍ରଶଂସା କରୁଛୁ। ଆମେ ଆପଣଙ୍କର ଡଲାର ସଞ୍ଚୟ କରିବାରେ ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁଛୁ, କିନ୍ତୁ ଦୟାକରି ମନେରଖନ୍ତୁ ଯେ ଯଦି ଆପଣ ଆପଣଙ୍କର ଡଲାର ସଞ୍ଚୟ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କର ଡଲାର ସଞ୍ଚୟ କରିପାରିବା ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଭାରତୀୟ ଜନତା।"

ରାହୁଲ କହିଥିଲେ, ରାଷ୍ଟ୍ରପତି ଟ୍ରମ୍ପ, ଯଦି ଆପଣ ଏହି ତଥ୍ୟର ପ୍ରବେଶ ଚାହାଁନ୍ତି, ଦୟାକରି ବୁଝନ୍ତୁ ଯେ ଆପଣ ଆମ ସହିତ ସମାନ ଭାବରେ କଥା ହେବେ। ଆପଣ ଆମ ସହିତ ଏପରି କଥା ହେବେ ନାହିଁ ଯେପରି ଆମେ ଆପଣଙ୍କର ସେବକ। ଦ୍ୱିତୀୟ କଥା ଆମେ କହିବୁ, ଟ୍ରମ୍ପ, ଦୟାକରି ବୁଝନ୍ତୁ ଯେ ଆମର ଶକ୍ତି ସୁରକ୍ଷା ହେଉଛି ଆମର ଶକ୍ତି ସୁରକ୍ଷା। ଯାହା ହେଉନା କାହିଁକି, ଆମେ ଆମର ଶକ୍ତି ସୁରକ୍ଷାକୁ ସୁରକ୍ଷା ଦେବୁ। ତୃତୀୟ କଥା ଆମେ କହିବୁ, ରାଷ୍ଟ୍ରପତି ଟ୍ରମ୍ପ, ଆମେ ବୁଝୁଛୁ ଯେ ଆପଣଙ୍କର ଏକ ଭୋଟର ଆଧାର ଅଛି, ଏକ କୃଷି ଭୋଟର ଆଧାର। ଆମେ ବୁଝୁଛୁ ଯେ ଆପଣଙ୍କୁ ଆପଣଙ୍କର ଚାଷୀମାନଙ୍କୁ ସୁରକ୍ଷା ଦେବା ଆବଶ୍ୟକ, କିନ୍ତୁ ଆମେ ଆମର ଚାଷୀମାନଙ୍କୁ ମଧ୍ୟ ସୁରକ୍ଷା ଦେବୁ।

ଅନ୍ୟପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାହୁଲଙ୍କୁ ଜବାବ ଦେଇ କହିଛନ୍ତି ଯେ ଏହି ଦେଶକୁ ବିକ୍ରି କରିବା ପାଇଁ କେହି ଜନ୍ମ ହୋଇନାହାଁନ୍ତି। ଆପଣଙ୍କ କଥାର କୌଣସି ମୂଲ୍ୟ ନାହିଁ; କଂଗ୍ରେସ ସର୍ବଦା ଦେଶକୁ ଦୁର୍ବଳ କରିବାକୁ ଚାହୁଁଛି।

## ସ୍ୱିଜରଲାଣ୍ଡ ଉପରେ ଶୁଳ୍କ ବୃଦ୍ଧି ବିବାଦ

# ମହିଳା ନେତାଙ୍କ କଥା ଟ୍ରମ୍ପଙ୍କୁ ପ୍ରଭାବିତ କଲାନି

ନ୍ୟୁୟର୍କ, ୧୧।୨: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱିଜରଲାଣ୍ଡ ଉପରେ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି କେବଳ ବାଣିଜ୍ୟ ତଥ୍ୟ ଦ୍ୱାରା ନୁହେଁ ବରଂ ଏକ ଆଲୋଚନା ଅଭିଜ୍ଞତା ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଛି। ଟ୍ରମ୍ପ କହିଛନ୍ତି, ସ୍ୱିଜରଲାଣ୍ଡର ଜଣେ ମହିଳା ନେତାଙ୍କ ସହ ଫୋନରେ କଥାବାର୍ତ୍ତା ପରେ, ମୁଁ କୌଣସି ଆଶ୍ୱସ୍ତି ଦେବା ପରିବର୍ତ୍ତେ ଶୁଳ୍କ ଆହୁରି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲି।



ଏକ ସାମ୍ପ୍ରତିକ ଗଣମାଧ୍ୟମ ସାକ୍ଷାତକାରରେ, ଟ୍ରମ୍ପ ସ୍ୱିସ୍ ଫେଡେରାଲ୍ କାଉନସିଲ୍ ସଦସ୍ୟ କରିନ୍ କେଲର-ସଟରଙ୍କ ସହ ତାଙ୍କର ଏକ ଆଲୋଚନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଆମେରିକା ଓ ସ୍ୱିଜରଲାଣ୍ଡ ମଧ୍ୟରେ ବାଣିଜ୍ୟ ସନ୍ତୁଳନ ଆମେରିକାର ସପକ୍ଷରେ ନାହିଁ। ଟ୍ରମ୍ପଙ୍କ ଅନୁଯାୟୀ, ସ୍ୱିଜରଲାଣ୍ଡ ଏକ ଛୋଟ ଦେଶ ହୋଇପାରେ, କିନ୍ତୁ ଆମେରିକା ସହିତ ଏହାର ପ୍ରାୟ ୪୨ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ଅଛି। କୌଣସି ଦେଶର ଆକର କେତେକ ବଡ଼ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାର ବାଣିଜ୍ୟ କେତେ ହେଉଛି ତାହା ଗୁରୁତ୍ୱପୂର୍ଣ୍ଣ। ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ମୁଁ ପ୍ରଥମେ ସ୍ୱିଜରଲାଣ୍ଡ ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲି। ମୁଁ ଏକ ଫୋନ୍ କଲ୍ ପାଇଥିଲି। ମୁଁ ଅନୁମାନ କରୁଥିଲି ତାହା ସ୍ୱିଜରଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆସିଥିବ। ମାତ୍ର ସ୍ୱିଜରଲାଣ୍ଡରେ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତିଙ୍କର ପଦବୀ ନାହିଁ। ଦେଶର ଶାସନ ଏକ ସାତ ସଦସ୍ୟ ବିଶିଷ୍ଟ ଫେଡେରାଲ୍ ପରିଷଦ ସରକାର ପରିଚାଳନା କରୁଛନ୍ତି। ଟ୍ରମ୍ପଙ୍କ ଅନୁସାରେ, କଥାବାର୍ତ୍ତା ସମୟରେ, ସ୍ୱିଜରଲାଣ୍ଡ ନେତା ବାରମ୍ବାର କହିଥିଲେ ଯେ, ତାଙ୍କ ଦେଶ ଛୋଟ ଓ ଏତେ ଅଧିକ ଶୁଳ୍କ ହାର ତାଙ୍କ ପାଇଁ ସହ୍ୟ କରିବା କଷ୍ଟକର ହେବ।

ଟ୍ରମ୍ପ ଦାବି କରିଛନ୍ତି ଯେ, ମତେ କଥାବାର୍ତ୍ତାର ସ୍ୱର ଆକ୍ରମଣାତ୍ମକ ଲାଗିଲା । ମୁଁ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଥିଲି। ଏହାପରେ ମୁଁ ଶୁଳ୍କକୁ ୩୦ ପ୍ରତିଶତରୁ ୩୯ ପ୍ରତିଶତକୁ ବୃଦ୍ଧି କରିଥିଲି। ଟ୍ରମ୍ପ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ସ୍ୱିଜରଲାଣ୍ଡ ଆମେରିକାକୁ ବହୁ ପରିମାଣର ସାମଗ୍ରୀ ରପ୍ତାନି କରେ କିନ୍ତୁ ସେଗୁଡ଼ିକ ଉପରେ ପର୍ଯ୍ୟାପ୍ତ ଶୁଳ୍କ ପ୍ରଦାନ କରେ ନାହିଁ ।

## ସଂରକ୍ଷଣରେ କ୍ରିମି ଲେୟାର ପ୍ରସଙ୍ଗ

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୨: ଅନୁସୂଚୀତ ଜାତି ଏବଂ ଜନଜାତିଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ବଡ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ବସିଥିବା ସାମ୍ବିଧାନିକ ବେଞ୍ଚର ନିଷ୍ପତ୍ତିରେ କେନ୍ଦ୍ର ସରକାର କଣ ପଦକ୍ଷେପ ନେଇଛନ୍ତି ସେନେଇ କୋର୍ଟ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ବେଞ୍ଚ୍ ପୂର୍ବରୁ ଏସସି-ଏସଟି ସଂରକ୍ଷଣ ଭିତରେ ସଂରକ୍ଷଣ ଦେବାକୁ ମଞ୍ଜୁରି ଦେଇଥିଲେ। ଏହାସହ ସଂରକ୍ଷଣ ବ୍ୟବସ୍ଥାରେ କ୍ରିମି ଲେୟାର ବ୍ୟବସ୍ଥା ଲାଗୁ ପାଇଁ ମଧ୍ୟ ଗୁରୁତ୍ୱ ଦେଇଥିଲେ।

ମଙ୍ଗଳବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗଚି ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚରେ ଏସସି-ଏସଟି ସଂରକ୍ଷଣ ବ୍ୟବସ୍ଥା ନେଇ ଶୁଣାଣି ହୋଇଥିଲା। ଏଥିରେ ଏସସି-ଏସଟି ସଂରକ୍ଷଣ ଭିତରେ ସଂରକ୍ଷଣ ପ୍ରଦାନ ନେଇ ମାପଦଣ୍ଡ ନିର୍ଦ୍ଧାରଣ କରିବାକୁ ଆବେଦନ କରାଯାଇଥିଲା। ଯାହାର ଶୁଣାଣି କରି କୋର୍ଟ କେନ୍ଦ୍ରକୁ ରିପୋର୍ଟ ମାଗିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ଅଗଷ୍ଟ ୧ ତାରିଖରେ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ବା ସଂରକ୍ଷଣର ଶ୍ରେଣୀ ବଣ୍ଟନର ଅଧିକାର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଏସସି-ଏସଟି ବର୍ଗରେ କ୍ରିମି ଲେୟାର ଲାଗୁ ପାଇଁ ଓପି ଶୁକ୍ଲା ଏବଂ ସମତା ଆନ୍ଦୋଳନ ସମିତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏନେଇ କେନ୍ଦ୍ର ଏବଂ ରାଜ୍ୟଙ୍କୁ ନିୟମ ତଥା ମାପଦଣ୍ଡ ପ୍ରସ୍ତୁତ ପାଇଁ କହିଥିଲେ। ଏହାସହ ଏସସି-ଏସଟି ବର୍ଗର କେଉଁ ବିଶେଷ ଜାତିର ବ୍ୟକ୍ତି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଚାକିରିରେ ସଠିକ ପ୍ରତିନିଧିତ୍ୱ କରିପାରୁ ନାହାଁନ୍ତି ସେନେଇ ତଥ୍ୟ ହାସଲ କରିବାକୁ ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଏବେ କୋର୍ଟ ଏପ୍ରସଙ୍ଗରେ କେନ୍ଦ୍ରକୁ ନୋଟିସ କରିବା ସହ ଶୁଣାଣିକୁ କିଛି ସମୟ ପାଇଁ ଟାଳି ଦେଇଛନ୍ତି।

# ବନ୍ଧୁକ ଧରି ରିଲ୍ସ କଲେ କଂଗ୍ରେସ ବିଧାୟକ

ବେଙ୍ଗାଲୁରୁ, ୧୧।୨: ବିବାଦରେ କଂଗ୍ରେସ ନେତା। ବନ୍ଧୁକ ଧରି କଲେ ରିଲ୍ସ। ଧୂଆଁଧାର ଫିଲ୍ମର ଗୀତ ଭଳି ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି କର୍ଣ୍ଣାଟକର କାଲାବୁରାଗି କଂଗ୍ରେସ ବିଧାୟକଙ୍କ ଘନିଷ୍ଠ ସହଯୋଗୀ। ତେବେ କଂଗ୍ରେସ ନେତାଙ୍କ ଏପରି ଆଚରଣକୁ ନେଇ ସବୁଠି ଚର୍ଚ୍ଚା।

ରିପୋର୍ଟ ଅନୁସାରେ, କର୍ଣ୍ଣାଟକର କାଲାବୁରାଗିର କଂଗ୍ରେସ ବିଧାୟକଙ୍କ ଜଣେ ଘନିଷ୍ଠ ସହଯୋଗୀ ହାତରେ ବନ୍ଧୁକ ଏବଂ ପିସ୍ତଲ ଧରି ଏକ ରିଲ୍ସ କରିଛନ୍ତି। ଯାହା ଧୂଆଁଧାର ଗୀତର ଏକ ରେହମାନ ଡକେଟ୍ ଭଳି। ତେବେ ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ବନ୍ଧୁକ ଧରି ରିଲ୍ସ କରିଥିବା ନେତା ହେଲେ ମାଟିନ୍ ପଟେଲ୍। ଭିଡିଓରେ ଦେଖିବାକୁ ମିଳିଛି ଯେ, ମାଟିନ୍ ଏକ କଳା ରଙ୍ଗର ଏସୟୁଭିରୁ ଓହ୍ଲାଉଛନ୍ତି। ଏହାପରେ ବନ୍ଧୁଙ୍କ ସହ ନାଚ କରୁଛନ୍ତି। ନାଚିବା ବେଳେ ସେ ଧୁଆଁଧାର ଫିଲ୍ମର ରେହମାନ ଡକେଟ୍ ଭଳି ଅଭିନୟ କରୁଛନ୍ତି।



# ଆଜି ଦେଶବ୍ୟାପୀ ଧର୍ମଘଟ



ନୂଆଦିଲ୍ଲୀ, ୧୧।୨: ଫେବୃଆରୀ ୧୨ ତାରିଖରେ ସାରା ଦେଶରେ ଜନଜୀବନ ବିଶେଷ ଭାବରେ ବାଧାପ୍ରାପ୍ତ ହେବାର ଆଶଙ୍କା କରାଯାଉଛି। ଅନେକ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଏବଂ କୃଷକ ସଂଗଠନ ଏହି ଦିନ ଦେଶବ୍ୟାପୀ ଧର୍ମଘଟ, ଭାରତ ବନ୍ଦ ଡାକରା ଦେଇଛନ୍ତି। ଆୟୋଜକଙ୍କ ଅନୁଯାୟୀ, ଏହି ଆନ୍ଦୋଳନରେ ୩୦ କୋଟିରୁ ଅଧିକ ଶ୍ରମିକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି, ଯାହା ବ୍ୟାଙ୍କିଙ୍ଗ୍, ପରିବହନ ଏବଂ ସରକାରୀ ସେବା ଉପରେ ବ୍ୟାପକ ପ୍ରଭାବ ପକାଇପାରେ। ଧର୍ମଘଟ ସମ୍ପର୍କରେ, ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିଅନର ଏକ ମିଳିତ ମଞ୍ଚ ନିଶ୍ଚିତ କରିଛି ଯେ ଭାରତ ବନ୍ଦ ଫେବୃଆରୀ ୧୨ ତାରିଖରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ହେବ। ୟୁନିୟନ ନେତାମାନେ କହିଛନ୍ତି ଯେ ଏହି ପ୍ରତିବାଦ କେନ୍ଦ୍ର ସରକାରଙ୍କ ଶ୍ରମ ସଂସ୍କାର ନୀତି ଏବଂ ଆର୍ଥିକ ନିଷ୍ପତ୍ତି ବିରୁଦ୍ଧରେ କରାଯାଉଛି। ଟ୍ରେଡ୍ ୟୁନିଅନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଚାରୋଟି ନୂତନ ଶ୍ରମ ସଂହିତା ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ। ୟୁନିଅନଗୁଡ଼ିକ କହିଛନ୍ତି ଯେ ଏହି ଆଇନଗୁଡ଼ିକ କର୍ମଚାରୀଙ୍କ ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି ଏବଂ ନିଯୁକ୍ତିଦାତାମାନଙ୍କୁ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ବହିଷ୍କାର କରିବାରେ ଅଧିକ ସୁଯୋଗ ଦେଇଛି। ଏହା ବ୍ୟତୀତ, ପୂର୍ବରୁ ଥିବା ଅନେକ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇଛି। ଭାରତ ବନ୍ଦକୁ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ମଧ୍ୟ ସମର୍ଥନ ମିଳୁଛି, ଯାହା ଏହି ଆନ୍ଦୋଳନର ପରିସର ଏବଂ ପ୍ରଭାବକୁ ବୃଦ୍ଧି କରିବାର ସମ୍ଭାବନା ରହିଛି। କୃଷକ ସଂଗଠନଗୁଡ଼ିକର ସମର୍ଥନ ସହିତ, ଅନେକ ରାଜ୍ୟରେ ରାସ୍ତା ଅବରୋଧ, ପ୍ରତିବାଦ ଏବଂ ରାଲି ହେବାର ସମ୍ଭାବନା ରହିଛି।

ଧର୍ମଘଟ ସମୟରେ ଅନେକ ଅତ୍ୟାବଶ୍ୟକ ସେବା ପ୍ରଭାବିତ ହୋଇପାରେ। ପ୍ରଶାସନର ଆକଳନ ଅନୁଯାୟୀ, ପ୍ରମୁଖ ସହରଗୁଡ଼ିକରେ ବଜାର ଏବଂ ଦୋକାନ, ଅନେକ ରାଜ୍ୟରେ ସରକାରୀ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ରାସ୍ତା ଭିଡ଼ ଯୋଗୁଁ ସାଧାରଣ ପରିବହନ, ସ୍କୁଲ ଏବଂ କଲେଜ ଆଦି ସେବା ଗୁଡିକ ବନ୍ଦ ରହିବ। ସେହିପରି ହସ୍ପିଟାଲ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସେବା, ବେସରକାରୀ କାର୍ଯ୍ୟାଳୟ, ଏଟିଏମ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଖୋଲା ରହିବାର ସମ୍ଭାବନା ରହିଛି। ତଥାପି, ବିଭିନ୍ନ ରାଜ୍ୟ ଏବଂ ସହରରେ ପରିସ୍ଥିତି ଭିନ୍ନ ହୋଇପାରେ।

# ବିନା କପିରାଇଟରେ ପୁସ୍ତକ ଛାପିଲେ ଜେଲ




ନୂଆଦିଲ୍ଲୀ, ୧୧।୨: ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନାରୱଣେଙ୍କ ଆତ୍ମଜୀବନୀକୁ ନେଇ ବିବାଦ ତୁଟୁନି। ସମ୍ପ୍ରତି, ପୁସ୍ତକର ଏକ କଥିତ ପିଡିଏଫ ଫାଇଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ, ବିଶେଷକରି ହ୍ୱାଟସଆପରେ ସେୟାର କରାଯାଇଥିଲା। ଏହା ବ୍ୟତୀତ, କିଛି ୱେବସାଇଟରେ ପୁସ୍ତକର ଉପଲବ୍ଧତା ମଧ୍ୟ କ୍ରମଶଃ ଗମ୍ଭୀର ହୋଇପଡୁଛି, ଯାହା ପରିସ୍ଥିତିକୁ ଆହୁରି ତୀବ୍ର କରିଛି। ଏହି ଘଟଣା ପରେ, ଦିଲ୍ଲୀ ପୋଲିସ ଏକ ମାମଲା ପଞ୍ଜିକୃତ କରିଛି ଏବଂ ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏଠାରେ ପ୍ରଶ୍ନ ରହିଛି: ପ୍ରକାଶନ ଅଧିକାର ବିନା ପୁସ୍ତକ ଛାପିବା କିମ୍ବା ବଣ୍ଟନ କରିବା କେତେ ଗମ୍ଭୀର ଅପରାଧ, ଏବଂ ଏଥିପାଇଁ ଦଣ୍ଡ କଣ ହୋଇପାରେ? ପେଙ୍ଗୁଇନ୍ ରାଣ୍ଡମ୍ ହାଉସ ଇଣ୍ଡିଆ ଗତକାଲି ବିଳମ୍ବିତ ରାତିରେ କହିଛନ୍ତି ଯେ ଏହା ଜେନେରାଲ ନରୱଣେଙ୍କ ପୁସ୍ତକର ସମ୍ପୂର୍ଣ୍ଣ ପ୍ରକାଶନ ଅଧିକାର ଧାରଣ କରିଛି, କିନ୍ତୁ ପୁସ୍ତକଟି ଏପର୍ଯ୍ୟନ୍ତ ମୁଦ୍ରିତ କିମ୍ବା ଡିଜିଟାଲ୍ ରୂପରେ ପ୍ରକାଶିତ ହୋଇନାହିଁ, କିମ୍ବା ଏହାକୁ କୌଣସି ପ୍ଲାଟଫର୍ମରେ ବିକ୍ରି କିମ୍ବା ସାର୍ବଜନୀନ କରାଯାଇନାହିଁ। ପ୍ରକାଶକଙ୍କ ଅନୁଯାୟୀ, ବର୍ତ୍ତମାନ ପ୍ରଚଳନରେ ଥିବା ଯେକୌଣସି କପି ସମ୍ପୂର୍ଣ୍ଣ ବେଆଇନ।

ଏବେ ଆସନ୍ତୁ ଜାଣିବା କପିରାଇଟ୍ ଉଲ୍ଲଂଘନ କଣ। ଲେଖକ କିମ୍ବା ପ୍ରକାଶକଙ୍କ ଅନୁମତି ବିନା ପୁସ୍ତକ ମୁଦ୍ରଣ, ସ୍କାନିଂ, ପିଡିଏଫ ତିଆରି କିମ୍ବା ସେୟାର କରିବା କପିରାଇଟ୍ ଉଲ୍ଲଂଘନ ବୋଲି ବିବେଚନା କରାଯାଏ। ଭାରତରେ ୧୯୫୭ର କପିରାଇଟ୍ ଆଇନ ଏପରି ମାମଲାଗୁଡ଼ିକୁ ସ୍ପଷ୍ଟ ଭାବରେ ଅପରାଧୀ କରେ। ଏହି ଆଇନ ଅନୁଯାୟୀ, ଯିଏ ଜାଣିଶୁଣି ଅନୁମତି ବିନା ପୁସ୍ତକ ମୁଦ୍ରଣ, ବିକ୍ରୟ କିମ୍ବା ବଣ୍ଟନ କରେ ତାଙ୍କୁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ। ସେମାନଙ୍କୁ ୫୦,୦୦୦ ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ହୋଇପାରେ। ଯଦି ଉଲ୍ଲଂଘନ ପୁନରାବୃତ୍ତି ହୁଏ କିମ୍ବା ବ୍ୟାପକ ହୁଏ, ତେବେ ଦଣ୍ଡ ଆହୁରି କଠୋର ହୋଇପାରେ।

# ଭାରତୀୟ ଆଇଟି ପ୍ରଫେସନାଲ୍ଙ୍କୁ ଝଟକା

ନୂଆଦିଲ୍ଲୀ, ୧୧।୨: ଆମେରିକାରେ ଚାକିରି କରିବାକୁ ସ୍ୱପ୍ନ ଦେଖୁଥିବା ଏବଂ ଚାକିରି କରୁଥିବା ଭାରତୀୟ ଆଇଟି ପ୍ରଫେସନାଲ୍‌କୁ ବଡ଼ ଝଟକା ଲାଗିଛି। ଆମେରିକା ସଂସଦରେ ଆଗତ ହୋଇଛି 'ଏକ୍ସାଇଲ୍ ଆକ୍ଟ'। ଫ୍ଲୋରିଡାର ରିପବ୍ଲିକାନ ସାଂସଦ ଗ୍ରେଗ ଷ୍ଟ୍ୟୁବି ଏହି ବିଲ୍ ଆଣିଛନ୍ତି। ଏହି ବିଲ୍ର ମୂଳ ଲକ୍ଷ୍ୟ ହେଉଛି ଏଚ-ଓ୍ୱାନ-ବି ଭିସା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା।

ଷ୍ଟ୍ୟୁବିଙ୍କ ଯୁକ୍ତି ହେଉଛି ଯେ, ବିଦେଶୀ କର୍ମଚାରୀଙ୍କୁ ଗୁରୁତ୍ୱ ଦେବା ଦ୍ୱାରା ଆମେରିକୀୟ ଯୁବକମାନଙ୍କ ରୋଜଗାର ଉପରେ ଚଡ଼କ ପଡୁଛି। କମ ଦରମାରେ ବିଦେଶୀଙ୍କୁ ନିଯୁକ୍ତି ଦେଇ ବଡ଼ ବଡ଼ କମ୍ପାନୀମାନେ ଆମେରିକୀୟଙ୍କ ସ୍ୱାର୍ଥ ସହ ଖେଳୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଡିଜନି, ମାଇକ୍ରୋସଫ୍ଟ ଏବଂ ଫେଡେକ୍ସ ପରି ବଡ଼ କମ୍ପାନୀଗୁଡିକ ଏଚ-ଓ୍ୱାନ-ବି ଭିସା କର୍ମଚାରୀଙ୍କୁ ଚାକିରି ଦେବା ଯୋଗୁଁ ସ୍ଥାନୀୟ ଯୁବକଙ୍କୁ ବାହାର କରିଥିବା ଏହି ବିଲରେ ଦର୍ଶାଯାଇଛି। ଗ୍ରେଗ୍ ଷ୍ଟ୍ୟୁବିଙ୍କ କହିବା ଅନୁଯାୟୀ, ଆମେରିକୀୟ ନାଗରିକଙ୍କ ସ୍ୱାର୍ଥ ଅପେକ୍ଷା ବିଦେଶୀ କର୍ମଚାରୀଙ୍କୁ ପ୍ରାଥମିକତା ଦେବା ଦେଶର ହିତ ବିରୋଧୀ। ସେ ଅଭିଯୋଗ କରିଛନ୍ତି ଯେ, ବଡ଼ ବଡ଼ କମ୍ପାନୀଗୁଡ଼ିକ କମ୍ ଦରମାରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଆମେରିକୀୟ ଯୁବକମାନଙ୍କ ରୋଜଗାର ସୁଯୋଗ ଛଡ଼ାଇ ନେଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଆମେରିକାନ୍ ଡ୍ରିମ'କୁ ବଞ୍ଚାଇବା ପାଇଁ ଏହି ବ୍ୟବସ୍ଥା ଉପରେ ରୋକ୍ ଲଗାଇବା ଜରୁରୀ। ଯଦି ଏହି ବିଲ୍ ଆଇନରେ ପରିଣତ ହୁଏ, ତେବେ ଆମେରିକାରେ ବସବାସ କରିବାର ସ୍ୱପ୍ନ ଦେଖୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ବର୍ତ୍ତମାନ ଏଚ-ଓ୍ୱାନ-ବି ଭିସାଧାରୀଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଅଧିକ ଭାରତୀୟ ଏବଂ ଚୀନ୍ ନାଗରିକ ଅଛନ୍ତି। ଏହାପୂର୍ବରୁ ଟ୍ରମ୍ପ ସରକାର ମଧ୍ୟ ଏହି ଭିସା ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି କରିସାରିଛନ୍ତି। ନୂଆ ଭିସା ଉପରେ ୧ ଲକ୍ଷ ଡଲାର ପର୍ଯ୍ୟନ୍ତ ଫିସ୍ ଲଗାଇବା ଏବଂ ଲଟେରୀ ସିଷ୍ଟମ ପରିବର୍ତ୍ତେ ଅଧିକ ଦରମା ଥିବା ଚାକିରିକୁ ପ୍ରାଥମିକତା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। କମ୍ ଦରମା କିମ୍ବା ଏଣ୍ଟ୍ରି-ଲେଭଲ୍ ଚାକିରି ପାଇଁ ଭିସା ମିଳିବା ଏଣିକି ଆହୁରି କଷ୍ଟକର ହୋଇଯିବ। ଏହି ନିୟମ ଫେବୃଆରୀ ୨୭ ରୁ ଲାଗୁ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ଏଚ-ଓ୍ୱାନ-ବି ଭିସା ଶେଷ କରୁଥିବା ଏହି ନୂଆ ବିଲ୍ ଭାରତୀୟ ଆଇଟି ପ୍ରୋଫେସନାଲ୍ଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହା ବ୍ୟତୀତ, ଗତ ଡିସେମ୍ବର ୧୫ରୁ ସୋସିଆଲ ମିଡିଆ ପ୍ରୋଫାଇଲ୍ ଯାଞ୍ଚ ପରି କଡ଼ା ନିୟମ ଯୋଗୁଁ ଅନେକ ଭାରତୀୟ ପ୍ରଫେସନାଲ ଏବେ ଚିନ୍ତାରେ ଅଛନ୍ତି। ଆଉ ଯଦି ଏହି ନୂଆ ବିଲ୍ ପାସ୍ ହୁଏ, ତେବେ ଭାରତର ଆଇଟି ସେକ୍ଟର ଏବଂ ଆମେରିକାରେ ରହୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ବଡ଼ ଧକ୍କା ହେବ।

# ଅପରେସନ ସିନ୍ଦୂରର ହିରୋ ରାଫେଲ୍

## ଫ୍ରାନ୍ସ ସହ ହୋଇପାରେ ୧୧୪ ଯୁଦ୍ଧ ବିମାନ ଡିଲ୍

ନୂଆଦିଲ୍ଲୀ, ୧୧।୨: ପ୍ରତିରକ୍ଷା କ୍ଷେତ୍ର ସହ ଜଡ଼ିତ ସୂତ୍ର ଅନୁସାରେ, ଭାରତ ଖୁବଶୀଘ୍ର ଫ୍ରାନ୍ସ ସହ ରାଫେଲ୍ ଯୁଦ୍ଧ ବିମାନକୁ ନେଇ ଏକ ବଡ଼ ଡିଲ୍ କରିପାରେ। ଏହାରି ଭିତରେ ଆଇଏଏଫ ଭାଇସ ଚିଫ ଏୟାର ମାର୍ଶଲ ନାଗେଶ କପୁର ରାଫେଲକୁ ଅପରେସନ ସିନ୍ଦୂରର ହିରୋ ରୂପେ ବର୍ଣ୍ଣନା କରିଛନ୍ତି। ଭାରତୀୟ ସେନା ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ବିରୁଦ୍ଧରେ ଗତ ବର୍ଷ ମେ ମାସରେ ଅପରେସନ ସିନ୍ଦୂରରେ ସାମରିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ସେହି ସମୟରେ ପାକିସ୍ତାନ ସୀମାରେ ପ୍ରବେଶ କରି ଆତଙ୍କବାଦୀ ଠିକଣାକୁ ଭାରତୀୟ ବାୟୁ ସେନା ଦ୍ୱାରା ଟାର୍ଗେଟ କରାଯାଇଥିଲା।



ଇଣ୍ଡିଆ ଟୁଡେକୁ ପ୍ରତିକ୍ରିୟା ଦେଇ ଏୟାର ମାର୍ଶଲ କପୁର କହିଛନ୍ତି, ରାଫେଲ ନିଶ୍ଚିତ ଭାବରେ ଚର୍ଚ୍ଚାରେ ରହିଛି। ଅନ୍ୟ ହିରୋଙ୍କ ପରି ରାଫେଲ୍ ମଧ୍ୟ ଅପରେସନ ସିନ୍ଦୂରର ହିରୋ ଅଟେ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଫେବ୍ରୁଆରୀ ୧୭-୧୯ ଯାଏ ସରକାରୀ ଗସ୍ତରେ ଭାରତ ଆସିବେ। ଏହି ସମୟରେ ସେ ଏଆଇ ଇମ୍ପାକ୍ଟ ସମିଟ୍ରେ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ମଧ୍ୟ ଚର୍ଚ୍ଚା ହୋଇପାରେ। ଫ୍ରାନ୍ସ ରାଷ୍ଟ୍ରପତି ପିଏମ୍ ମୋଦୀଙ୍କ ଆମନ୍ତ୍ରଣରେ ଭାରତ ଆସିବେ। ଫ୍ରାନ୍ସ ରାଷ୍ଟ୍ର ମୁଖ୍ୟଙ୍କ ଏହି ଗସ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୨୦୨୫ ଫେବ୍ରୁଆରୀ ଗସ୍ତ ପରେ ହେବାକୁ ଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଓ ଇମାନୁଏଲ୍ ମାକ୍ରୋନଙ୍କ ମଧ୍ୟରେ ଏହି ପ୍ରସଙ୍ଗ ଉପରେ ପ୍ରାରମ୍ଭିକ ଆଲୋଚନା ହୋଇପାରେ। ରାଫେଲ ନିର୍ମାଣ କରୁଥିବା କମ୍ପାନି ଡସଲ୍ଟ ଭାରତରେ ରାଫେଲ ବିମାନର ନିର୍ମାଣ ପାଇଁ ନୀତିଗତ ରୂପେ ସହମତି ଦେଇଥିବା ଦାବି କରାଯାଉଛି। ଡିଲ୍ ଅନୁସାରେ କ୍ରୟ ହେବାକୁ ଥିବା ୧୧୪ ରାଫେଲ୍ ଯୁଦ୍ଧ ବିମାନ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଭାରତରେ ନିର୍ମାଣ କରିବା ଯୋଜନା ରହିଛି।

# ନକ୍ସଲଙ୍କ ପରି ସଫା ହେବେ ସାଇବର ଠକ



ନୂଆଦିଲ୍ଲୀ, ୧୧।୨: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ସାଇବର ଓ ଡିଜିଟାଲ ଠକେଇ ଉପରେ ଖୁବ୍ ଶୀଘ୍ର ଅଂକୁଶ ଲାଗିବ ଓ ସିବିଆଇର ନୂଆ ଅସ୍ତ୍ର ୧୪-ସି (ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର) ମାଧ୍ୟମରେ ଠକେଇ ଉପରେ ଲଗାମ ଲଗାଯିବ। ଏବେ ଯେପରି ଦେଶରୁ ନକ୍ସଲ ସଫେଇ ଚାଲିଛି ସେହିଭଳି ସାଇବର କ୍ରାଇମ ଓ ସମ୍ପର୍କିତ ସବୁ ଅପରାଧ ଉପରେ ଅଙ୍କୁଶ ଲାଗିବ। ଏହି ଅବସରରେ ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ମାଧ୍ୟମରେ ଏସ-ଫୋର-ସି ପୋର୍ଟାଲକୁ ଲଞ୍ଚ କରାଯାଇଛି। ଦେଶରେ ଏହି ସଣ୍ଟର ପ୍ରଥମକରି ଲଞ୍ଚ ହୋଇଛି। ଏହାର ଉଦ୍ଦେଶ୍ୟ ସାଇବର ଓ ଡିଜିଟାଲ ଠକଙ୍କ ଉପରେ ନଜର ରଖିବା। ଖୁବଶୀଘ୍ର ଭାରତର ଅଧିକାଂଶ ଏଜେନ୍ସୀ ସିବିଆଇ ଅଧିନରେ ଏହି ସେଣ୍ଟର ସହ ଯୋଡି ହୋଇ ଏକାଠି କାମ କରିବେ। ସାଇବର ସ୍କାମ ଓ ଠକେଇର ଇକୋ ସିଷ୍ଟମକୁ ସମାପ୍ତ କରିବା ପାଇଁ ସିବିଆଇ ଦ୍ୱାରା ଆୟୋଜନ କରାଯାଇଥିବା ସେମିନାରରେ କେନ୍ଦ୍ର ଗୃହମନ୍ତ୍ରୀ ଡିଜିଟାଲ ଯୁଗର ଚ୍ୟାଲେଞ୍ଜ ଓ ଏହା ବିରୋଧରେ ସିବିଆଇର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମ ଦିଲ୍ଲୀ ଭାରତ ମଣ୍ଡପମରେ ଅନୁଷ୍ଠିତ ହେଉଛି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ୮ହଜାର କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଠକେଇ ପଇସା ଫ୍ରିଜ କରିବା, ଏଜେନ୍ସୀ ୧୨ଲକ୍ଷ ସିମକାର୍ଡ ବ୍ଲକ୍ କରିବା, ମ୍ୟୁଲ ଆକାଉଣ୍ଟ ହଣ୍ଟର ଆପ ଆପଣେଇବା ଯୋଗୁ ଏଜେନ୍ସୀକୁ ପ୍ରଶଂସା କରିଛନ୍ତି। ସେହିପରି ୧୯୩୦ ହେଲପଲାଇନ ନମ୍ବରକୁ ଆହୁରି ମଜଭୁତ କରିବା ଏବଂ ଅନ୍ତର୍ଜାତୀୟ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଗୃହମନ୍ତ୍ରୀ କହିଛନ୍ତି ଯେ ୩୦ ନଭେମ୍ବର ୨୦୨୫ ସୁଦ୍ଧା ୨୩ଲକ୍ଷ ୬୧ ହଜାର ସାଇବର ଠକେଇ ଅଭିଯୋଗ ମିଳିଛି। ଏଥିରେ ଏକ ଏପରି ମାମଲା ବି ଥିଲା ଯେଉଁଥିରେ ୨୦ ହଜାର କୋଟି ଟଙ୍କା ଫ୍ରଡ ହୋଇଥିଲା। ସେଥିରୁ ଆମେ ୮ ହଜାର କୋଟି ଟଙ୍କା ଫ୍ରିଜ କରିପାରିଛୁ।

### ଓସଡମା ପରିଚାଳନା ପରିଷଦ ବୈଠକ

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)ର ୩୮ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା, ବାତ୍ୟା

**ଆରମ୍ଭ ହେବ ଯୁବ ବିପଦ ବନ୍ଧୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ପାଇଁ ନିୟମିତ ପ୍ରସ୍ତୁତି ସହିତ ପାଣିରେ ବୁଡ଼ି, ସାପ କାମୁଡ଼ା ଏବଂ ବଜ୍ରପାତ ଭଳି ବିପର୍ଯ୍ୟୟରେ ବହୁ ସଂଖ୍ୟାରେ ମୃତ୍ୟୁ ଘଟୁଥିବାରୁ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି ଓ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।



ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ, ଅଗ୍ନିଶମ ବିଭାଗ ପୁଲିସ ମହା ନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ଓସଡମାର ପରିଚାଳନା ନିର୍ଦ୍ଦେଶକ ଡଃ କମଳ ଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ସିଓ୍ୱାଇଏସ୍‌ଡିର ପରାମର୍ଶଦାତା ଜଗଦାନନ୍ଦ ଏବଂ ପରିଚାଳନା କମିଟିର ଅନ୍ୟ ସଦସ୍ୟ ସଦସ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଓସଡମା ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ସମ୍ବଳ ନେଟ୍‌ୱାର୍କ ବିକଶିତ କରାଯାଇଛି, ଯାହାକି ଏକ ଓ୍ୱେବ୍-ଜିଆଇ ଭିତ୍ତିକ ପୋର୍ଟାଲ। ଏଥିରେ ସମସ୍ତ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ କେତେ ମାନବ ସମ୍ବଳ ରହିଛି, କେତେ ଯନ୍ତ୍ରପାତି ରହିଛି, ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା କ'ଣ ରହିଛି, ସେ ସଂପର୍କରେ ଜିଲ୍ଲାମାନଙ୍କ ତରଫରୁ ଅଧ୍ୟୟନ କରାଯାଉଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ 'ଯୁବ ଆପଦା ମିତ୍ର ସ୍କିମ୍' ଅଧିନରେ ୧୩, ୭୯୩ ଯୁବ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହାକୁ ରାଜ୍ୟରେ 'ଯୁବ ବିପଦ ବନ୍ଧୁ' ପ୍ରଶିକ୍ଷଣ ଭାବେ କାର୍ଯ୍ୟକାରୀ କରିବାକୁ ମତ ପ୍ରକାଶ ପାଇଛି। ଏ ସଂପର୍କରେ ପ୍ରଶିକ୍ଷକମାନଙ୍କୁ ତାଲିମ୍ ଦିଆସରିଛି ଓ ରାଜ୍ୟବ୍ୟାପୀ ପ୍ରଶିକ୍ଷଣ ଚଳିତ ଫେବୃୟାରୀ ମାସରୁ ଆରମ୍ଭ ହେବ।

ରାସାୟନିକ ବିପର୍ଯ୍ୟୟ ଦୁର୍ଘଟଣା ମୁକାବିଲା ପାଇଁ ରାଜ୍ୟର ପ୍ରସ୍ତୁତି ସଂପର୍କରେ ଅଗ୍ନିଶମ ସେବା ବିଭାଗ ମହା ନିର୍ଦ୍ଦେଶକ ଡଃ. ଷଡଙ୍ଗୀ ସୂଚନା ଦେଇଥିଲେ । ରାଜ୍ୟରେ ବିପର୍ଯ୍ୟୟ ପ୍ରବଣ ସମ୍ବେଦନଶୀଳ ଅଂଚଳରେ ୫୦୦ଟି ନୂଆ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରାଯିବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୨ଟି ଆଶ୍ରୟସ୍ଥଳ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଆଉ ୨୫ଟି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।



● ଶୃଙ୍ଖଳିତ ମହାଶିବରାତ୍ରୀ ପାଳନକୁ ଗୁରୁତ୍ୱ

## ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କଲେ ବାବୁ ସିଂ

**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରୀ ପର୍ବ ଆସନ୍ତା ୧୫ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଏକାମ୍ର ବିଧାୟକ ବାବୁ ସିଂ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ପବିତ୍ର ମହାଶିବରାତ୍ରୀ ପର୍ବ ପାଳନ ଅବସରରେ ମନ୍ଦିର ପରିଦର୍ଶନ କରି ସେବାୟତ, ମନ୍ଦିର ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ହେବା, ସଠିକ୍ ସମୟରେ ମହାଦୀପ ଉଠିବା, ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣକୁ ଗୁରୁତ୍ୱ ଦେବା ସହ ଟ୍ରାଫିକ ସୁପରିଚାଳନା, ପାରିପାର୍ଶ୍ୱିକ ରାସ୍ତାଗୁଡିକୁ ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ଆଦି ବିଷୟ ଉପରେ ବ୍ୟାପକ ଆଲୋଚନା କରିବା ସହ ଶୃଙ୍ଖଳିତ ଭାବେ ମହାଶିବରାତ୍ରୀ ପାଳନ ପାଇଁ ପରାମର୍ଶ ଦେଇଥିଲେ ବିଧାୟକ।

## ଭାରତ ବନ୍ଦ ସଫଳ କରିବାକୁ ଫରୱାର୍ଡ ବ୍ଲକ୍‌ର ଆହ୍ୱାନ

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ପ୍ରଚଳିତ ଶ୍ରମ ଆଇନକୁ ସଂଶୋଧନ କରି କେନ୍ଦ୍ର ସରକାର ୪ଟି ଶ୍ରମ କୋଡ୍ ପ୍ରଚଳନ କରିବା, ଶ୍ରମିକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା, ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ସମେତ ଶାଗମାଛ ଦରରେ ସେସବୁକୁ ବିକ୍ରି କରିବା ଆଦି କେତେକ ଦାବି ନେଇ ଆସନ୍ତାକାଲି ଟ୍ରେଡ୍ ୟୁନିୟନ କୋ-ଅର୍ଡିନେସନ ସେଣ୍ଟର (ଟିୟୁସିସି) ପକ୍ଷରୁ ବନ୍ଦ ପାଳନ ହେଉଥିବା ବେଳେ ଏହାକୁ ସଫଳ କରିବା ସକାଶେ ଫରୱାର୍ଡ ବ୍ଲକ୍ ପକ୍ଷରୁ ନିବେଦନ କରାଯାଇଛି। ଦେଶର ଅଗଣିତ ଗରିବ, ଶ୍ରମିକ ଓ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ସାଧାରଣ ଧର୍ମଘଟରେ ବିପୁଳ ସଂଖ୍ୟାରେ ସାମିଲ ହେବା ଜରୁରୀ ବୋଲି ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ଏଥିସହ ହରତାଳକୁ ସଫଳ କରିବା ପାଇଁ ଆଜି ସନ୍ଧ୍ୟାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା।

## ଭବାନୀପୁରରେ ଟିଏମସି ଭୟଭୀତ : ଶୁଭେନ୍ଦୁ

**କୋଲକାତା, ୧୧।୨ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ବୟାନବାଜୀ ତୀବ୍ର ହୋଇଛି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ବୁଧବାର ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ଅନେକ ଭାରତୀୟ ଜନତା ପାର୍ଟିର ପତାକା କାଢି ପୋଡି ଦେଉଛନ୍ତି। ଅଧିକାରୀ ଦାବି କରିଛନ୍ତି ଯେ ଭବାନୀପୁର ଆଉ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିରାପଦ ଆସନ ନୁହେଁ। ଅଧିକାରୀ



ତାଙ୍କ ଟ୍ୱିଟରେ କହିଛନ୍ତି ଯେ ଭବାନୀପୁରରେ ପରାଜୟର ସମ୍ଭାବନାକୁ ନେଇ ତୃଣମୂଳ କଂଗ୍ରେସ ଭୟଭୀତ। ସେ ଅଭିଯୋଗ କରିଛନ୍ତି ଯେ ରାତିରେ ବିଜେପି ପତାକା କାଢ଼ି ପୋଡି ଦିଆଯାଉଛି। ଏପରି ଘଟଣା ସୂଚାଇ ଦେଉଛି ଯେ ଶାସକ ଦଳ ଚାପରେ ଅଛି। ସେ ଲେଖିଛନ୍ତି ଯେ ବିଜେପିକୁ ଏହି ଉପାୟରେ ରୋକିହେବ ନାହିଁ। ଯେତେ ଅଧିକ ପତାକା କାଢି ପୋଡିବ, ବିଜୟର ବ୍ୟବଧାନ ସେତେ ଅଧିକ ହେବ। ନନ୍ଦୀଗ୍ରାମ ନିର୍ବାଚନକୁ ଉଲ୍ଲେଖ କରି ଅଧିକାରୀ କହିଛନ୍ତି ଯେ ଗତଥର ସେଠାକାର ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଏଥର ମଧ୍ୟ ଭବାନୀପୁରର ଲୋକମାନେ ସେହିପରି କରିବେ।

## ମହାନନ୍ଦରେ ବେଆଇନ ମାଫିଆଙ୍କ ରାଜ

**କୋଲକାତା,୧୧।୨ (ସଂଚାର ବ୍ୟୁରୋ):** ସରକାରୀ ରାଜସ୍ୱ ଫାଙ୍କି ନଦୀରୁ ଅବାଧ ବାଲି ଚୋରା ଚାଲାଣ ଚାଲିଛି। ମାଲଦାର ମହାନନ୍ଦ ନଦୀରେ ବାଲି ମାଫିଆମାନେ ଏକ ବେଧଡକ ବ୍ୟବସାୟ କରୁଛନ୍ତି। ଭାରୀ ଯନ୍ତ୍ରପାତି ଏବଂ କୋଦାଳ ସାହାଯ୍ୟରେ ବାଲି ଖନନ କରାଯାଉଛି। ଏ ସମ୍ପର୍କରେ ଆଇନଗତ ଠିକାଦାରମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ ସମସ୍ତ ନିୟମ ପାଳନ କରିବା ଏବଂ ସରକାରୀ ଅନୁମତି ପାଇବା ସତ୍ତ୍ୱେ ସେମାନେ ନିର୍ଦ୍ଦିଷ୍ଟ ଘାଟରେ କାମ କରିପାରୁନାହାଁନ୍ତି। ଅନ୍ୟପକ୍ଷରେ, ବେଆଇନ ଖଣି ଯୋଗୁଁ ସରକାର ମଧ୍ୟ ବିପୁଳ ରାଜସ୍ୱରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଚଞ୍ଚଲ ସବ-ଡିଭିଜନାଲ ମାଜିଷ୍ଟ୍ରେଟ ଋତ୍ୱିକ ହାଜରା କହିଛନ୍ତି ଯେ ଯେଉଁମାନେ ସରକାରଙ୍କଠାରୁ ବାଲି ଉତ୍ତୋଳନ ପାଇଁ ଅନୁମତି ପାଇଛନ୍ତି ସେମାନେ ନିଶ୍ଚିତ ଭାବରେ କାମ କରିପାରିବେ।

● ପିପିଲି କିନ୍ନର ହତ୍ୟା ମାମଲା

## ମୁଖ୍ୟ ଅଭିଯୁକ୍ତକୁ ଏନ୍‌କାଉଣ୍ଟର୍

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ସିଫା ନିକଟରେ ଜନୈକ କିନ୍ନରଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁରୀ ଜିଲ୍ଲା ଗଦାରୁପାସା ଅଞ୍ଚଳର ଧରମୁ କାଣ୍ଡି ପୁଅ କୃଷ୍ଣ ଆଜି ପୁଲିସ୍ ଗୁଳିରେ ଆହତ ହୋଇଛି। ଆଜି ସନ୍ଧ୍ୟାରେ ମୁଖ୍ୟ ଅଭିଯୁକ୍ତ କୃଷ୍ଣ କାଣ୍ଡି ପୁରୀ ପୁଲିସକୁ ଚକ୍‌ମା ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ଗୁଳି ଖାଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛି। କିନ୍ନରଙ୍କ ହତ୍ୟା ମାମଲାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ସକାଶେ କିନ୍ନରମାନେ ରାସ୍ତାରୋକ ସହ ଯାବତୀୟ କାଣ୍ଡ ଭିଆଇଥିଲେ। ତେଣୁ ପୁଲିସ୍ ଅଭିଯୁକ୍ତକୁ ଧରିବା ସକାଶେ ତନାଘନା ଚଳାଇଥିଲା। ଆଜି ପିପିଲି ପୁଲିସ୍ ଉତ୍ତରା ନିକଟରେ ଏହି ହତ୍ୟା ମାମଲାର ତଦନ୍ତ କରୁଥିଲା। ମୁଖ୍ୟ ଅଭିଯୁକ୍ତ କୃଷ୍ଣକୁ ବୈଷୟିକ ଗୁପ୍ତଚର ମାଧ୍ୟମରେ ଚିହ୍ନଟ କରାଯାଇଥିଲା। କୌଣସି ସୂତ୍ରରୁ ପିପିଲି ଆଇଆଇସି ସୂଚନା ପାଇ ଏକ ଟିମ୍ ସହ କୃଷ୍ଣ ପିଛା କରିଥିଲେ। ତେବେ କୃଷ୍ଣ ଏନେଇ ଜାଣିବା ପରେ ଖସିଯିବା ସକାଶେ ଉଦ୍ୟମ କରିଥିଲା। କିନ୍ତୁ ନଛୋଡ଼ବନ୍ଧା ପୁଲିସ୍ ଟିମ୍ ମଧ୍ୟ ତାକୁ ଅନୁସରଣ କରିଥିଲା।



● କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର

● ନାଁରେ ରହିଛି ଏକାଧିକ ମାମଲା

ଏହି ସମୟରେ ସେ ପୁଲିସ ଟିମ୍ ଉପରକୁ ଗୁଳି ବି କରିଥିଲା। ପୁଲିସ ମଧ୍ୟ ଏହାର କଡ଼ାଜବାବ ଦେଇଥିଲା। ଆତ୍ମସୁରକ୍ଷା ସହ କୃଷ୍ଣ ଯେପରି ପଳାଇ ନଯିବ, ସେଥି ସକାଶେ ପିପିଲି ଆଇଆଇସି ନିୟନ୍ତ୍ରିତ ଗୁଳି ଚାଳନା କରିଥିଲେ। ଗୁଳିଟି କୃଷ୍ଣର ବାମ ଗୋଡ଼ରେ ବାଜିବା ଫଳରେ ସେ ଆଉ ଖସିପାରିନଥିଲା। ପୁଲିସ ଟିମ୍ ତାକୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ପିପିଲି ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ କୃଷ୍ଣକୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କୃଷ୍ଣ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ମାମଲାରେ ପୁଲିସ୍ ଅଧିକ ତଦନ୍ତ ଚଳାଇଛି।

## ସିଏମ-ସମ୍ପଦ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)ର ସଦୁପଯୋଗ କରି କିଭଳି ଖଣି ସମୃଦ୍ଧ ଜିଲ୍ଲାର ଉନ୍ନତି କରାଯାଇପାରିବ ସେନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି ସିଏମ-ସମ୍ପଦ କର୍ମଶାଳା। ଯୋଜନା ଓ ସଂଯୋଜନା ବିଭାଗର ସିଏମ-ସମ୍ପଦ ଏକ ଅଭିନବ ଯୋଜନା। ଏହି ଯୋଜନାରେ ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା, ପୁଷ୍ଟିକର ଖାଦ୍ୟ, ଶିକ୍ଷା ଓ ଅନ୍ୟାନ ଅତ୍ୟାବଶ୍ୟକ ଭିତ୍ତିଭୂମୀ ଯୋଗାଦେବାକୁ ଲକ୍ଷ୍ୟ ରଖାଯାଇଛି।

ଏହି କର୍ମଶାଳାରେ ଉନ୍ନୟନ କମିଶନରଙ୍କ ସହ ୧୨ଟି ବିଭାଗର ଅଧିକାରୀ ଓ ୧୧ଟି ଖଣି ସମୃଦ୍ଧ ଜିଲ୍ଲାର ଜିଲ୍ଲାପାଳମାନେ ଯୋଗ ଦେଇଥିଲେ। ସିଏମ-ସମ୍ପଦ ଯୋଜନାକୁ କିଭଳି ଖଣି ଅଞ୍ଚଳରେ ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ ସେନେଇ ଆଜି ମାନସ ମନ୍ଥନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସବୁ ବିଭାଗ ଓ ଖଣି ସମୃଦ୍ଧ ଜିଲ୍ଲାର ଅଧିକାରୀମାନେ ସମନ୍ୱୟ ରଖି ଜିଲ୍ଲା ବିକାଶକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଖଣି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ତେଣୁ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇଥିଲେ ଉନ୍ନୟନ କମିଶନର। ଡିଏମଏଫ ପାଣ୍ଠିର ଉପଯୁକ୍ତ ବିନିଯୋଗ କରି ଖଣି ଖନନ ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଉଦ୍ୟୋଗୀ ଭାବେ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସିଏମ-ସମ୍ପଦ ବିକଶିତ ଓ ସମୃଦ୍ଧ ଓଡିଶା ଗଠନର ଆଉ ଏକ ମାଧ୍ୟମ। ତେଣୁ ଏହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



## ଓଲଟିଲା ଯାତ୍ରୀବାହୀ ବସ୍



**କୋଲକାତା, ୧୧।୨ (ସଂଚାର ବ୍ୟୁରୋ):** ଦୀଘାରୁ ଫେରିବା ବାଟରେ ଭୟାବହ ବସ ଦୁର୍ଘଟଣା ହୋଇଛି । ବୁଧବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ପୂର୍ବ ମେଦିନୀପୁର ଜିଲ୍ଲାର କାନ୍ଥିର ଛତ୍ରଧାରା ନିକଟରେ ଦୀଘା-ନନ୍ଦକୁମାର ୧୧୬ବି ଜାତୀୟ ସଡକରେ ଏହି ସଡ଼କ ଦୁର୍ଘଟଣା ଘଟିଥିଲା। ପର୍ଯ୍ୟଟକ ଏବଂ ଯାତ୍ରୀମାନଙ୍କୁ ନେଇ ବସ୍‌ଟି ଦୀଘାରୁ କୋଲକାତା ଅଭିମୁଖେ ଫେରୁଥିଲା। ସକାଳର ଘନ କୁହୁଡ଼ିରେ ବସଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ରୋଲରକୁ ଧକ୍କା ଦେଇଥିଲା। ରୋଲରଟି ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତା ପାର୍ଶ୍ୱରେ ରଖାଯାଇଥିଲା। ଖବର ପାଇବା ପରେ ପୁଲିସ ଏବଂ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସକୁ ହଟାଇବା କାମ ଆରମ୍ଭ କରିଥିଲେ।

### ଲୋକସେବା ଭବନ କ୍ୟାଣ୍ଟିନ ପରିଚାଳନାର ସମୀକ୍ଷା

## ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) :** ଲୋକସେବା ଭବନ ପରିସରରେ ଚାଲୁଥିବା କ୍ୟାଣ୍ଟିନ୍‌ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା, ଗୁଣାତ୍ମକ ମାନର ଖାଦ୍ୟର ଉପଲବ୍ଧତା ଓ ଉତ୍ତମ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଏଷ୍ଟେଟ୍ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ରେଷ୍ଟ ଅଫିସ୍ ଦ୍ୱାରା ଲିଜ ଦିଆଯାଇଥିବା ସ୍ଥାନଗୁଡ଼ିକରେ ଚାଲୁଥିବା ବିଭିନ୍ନ କ୍ୟାଣ୍ଟିନ୍‌ଗୁଡ଼ିକ ସଚିବାଳୟ କର୍ମଚାରୀ ଓ ଆଗନ୍ତୁକଙ୍କୁ ସୁଲଭ ଦରରେ, ପରିଷ୍କାର ପରିଚ୍ଛନ୍ନତାର ସହ ଉତ୍ତମ ପରିବେଶ ମଧ୍ୟରେ ଗୁଣାତ୍ମକ ମାନର ଖାଦ୍ୟ ଯୋଗାଇବା କଥା। କିନ୍ତୁ ଏ



କ୍ଷେତ୍ରରେ କ୍ୟାଣ୍ଟିନ ଗୁଡ଼ିକର ପରିଚାଳନା ଆଶାନୁରୂପ ହେଉନଥିବା ବୈଠକରେ ଉପସ୍ଥିତ ରେଷ୍ଟ ଅଧିକାରୀ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉଦବେଗ ପ୍ରକାଶ କରିଥିଲେ । ସାଧାରଣ ପ୍ରଶାସନ ଓ ସାଧାରଣ ପ୍ରଶାସନ ବିଭାଗର ସାଧାରଣ ସମ୍ପାଦକ ଖାରବେଳ ଭବନର ନୂଆ କ୍ୟାଣ୍ଟିନ୍‌ର ଗୁଣାତ୍ମକ ମାନ ଓ ସ୍ୱଚ୍ଛତାକୁ ଉଦାହରଣ ଭାବେ ଉଲ୍ଲେଖ କରି ଲୋକ ସେବା ଭବନର ସମସ୍ତ କ୍ୟାଣ୍ଟିନଗୁଡ଼ିକ ପରିଚାଳନାରେ ଉନ୍ନତି ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।

କ୍ୟାଣ୍ଟିନ ପରିଚାଳକମାନେ ବୈଠକରେ ଯୋଗଦେଇ ଏ ନେଇ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ତୃତ ଆଲୋଚନା ପରେ କ୍ୟାଣ୍ଟିନ୍ ପରିଚାଳକମାନଙ୍କୁ ଏକ ମାସ ମଧ୍ୟରେ ଅଧିକୃତ ଲିଜି ବା ଚାଳକଙ୍କ ନାମ ଓ ଖାଦ୍ୟର ମଞ୍ଜୁରୀପ୍ରାପ୍ତ ମୂଲ୍ୟ ତାଲିକା ପ୍ରଦର୍ଶନ, କର୍ମଚାରୀଙ୍କ ପାଇଁ ୟୁନିଫର୍ମ ପୋଷାକ ବ୍ୟବହାର, ଖାଦ୍ୟରେ ଶସ୍ତା ମାନର ତେଲ ବ୍ୟବହାର ବନ୍ଦ କରିବା, ରୋଷେଇ ଗୃହ ଏବଂ ଖାଇବା ଗୃହରେ ଉଚ୍ଚମାନର ପରିଷ୍କାର ପରିଚ୍ଛନ୍ନତା ରକ୍ଷା, ଫିଡବ୍ୟାକ୍ ରେଜିଷ୍ଟର୍ ରଖିବା ଓ ଓ୍ୱାଟକୋ ଦ୍ୱାରା ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ ଭଳି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ସମୟ ଧରି ବନ୍ଦ ରହିଥିବା କ୍ୟାଣ୍ଟିନର ଲିଜକୁ ବାତିଲ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ ଗଣ...

ସଙ୍ଗୀତର ସରକାରୀ ସଂସ୍କରଣ, କେଉଁ ଅବସରରେ ଏହାକୁ ବଜାଇବା କିମ୍ବା ଗାଇବା ଉଚିତ, ଏହି କାର୍ଯ୍ୟକ୍ରମଗୁଡ଼ିକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଥମତଃ, କେଉଁ ଅବସରରେ ଜାତୀୟ ସଙ୍ଗୀତ ବାଧ୍ୟତାମୂଳକ ଭାବେ ଗାନ ହେବ। ଦ୍ୱିତୀୟତଃ, କେଉଁ ଅବସରରେ ଏହାକୁ ବଜାଇବା କିମ୍ବା ଗାନ କରିହେବ, ତୃତୀୟତଃ, କେଉଁ ଅବସରରେ ଏହାକୁ ଗାନ କିମ୍ବା ବଜାଯାଇପାରେ।

ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ ଜାତୀୟ ଗୀତ ବାଜିବା ସମୟରେ ଉପଯୁକ୍ତ ଗାରିମା ଓ ଶିଷ୍ଟାଚାର ପାଳନ କରାଯିବ। କିନ୍ତୁ ଯଦି ଏହି ଗୀତ ଏକ ନ୍ୟୁଜ୍ ଫିଲ୍ମ କିମ୍ବା ଡକ୍ୟୁମେଣ୍ଟାରୀର ଅଂଶ, ତା'ହେଲେ ସେ କ୍ଷେତ୍ରରେ ଦର୍ଶକଙ୍କ ଠିଆ ହେବା ବାଧ୍ୟତାମୂଳକ ନୁହେଁ। କାରଣ ଏହା ପ୍ରଦର୍ଶନକୁ ବାଧା ଦେଇପାରେ। ସେହିପରି ଯେତେବେଳେ ଏକ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବଜାଯିବ, ସେତେବେଳେ ଏକ ଡ୍ରମ୍ ରୋଲ୍ ଦର୍ଶକଙ୍କୁ ସଚେତନ କରାଇବ। ଜାତୀୟ ଗୀତ ଗାନ ଆରମ୍ଭ ହେବା ପୂର୍ବରୁ ସାତ ପାହୁଣ୍ଡ ପର୍ଯ୍ୟନ୍ତ ବ୍ୟାଣ୍ଡ ଡ୍ରମ୍ ବଜାଇ ଦର୍ଶକଙ୍କୁ ସଚେତନ କରାଯିବ ଯେ ଜାତୀୟ ଗୀତ ଆରମ୍ଭ ହେବାକୁ ଯାଉଛି। ଏହାଛଡ଼ା ସମସ୍ତ ସ୍କୁଲ ଜାତୀୟ ଗୀତର ସାମୂହିକ ଗାନ ସହ ଦିନର ଆରମ୍ଭ କରିପାରିବେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ଗାନକୁ ଲୋକପ୍ରିୟ କରିବା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ପତାକା ପ୍ରତି ସମ୍ମାନ ସୃଷ୍ଟି କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ।

### ସବୁ...

କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର ନିଜ ଘୋଷଣା ମୁତାବକ ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ ସବସିଡି ଦେଇ ୩୧ ଶହ ଟଙ୍କାରେ ଧାନ କିଣୁଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ସେହିଭଳି ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଉଛି। ରାଜ୍ୟର କୌଣସି ପରିବାର ଯେପରି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ ନାହିଁ ତାହା ହିଁ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନିଯୁକ୍ତି ମେଳା ଜରିଆରେ ଏବେ ସୁଦ୍ଧା ୪୦ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଏକ ସ୍ଥିର ଓ ସରକାରୀ ଚାକିରି ପାଇଁ ଯୁବକ ଯୁବତୀଙ୍କ ମଧ୍ୟରେ ଥିବା ସ୍ୱପ୍ନ ବାସ୍ତବତାରେ ରୂପାନ୍ତରିତ ହୋଇଛି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇ ରାଜ୍ୟ ସରକାର ରାଜ୍ୟର ସମସ୍ତଙ୍କୁ ସ୍ୱଚ୍ଛ ସରକାର ଦେଇଛନ୍ତି। ଏକ ବିକଶିତ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ରାଜ୍ୟବାସୀଙ୍କୁ ଯେଉଁ ଆଶା ଓ ଭରସା ମୁଖ୍ୟମନ୍ତ୍ରୀ ଦେଇଥିଲେ ତାହାକୁ ଗୋଟିଏ ପରେ ଗୋଟିଏ ସେ ପୂରଣ କରୁଥିବା କହିଛନ୍ତି।

### ରାହୁଲ୍...

ଏହାପରେ ଆଜି ଦିଲ୍ଲୀ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଦିଲ୍ଲୀ ପୁଲିସର ଏକ ସ୍ପେଶାଲ ଟିମ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ପୁସ୍ତକର ବେଆଇନ ପ୍ରଦର୍ଶନ ଘଟଣାର ମଧ୍ୟ ଅନୁସନ୍ଧାନ ଆରମ୍ଭ କରିଛି ଦିଲ୍ଲୀ ପୁଲିସ। ପେଙ୍ଗୁଇନ୍ ପ୍ରକାଶନ ସଂସ୍ଥା ପକ୍ଷରୁ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି, ପୁସ୍ତକ ଏବଂ ପୁସ୍ତକର କିଛି ଅଂଶର ନକଲ ଡିଜିଟାଲ୍ ଓ ଅନ୍ୟାନ୍ୟ ଫର୍ମାଟରେ ପ୍ରସାରିତ ହେଉଥିବା ରିପୋର୍ଟକୁ ଦୃଷ୍ଟିରେ ରଖି ଏକ ସ୍ପଷ୍ଟିକରଣ ସର୍ବଜାନୀନ କରିଛି। ପେଙ୍ଗୁଇନ ପକ୍ଷରୁ କୁହାଯାଇଛି ଯେ, ପ୍ରକାଶକଙ୍କ ଦ୍ୱାରା ପୁସ୍ତକର କୌଣସି କପି ପ୍ରକାଶିତ, ବଣ୍ଟନ, ବିକ୍ରୟ କିମ୍ବା କୌଣସି ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇନାହିଁ। ଏପରିକି ପୁସ୍ତକର କୌଣସି ଅସ୍ତିତ୍ୱ ମଧ୍ୟ ନାହିଁ।

ପୁସ୍ତକର ପ୍ରକାଶନ ଅଧିକାର କେବଳ ପେଙ୍ଗୁଇନ ପାଖରେ ରହିଛି। ଏପରି ସ୍ଥିତିରେ ପୁସ୍ତକ କିଏ ଓ କିପରି ପ୍ରକାଶ କଲା, ସେନେଇ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପୁସ୍ତକର କୌଣସି କପି ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ମୁଦ୍ରିତ, ଡିଜିଟାଲ, ପିଡିଏଫ୍ କିମ୍ବା ଅନ୍ୟ କୌଣସି ଫର୍ମାଟରେ ପ୍ରକାଶ କିମ୍ବା ପ୍ରସାର ହେଲେ ତାହାକୁ ଆଇନର ଉଲ୍ଲଂଘନ ବୋଲି ବିବେଚନା କରାଯିବ ଏବଂ ଏଭଳି କାର୍ଯ୍ୟ ତୁରନ୍ତ ବନ୍ଦ କରାଯିବା ଉଚିତ୍। ସରକାର କହିଛନ୍ତି ଯେ ଏହି ପୁସ୍ତକର କୌଣସି ଅସ୍ତିତ୍ୱ ନାହିଁ। ପେଙ୍ଗୁଇନ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବା ପରେ ରାହୁଲ ପେଙ୍ଗୁଇନ ଅପେକ୍ଷା ଜେନେରାଲ୍ ନାରଭାଣେଙ୍କୁ ବିଶ୍ୱାସ କରେ ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ। ତେବେ ପେଙ୍ଗୁଇନର ପୋଷ୍ଟକୁ ଜେନେରାଲ୍ ନାରଭାଣେ ରି-ପୋଷ୍ଟ କରିବା ପରେ ରାହୁଲଙ୍କ ପାଇଁ ଅଡୁଆ ବଢ଼ିଯାଇଛି।

ସୂଚନାଯୋଗ୍ୟ ଯେ ବିରୋଧୀ ଦଳ ନେତା ରାହୁଲ ଏହି ପୁସ୍ତକକୁ ନେଇ ସଂସଦରେ ବୟାନ ଦେବାକୁ ଯାଇ ଏହା ଅପ୍ରକାଶିତ ବୋଲି କହିବା ସହ କାରାଭାନ ନାମକ ଏକ ଡିଜିଟାଲ ମାଗାଜିନରେ ପ୍ରକାଶିତ ପୁସ୍ତକର କେତେକ ଅଂଶ ପଢ଼ିବେ ବୋଲି ଜିଦ ଧରିଥିଲେ। ତେବେ ସମ୍ବିଧାନରେ ଉଲ୍ଲେଖ ଥିବା ୩୯୪(ଏ) ନିୟମ ଅନୁସାରେ, ବାଚସ୍ପତି ଏଥିପାଇଁ ରାହୁଲଙ୍କୁ ଅନୁମତି ଦେଇନଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଗୃହମନ୍ତ୍ରୀ ଅମିତ ଶାହ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁଜ ସଂସଦରେ ଏହାକୁ ତୀବ୍ର ବିରୋଧ କରିଥିଲେ ଏବଂ ଯେଉଁ ବହି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ଏବଂ ଯାହାର ସତ୍ୟତା ପ୍ରମାଣିତ ହୋଇନାହିଁ, ତାହାକୁ ଆଧାର କରି ଗୃହରେ କୌଣସି ଆଲୋଚନା ହୋଇପାରିବ ନାହିଁ ମଧ୍ୟ ସ୍ପଷ୍ଟ କରିଥିଲେ। ତେବେ ତା' ପରଦିନ ରାହୁଲ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ପୁସ୍ତକର ଏକ କପି ଦେଖାଇ ବୟାନ ଦେଇଥିଲେ।

### ଭୁପିନ୍ଦର...

ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ । ସେହିପରି ୨୦୧୦ ବ୍ୟାଚ ଆଇଏଏସ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି । ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା । ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି ଏମଏସଏମଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି । ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି ।

୨୦୦୯ ବ୍ୟାଚ ଆଇଏଏସ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମଏସଏମଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି । ତାଙ୍କୁ ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ଦିଆଯାଇଛି । ସେ ଏମଏସଏମଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ । ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନା ସେଂଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଂଟ ଇନିସିଏଟିଭ (ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ୨୦୧୫ ବ୍ୟାଚ ଆଇଏଏସ ଆବୋଲି ସୁନୀଲ ନରଓ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ପୂର୍ବଭଳି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ। ତେବେ ଗୁରୁତ୍ୱପୂର୍ଣ୍ଣ ପଦବୀ ବିଡିଏ ଉପାଧ୍ୟକ୍ଷ ଭାବେ ଆଇଏଏସ୍ ଚଂଚଳ ରାଣା କାର୍ଯ୍ୟ ଜାରି ରଖିବେ ନା ରାଜ୍ୟ ସରକାର ଆଉ କାହାକୁ ସେଠାରେ ଅବସ୍ଥାପିତ କରିବେ ତାହା ଜଣାପଡ଼ିନାହିଁ ।

### ଶିକ୍ଷା...

କରିଛନ୍ତି। ଏହି ନୂତନ ସୁବିଧା ଶିକ୍ଷାର୍ଥୀମାନଙ୍କୁ ଗବେଷଣା ଓ ଏକାଡେମିକ୍ କ୍ଷେତ୍ରରେ ଉତ୍କର୍ଷତା ହାସଲ ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ରାଉଣ୍ଡ୍ ଟେବଲ୍ ବୈଠକରେ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ଏବଂ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ।

### ବିରୋଧୀ...

ଗତ ୨୦୨୪ ନିର୍ବାଚନରେ ଭୋଟ୍‌କୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଏନେଇ ବିଜେଡି ନିର୍ବାଚନ କମିଶନଙ୍କ ନିକଟରେ ମଧ୍ୟ ଫେରାଦ ହୋଇଥିଲା। କିନ୍ତୁ ସଂସଦରେ ଏହି ପ୍ରସଙ୍ଗକୁ କୌଣସି ସାଂସଦ ଛୁଇଁ ମଧ୍ୟ ନାହାନ୍ତି। ଥରେ ଅଧେ ବିଜେଡି ଜଣେ ଦୁଇ ଜଣ ସାଂସଦ ଦି' ଚାରି ପଦ କହି ଚୁପ ରହିଗଲେ। ମହାନଦୀ ପ୍ରସଙ୍ଗକୁ ନେଇ ସେହିଭଳି ରାଜ୍ୟ ନେତାମାନେ ବାରମ୍ବାର କହୁଛନ୍ତି। ସେପଟେ ସାଂସଦମାନଙ୍କ ପାଟିରେ ପଡ଼ିଛି ତାଲା। ସେମାନେ ସଂସଦରେ କେନ୍ଦ୍ର କି ଛତିଶଗଡ଼ ବିରୋଧରେ କହିବାକୁ ସାହସ କରୁନାହାଁନ୍ତି। ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟ ଏସଆଇଆର ନାଁରେ ଜାଣିଶୁଣି ବହୁ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଉଥିବା ଅଭିଯୋଗ କରୁଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ସୁପ୍ରିମକୋର୍ଟରେ ଛିଡ଼ା ହୋଇ ବିରୋଧ କଲେ। ଏତିକି ଜୁ' ଓଡ଼ିଶା ସାଂସଦଙ୍କର କିନ୍ତୁ ନାହିଁ। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡି ସଭାପତି ସମଦୂରତା ନାଁରେ ବିଜେପି ପାଖରେ ନିଜକୁ ସମର୍ପି ଦେଇଛନ୍ତି।

# ଲୋକଙ୍କ ଶୋଷ ମେଣ୍ଟାଉଛି ଚୁଆପାଣି




## ମିଞ୍ଜାପିଙ୍ଗା ଗ୍ରାମରେ କେବେ କାର୍ଯ୍ୟକ୍ଷମ ହେବ ବସୁଧା ଯୋଜନା

**ଫୁଲବାଣୀ,୧୧।୨ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ବସୁଧା ଯୋଜନା ପ୍ରଣୟନ କରିଛନ୍ତି। ହେଲେ ମଧ ଏ ସବୁ ଲୋକଙ୍କ ସୁବିଧା ହୋଇପାରୁ ନାହିଁ। ଏହାର କାରଣ କିଛି ଦାୟିତ୍ୱହୀନ ବିଭାଗୀୟ ଅଧିକାରୀଙ୍କ ପାଇଁ ଯୋଜନା ଫେଲ ମାରୁଛି। ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନାହାଁନ୍ତି। ଶୁଦ୍ଧ ପାନୀୟ ଜଳ ନପାଇ ଡହଳ ବିକଳ ହୋଇ ଚୁଆର ଗୋଳିଆ ପାଣି ଉପରେ ଭରସା କରି ଜୀବନ ବିତାଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକର ଅପହଞ୍ଚ ଇଲାକା କାଟିଙ୍ଗିଆ ପଞ୍ଚାୟତ ପିଞ୍ଜାପଙ୍ଗା ଗ୍ରାମରେ।

ଏହି ଗ୍ରାମରେ ବହୁ ବର୍ଷ ପୂର୍ବରୁ ବସବାସ କରିଆସୁଥିବା ପରିବାର ସଂଖ୍ୟା ୧୬୦ରେ ପହଞ୍ଚିଥିବା ବେଳେ ୮ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଅଛନ୍ତି। ଘରକୁ ଘର ପାନୀୟ ଜଳ ଯୋଗାଣ ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ ହୋଇଛି ପାଇପ ମଧ ସଂଯୋଗ କରାଯାଇଛି କିନ୍ତୁ କାର୍ଯ୍ୟକ୍ଷମ ନହୋଇ ପଡ଼ି ରହିଥିବା ଯୋଗୁଁ ଲୋକଙ୍କ ପାଇଁ ପାଣି ସ୍ୱପ୍ନ ପାଲଟିଛି। ପ୍ରଶାସନ ପକ୍ଷରୁ ଏହି ଗ୍ରାମରେ ୪ ଟି ନଳକୂପ ଅଛି ଓ ଦୁଇଟି ଖୋଲା କୂଅ ରହିଛି ହେଲେ ପାହାଡ଼ିଆ ଅଞ୍ଚଳ ହୋଇଥିବା ଯୋଗୁଁ ଖରାଦିନ ଆସିବା ପୂର୍ବରୁ ଜଳସ୍ରୋତ କମିଯାଇ ସବୁ ଅଚଳ ଅବସ୍ଥାରେ ରହୁଛି ଫଳରେ ପାଣି ପାଇଁ ଲୋକେ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି। ଚୁଆପାଣି ବ୍ୟବହାର କରି ଅନେକ ରୋଗବ୍ୟାଧିରେ ପୀଡ଼ିତ ହୋଇ ତଳିତାଳାନ୍ତର ହୋଇ ଯାଉଛନ୍ତି। ବିଶେଷକରି ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଏବଂ ଛୋଟ ଶିଶୁ ମାନଙ୍କ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ କହିଲେ ଅତ୍ୟୁକ୍ତି ହେବନାହିଁ। ବେଳେ ବେଳେ ଚୁଆରୁ ପାଣି ବୁନ୍ଦାଏ ପାଇଁ କଳି, ଗଣ୍ଡୋଗଳ ଭଳି ଅଭାନୀୟ ପରିସ୍ଥିତି ସୃଷ୍ଟି ହେଉଛି।

ଖାଲି ପାନୀୟ ଜଳ ଯୋଗାଣର ସମସ୍ୟା ନାହିଁ ଆହୁରି ଅନେକ ସମସ୍ୟା ରାସ୍ତାଘାଟ, ସ୍ୱାସ୍ଥ୍ୟସେବା ଭଳି ସମସ୍ୟାରେ ଜର୍ଜରିତ ହେଉଛନ୍ତି ଅଞ୍ଚଳବାସୀ। ଫେବୃଆରୀ ମାସ ଶେଷ ମଧରେ ନିର୍ମାଣ ହୋଇଥିବା ପାନୀୟ ଜଳ ଯୋଗାଣ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇ ପାଣି ଯୋଗାଇ ନଦେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉକରି ଆନ୍ଦୋଳନରେ ବସିବାକୁ ଚେତାବନୀ ଦେଇଛନ୍ତି।

## ଶୁବ୍ରଜିତ ପାଇଲେ ଶାରଳା ଶିକ୍ଷା ସମ୍ମାନ



**କାକଟପୁର/ଅସ୍ତରଙ୍ଗ,୧୧।୨ (ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ଉତ୍କର୍ଷଣ ପାଇଁ ଶୁବ୍ରଜିତ ମହାପାତ୍ରଙ୍କୁ ଶାରଳା ଶିକ୍ଷା ସମ୍ମାନ ୨୦୨୬ ସମ୍ମାନିତ କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଡିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶାରଳା କପ୍‌ରେ ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଶାରଳା ସ୍ପୋର୍ଟିଂ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ମହୋଦଧି ଏକାଡେମୀର ପ୍ରତିଷ୍ଠାତା ଶୁବ୍ରଜିତ ମହାପାତ୍ରଙ୍କୁ ଶାରଳା ଶିକ୍ଷା ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଛି। ଏହା ମହୋଦଧି ଏକାଡେମୀ,କୋଣାର୍କ ପାଇଁ ଗର୍ବର ମୁହୂର୍ତ୍ତ। ଏହି ଅବସରରେ ମୁଖ୍ୟ ଅତିଥି କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଶିକ୍ଷାରେ ମନୋନିବେଶ ଦ୍ୱାରା ଭବିଷ୍ୟତ ଉଜ୍ଜଳମୟ ହୋଇଥାଏ। ମେଧାବୀ ଛାତ୍ର, ଛାତ୍ରୀ ମାନେ ସମାଜ ସମ୍ପଦ। ସେମାନଙ୍କର ସୁରକ୍ଷା ଓ ଅଭିବୃଦ୍ଧି ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ଭବିଷ୍ୟତ ରେ ଏହି ଯୋଦ୍ଧା ମାନେ ଶିକ୍ଷାକୁ ଆୟୁଧ କରି ସୁସ୍ଥ ଓ ଶିକ୍ଷିତ ସମାଜ ଗଠନରେ ସହାୟକ ହେବ ବୋଲି ମତ ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅସ୍ତରଙ୍ଗ, କାକଟପୁର ଓ କୋଣାର୍କ ଅଞ୍ଚଳରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ପାଣି ଟ୍ୟାଙ୍କର ଧକାରେ ସ୍କୁଲ ପିଅନ ମୃତ



**ନୀଳଗିରି,୧୧।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ଅସନବଣୀ ଗ୍ରାମର ରୁହ୍ୟା ସିଂଙ୍କ ପୁଅ ବାବୁଲିବନ୍ଧୁ ସିଂ (୫୪) ତେଲିପାଳ ହାଇସ୍କୁଲରେ ୧୯୯୩ ମସିହାଠାରୁ ପିଅନ ଭାବେ କାର୍ଯ୍ୟ କରିଆସୁଛନ୍ତି। ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ୮.୩୦ ସମୟରେ ଓଡି ୦୧-ଜି ୨୨୪୦ନଂ ହୋଣ୍ଡା ସାଇନ୍ ଗାଡ଼ିରେ ତେଲିପାଳ ସ୍କୁଲକୁ ଯାଉଥିବା ସମୟରେ ନୀଳଗିରି - କପ୍ତିପଦା ୧୯ନଂ ରାଜ୍ୟ ରାଜପଥର କୁଳଡିହା ହୋଟେଲ ନିକଟରେ ଉକ୍ତ ରାସ୍ତା ନିର୍ମାଣରେ ନିୟୋଜିତ ଓଆର-୦୪ସି୪୫୫୭ନଂ ଏକ ପାଣି ଟ୍ୟାଙ୍କର ବାବୁଲିବନ୍ଧୁଙ୍କ ମଟରସାଇକେଲରେ ସହ ଧକ୍କା ହୋଇଥିଲା। ଫଳରେ ବାବୁଲି ଛିଟିକି ପଡ଼ିବା ଫଳରେ ତାଙ୍କର ଛାତି, ମୁଣ୍ଡ , ମୁହଁରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟଲୋକ ଉଦ୍ଧାରକରି ବରହମପୁର ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ। ଖବର ପ୍ରଚାରିତ ହେବାପରେ ବିଦ୍ୟାଳୟରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟିହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ରାଜପଥ ଅବରୋଧକରି ନ୍ୟାୟ ଦାବିରେ ଧାରଣାରେ ବସିଥିଲେ। ପରେ ପୋଲିସ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସାହାଯ୍ୟରେ ଘଟଣାର ସମାଧାନ କରାଯାଇ ମୃତ ବାବୁଲିବନ୍ଧୁଙ୍କ ପରିବାରକ ଶବସତ୍କାର ପାଇଁ ୧୦ହଜାର ଟଙ୍କା ଏବଂ ୩ଲକ୍ଷ ଟଙ୍କାର ଏକ ଚେକ୍ ଦୁର୍ଗା କନଷ୍ଟ୍ରାକ୍ସନ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ପରେ ରାସ୍ତା ଅବରୋଧ ହଟିଥିବା ଜଣାପଡ଼ିଛି। ତେବେ ମୃତ ବାବୁଲିବନ୍ଧୁଙ୍କ ପୁଅ ଅଜୟ ସିଂ ବରହମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ବରାଳ ବାଲୁଙ୍କେଶ୍ୱର ମନ୍ଦିର ଚର୍ତୁପାର୍ଶ୍ୱରୁ ଜବର ଦଖଲ ଉଛେଦ



**ସତ୍ୟବାଦୀ,୧୧।୨ (ସଂଚାର ବ୍ୟୁରୋ):** ମହା ଶିବରାତ୍ରୀ ଜାଗର ଯାତ୍ରା ଅବସରରେ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ସତ୍ୟବାଦୀ ତହସିଲ ତରଫରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ଚତୁର୍ପାର୍ଶ୍ୱରେ ଆଜି ସରକାରୀ ଭୁସମ୍ପତ୍ତିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଅଛି। ସରକାରୀ ଜମିରେ ହୋଇଥିବା ଦୋକାନ ଓ ଘର ଉଚ୍ଛେଦ ହୋଇଅଛି । ଏହି ବେଆଇନ ଦଖଲ ଯୋଗୁଁ ଯାନବାହାନ ତଥା ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ତେବେ ଗ୍ରାମ ରାସ୍ତାକୁ ଅବରୋଧ କରୁଥିବା ମାଟି, ବାଲି, ଗୋଡି ଓ ପଥର ଗୁଡିକୁ ସ୍ଥାନାନ୍ତର କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେ ସି ବି ଓ 2 ଗୋଟି ଟ୍ରାକ୍ଟର ନିୟୋଜିତ ହୋଇଥିଲା । ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା, ସଦାନନ୍ଦ ପୁର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମହେଶ ମଲ୍ଲିକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସତ୍ୟବାଦୀ ପୋଲିସ ଏହି ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ଜାଗର ଯାତ୍ରା ପରେ ସରକାରୀ ଜମିରେ ହୋଇଥିବା ଅବଶିଷ୍ଟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି।

## ବାଲକାଟି ବଜାରରୁ ଜବରଦଖଲ ଉଚ୍ଛେଦ

● ମାଟିରେ ମିଶିଲା ୭୫ ଦୋକାନ ଘର

**ବାଲିଅନ୍ତା,୧୧।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ତହସିଲ ପକ୍ଷରୁ ଆଜି ବାଲକାଟି ବଜାରରେ ବହୁ ବେଆଇନ ନିର୍ମାଣ ଏବଂ ସରକାରୀ ଜମି ଜବର ଦଖଲ ଉଚ୍ଛେଦ ହୋଇଛି। ପାଖାପାଖି ୭୫ ବେଆଇନ ନିର୍ମାଣ ଯଥା ହୋଟେଲ, ଜଳଖିଆ ଦୋକାନ ଭଳି ୭୫ ଦୋକାନ ଘର ବୁଲ ଡୋଜର ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି ।



ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ଉପସ୍ଥିତିର ୫ଟି ବୁଲଡୋଜର ଉଚ୍ଛେଦ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଥାନା ଅଧିକାରୀ ଅନୀଲ ପରିଡ଼ାଙ୍କ ନେତୃତ୍ୱରେ ବାଲକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନାଙ୍କ ସମେତ ୩ ପ୍ଲାଟୁନ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇ ଥିଲେ। ଅନ୍ୟ ୪ଟି ବିଲଡିଂ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ଉଚ୍ଛେଦ ହୋଇପାରି ନାହିଁ।

## ପଞ୍ଚାୟତ ସମିତିର ୧୨ତମ ସାଧାରଣ ବୈଠକ



**ଆଠଗଡ,୧୧।୨ (ସଂଚାର ବ୍ୟୁରୋ):** ଆଠଗଡ ପଞ୍ଚାୟତ ସମିତିର ୧୨ତମ ସାଧାରଣ ବୈଠକ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ମାନ୍ୟବର ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅଧକ୍ଷା ଶ୍ରୀମତୀ ମିନତୀ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ଗ୍ରାମ ପଞ୍ଚାୟତ ସ୍ତରରେ ସଫଳ ଭାବରେ ସମାପ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ଏହାସହ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ସମ୍ପର୍କରେ ମଧ ସମୀକ୍ଷା କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ଭୌତିକ ଭିତିଭୂମି ଓ ସମସ୍ୟାଗୁଡ଼ିକୁ ନେଇ ଆଲୋଚନା ହୋଇଥିଲା। ଏଥିମଧରେ ନିର୍ମାଣାଧୀନ ଅବସ୍ଥାରେ ଥିବା ୨୩ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯୋଗାଣ ବିଭାଗ ସମ୍ପର୍କରେ ଆଲୋଚନା କରିବା ସମୟରେ ହିତାଧିକାରୀଙ୍କ ଇ-କେୱାଇସି ସମ୍ପନ୍ନ ଏବଂ ନୂଆ ହିତାଧିକାରୀ ଏପର୍ଯ୍ୟନ୍ତ କିପରି ଚାଉଳ ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ଏହା ସହ ପଞ୍ଚାୟତ ସ୍ତରରେ ନୂତନ ପ୍ରକଳ୍ପ, ରାସ୍ତା ନିର୍ମାଣ, ଅଧଖଣ୍ଡିଆ ରହିଥିବା ଉନ୍ନୟନ କାର୍ଯ୍ୟଗୁଡିକୁ ଶୀଘ୍ର ସମାପ୍ତ କରିବା ଓ ଅନ୍ୟାନ୍ୟ ପଞ୍ଚାୟତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ପରିଶେଷରେ ମାନ୍ୟବର ବିଧାୟକ ଶ୍ରୀ ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟକର୍ତ୍ତାମାନଙ୍କୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିଷ୍ପକ୍ଷ ଓ ନିସ୍ୱାର୍ଥ ଭାବେ ପଞ୍ଚାୟତଗୁଡିକର ସମଗ୍ର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ଆସୁଛି ଜାଗର, ସଜେଇ ହେଉଛି ଶୈବପୀଠ

**ହିଞ୍ଜିଳିକାଟୁ,୧୧।୨ (ସଂଚାର ବ୍ୟୁରୋ):** ଆସୁଛି ମହାଶିବରାତ୍ରୀ। ଏଥିପାଇଁ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଛି । ଚଳିତବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁଡ଼ିକ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ହିଞ୍ଜିଳିକାଟୁ ନୂଆଗଡ ସ୍ଥିତ ବାଲୁଙ୍କେଶ୍ୱର ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବ ବୋଲି ଜଣାପଡ଼ିଛି। ଶିବରାତ୍ରି ପାଇଁ ନୀତି ଚୂଡ଼ାନ୍ତ କରାଯାଇଥିବା ବେଳେ ରାତି ସାଢେ ୧୨ଟାରେ ଦ୍ୱାର ଖୋଲିବା ସହ ରାତି ୪ଟାରୁ ସର୍ବସାଧାରଣଙ୍କ ପାଇଁ ଦର୍ଶନ। ଏହି ଉପଲକ୍ଷେ ମନ୍ଦିରକୁ ବିଭିନ୍ନ ତୋରଣ ଓ ରଙ୍ଗବେରଙ୍ଗୀ ଆଲୋକମାଳାରେ ସଜ୍ଜିତ କରାଯାଉଛି। ବିଶେଷକରି ପୂଜାର୍ଚ୍ଚନା ସହ ଠିକ ସମୟରେ ଯେପରି ମହାଦୀପ ଉଠିବ ସେନେଇ ସ୍ୱତନ୍ତ୍ର ପ୍ରସ୍ତୁତ କରାଯାଇଛି। ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି।

## ଅନଲାଇନ ସେଫ୍ଟି ସାଇବର ସଚେତନତା ଶିବିର

### 'ବେଟୀ ବଚାଓ ବେଟୀ ବଢ଼ାଓ' କାର୍ଯ୍ୟକ୍ରମ



**ବାଲିଆପାଳ,୧୧।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଭାଗୃହ ମଧରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲିଆପାଳ ସିଡ଼ିପିଓ ସୁନିତା ନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବେଟି ବଚାଉ ବେଟି ପଢାଉ ଅନ୍ତର୍ଭୁକ୍ତ ଅନଲାଇନ ସେଫ୍ଟି ସାଇବର ସଚେତନା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକରେ ଥିବା ୨୮ ପଞ୍ଚାୟତରୁ ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଆଶାଦିଦି ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କିଶୋରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସାଇବର ଥାନା ଇନ୍ସପେକ୍ଟର ମାନସ ରଞ୍ଜନ ବିଶ୍ୱାଳ ଯୋଗଦେଇ ଏବେ ମୋବାଇଲ ବ୍ୟବହାର କରୁଥିବା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତ ସାଇବର ଠକାମୀରେ ଶିକାର ହେଉଛନ୍ତି, ତେଣୁ ମୋବାଇଲରେ ଅଦରକାରୀ ଆପ ଡାଉନଲୋଡ଼ ନକରିବା, କାହାରିକୁ ଓଟିପିକୁ ସେୟାର ନକରିବା, ଚପଳାମିରେ ବଶବର୍ତ୍ତୀ ହୋଇ ଫୋଟ ଭିଡିଓ ସେୟାର ନକରିବା ପାଇଁ ପରାମର୍ଶ ଦେଇଥିଲେ।

## ବିଜେବି ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହ



**ଖୋର୍ଦ୍ଧା,୧୧।୨ (ସଂଚାର ବ୍ୟୁରୋ):** ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ତାଙ୍କ ଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ମାଧମରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି, ଏଡିଏମ୍, ପ୍ରତାପ ଚନ୍ଦ୍ର ବେଉରା ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ, ଚରିତ୍ର ଗଠନ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ଉପରେ ନିଜର ମତ ପ୍ରକାଶ କରିଥିଲେ। ଡିଇଓ, ସୁଶ୍ରୀ ସୋନାମିକା ରାୟ ସମ୍ମାନିତ ଅତିଥି ଥିଲେ ଏବଂ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବା ଉପରେ ନିଜର ମତ ପ୍ରକାଶ କରିଥିଲେ। ଖୋର୍ଦ୍ଧାର ବିଇଓ ଯଜ୍ଞସେନୀ ସାହୁ, ବୋଲଗଡ଼ର ବିଇଓ ପ୍ରମୋଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପ୍ରଗତି, ଶୃଙ୍ଖଳା ଏବଂ ପ୍ରତିଭାକୁ ପ୍ରଶଂସା କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡା ଏବଂ ଶିକ୍ଷାଗତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ରାଜନେତା ଓ ସାମ୍ବାଦିକ



**ଧାମନଗର,୧୧।୨ (ସଂଚାର ବ୍ୟୁରୋ):** ଦୈନିକ ସମ୍ବାଦ ପତ୍ର 'ସକାଳ'ର ବ୍ଲକ ପ୍ରତିନିଧି ସାମ୍ବାଦିକ ସେକ ଜାଫର ଅଲ୍ଲୀ ବଡ଼ ଭାଉଜ ତଥା ସମାଜସେବୀ ସେକ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନ ନିଶାର ଦେହାନ୍ତ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ମୃତ ପରିବାର ପାଖରେ ପହଞ୍ଚିଲେ ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନ ଏ ସି ଅଧକ୍ଷା ନିବେଦିତା ଜେନା, ସମିତି ସଭ୍ୟ ଭାରତ ବିଜୟ ଦଳାଇ, ବିଜେଡି ନେତା ପ୍ରତାପ ସାମଲ, ଲମ୍ବୋଦର ଜେନା, ସନ୍ଦୀପ ସ୍ୱାଇଁ ଓ ଅନ୍ୟ ନେତୃ ମଣ୍ଡଳୀଙ୍କ ସହ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ,ଅନିଲ କୁମାର ବାରିକ, ପ୍ରଶାନ୍ତ ଦ୍ୱିବେଦୀ, କୁମାରେଶ ଖିଲାର, ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ମୃତତାଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଜିଲାପାଳଙ୍କ ଦ୍ୱାରା ଡିଜାଇନ ଇଞ୍ଜିନିଅରିଙ୍ଗ ଓ ପରାମର୍ଶ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବୋରିଗୁମ୍ମା,୧୧।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସହରର ସଦର ମହକୁମା ଠାରେ ଡାଇରେକଟର ଟାଉନ ପ୍ଲାନିଂର ମାନ୍ୟତା ପ୍ରାପ୍ତ ଟେକ୍ନିକାଲ ଯୁବ ଇଂଜିନିୟର ସାଇରମ ମିଶ୍ରଙ୍କ ପକ୍ଷରୁ ସ୍କିଲ ଡେଭଲପମେଣ୍ଟ ଏବଂ ଟେକ୍ନିକାଲ ଏଜୁକେସନ ବିଭାଗ ସହାୟତାରେ ଚକା ନୟନ ଡିଜାଇନ ଇଞ୍ଜିନିଅରିଙ୍ଗ କନ୍ସଲଟେନ୍ସି କାର୍ଯ୍ୟାଳୟକୁ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉଦଘାଟନ କରିଥିଲେ। ପ୍ରତ୍ୟେକ ସିଭିଲ ଇଞ୍ଜିନିୟରିଙ୍ଗ କାର୍ଯ୍ୟକୁ ସୁଚାରରୂପେ କାର୍ଯ୍ୟ ସମ୍ପାଦନ କରିବା ଏବଂ ବେକାରୀ ଇଞ୍ଜିନିୟରିଙ୍ଗ ଛାତ୍ର ଛାତ୍ରୀଙ୍କୁ ସଂଗଠିତ କରି ରାଜ୍ୟ ସରକାରଙ୍କ ତରଫରୁ ଏକାଧିକ ରୋଜଗାରଭିତ୍ତିକ ସେବା ଯୋଗାଇବା କାର୍ଯ୍ୟକ୍ରମ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟକୁ ଲୋକାଭିମୁଖୀ କରିବା ଏହି କାର୍ଯ୍ୟାଳୟର ମୁଖ୍ୟ ଲକ୍ଷ୍ୟ।

ସମ୍ମାନିତ ଅତିଥି ଭାବେ କୋରାପୁଟ ଏସପି.ରୋହିତ ବର୍ମା, ଜୟପୁର ଡିଏଫଓ ଉପଜିଲ୍ଲାପାଳ ଶସ୍ୟା ରେଡି, ଡିଆଇସି ଜେନେରାଲ ମ୍ୟାନେଜର, ବୋରିଗୁମ୍ମା ବିଡ଼ିଓ ତଥା ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା, ବ୍ୟାଙ୍କ ମେନେଜରଙ୍କ ସମେତ ବୋରିଗୁମ୍ମା ସହରର ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଭଳି ଯୋଗ୍ୟ ଲୋକାଭିମୁଖୀ କାର୍ଯ୍ୟାଳୟକୁ ବୋରିଗୁମ୍ମା ସହରରେ ଅବସ୍ଥାପିତ କରାଯାଇଥିବାରୁ ଅଞ୍ଚଳ ବାସୀଙ୍କ ମହଲରେ ପ୍ରଶଂସା କରାଯାଇଥିଲା ।

## ଗ୍ରାସିମ୍ କେମିକାଲରେ ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା

**ଛତ୍ରପୁର,୧୧।୨ (ସଂଚାର ବ୍ୟୁରୋ):** ଆଦିତ୍ୟ ନଗର ଠାରେ ଗ୍ରାସୀମ କେମିକାଲ ପକ୍ଷରୁ ନବନିର୍ମିତ ଶୈବ ମନ୍ଦିରର ପ୍ରତିଷ୍ଠା ଅବସରରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଶୁଭ ମୁହୂର୍ତ୍ତରେ ବେଦିକ ରୀତିନୀତି ଅନୁଯାୟୀ ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ଓ ଯଜ୍ଞ-ହୋମ ମାଧମରେ ପ୍ରାଣ ପ୍ରତିଷ୍ଠା ବିଧି ସମ୍ପାଦିତ ହୋଇଥିଲା। ଏହି ଅବସରରେ ଅନଯଜ୍ଞ, ଘୃତଯଜ୍ଞ ଓ ଗୋଯଜ୍ଞ ଆୟୋଜିତ ହୋଇଥିଲା। ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରାଯାଇ ସମସ୍ତଙ୍କ ସୁଖ-ଶାନ୍ତି ଓ ସମୃଦ୍ଧି ପାଇଁ ମଙ୍ଗଳକାମନା କରାଯାଇଥିଲା। ପ୍ରତିଷ୍ଠା ଅନୁଷ୍ଠାନ ୟୁନିଟ ହେଡ଼ ଶ୍ରୀ ଅଜୟ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ନଗରର ଜନସାଧାରଣଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ଶ୍ରୀ ଗୁପ୍ତାଙ୍କ କହିବାନୁସାରେ, ଏହି ମନ୍ଦିର କର୍ମଚାରୀ ଓ ସ୍ଥାନୀୟ ଭକ୍ତମାନଙ୍କ ପାଇଁ ଆଧାତ୍ମିକ ଶାନ୍ତି ଓ ସାମାଜିକ ସମ୍ପ୍ରୀତିର କେନ୍ଦ୍ର ହେବ। ଏହି ଅବସରରେ କମ୍ପାନୀର ଅଧିକାରୀ, କର୍ମଚାରୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



## ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ଦେଶ ବ୍ୟାପୀ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଏକ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ହସ୍ପିଟାଲର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପ୍ରଶିକ୍ଷଣ କେନ୍ଦ୍ରରେ ମଙ୍ଗଳବାର ଆୟୋଜତି ହୋଇଯାଇଛି। ଏହି ବ୍ୟାଧିର ପ୍ରାରମ୍ଭିକ ଚିହ୍ନଟ ଏବଂ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡକ୍ଟର ରାଜେନ୍ଦ୍ର ମଲ୍ଲିକ ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇଥିଲେ। ସେହିପରି ହସ୍ପିଟାଲର କମ୍ୟୁନିଟି ମେଡିସିନ୍ ଆଣ୍ଡ ଇନ୍‌ଫେକ୍ସିୟସ ଡିଜିଜେସ୍ ବିଭାଗର ଅଧାପକ (ଡାକ୍ତର) ଇ. ଭେଙ୍କଟ ରାଓ, ଡାକ୍ତର ସମ୍ବେଦନା ମହାନ୍ତି, ଡକ୍ତର ସ୍ମୃତି ମଧୁସିକ୍ତା ଏବଂ ଡାକ୍ତର ଶୁଭଶ୍ରୀ ସାମନ୍ତରାୟଙ୍କ ସମେତ ପିଜି ଟ୍ରେନି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉପସ୍ଥିତ ବ୍ୟକ୍ତିବିଶେଷମାନେ ସ୍ପର୍ଶ କୁଷ୍ଠରୋଗର ସଚେତନତା, କୁଷ୍ଠ ରୋଗର ଶୀଘ୍ର ଚିହ୍ନଟ, ମାଗଣା ଚିକିତ୍ସା ଉପଲବ୍ଧତା ଏବଂ ରୋଗ ସହିତ ସାମାଜିକ କଳଙ୍କ ଦୂର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଡାକ୍ତରୀ ଛାତ୍ରଛାତ୍ରୀ, ଇନ୍‌ଟର୍ଣ୍ଣମାନେ ସୂଚନାପ୍ରଦ ପୋଷ୍ଟର ଏବଂ ଏକ ଆକର୍ଷଣୀୟ ଭୂମିକା ନାଟକ ମାଧମରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନର ଉଦ୍ଦେଶ୍ୟ ଏବଂ ମୁଖ୍ୟ ବାର୍ତାଗୁଡ଼ିକ ଉପସ୍ଥାପନ କରିଥିଲେ। ଏଥିରେ ନର୍ସିଂ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କ ଦ୍ୱାରା ଯେଉଁଥିରେ କୁଷ୍ଠ ରୋଗର ଲକ୍ଷଣ ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇ ନାଟକ ପରିବେଷଣ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



**ନୀଳଗିରି,୧୧।୨ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ସଦର ମହକୁମାରେ ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ର ପାତି ମେଳା-୨୦୨୫-୨୬ ଉଦଯାପିତ ହୋଇଯାଇଛି। ଏହି ମେଳାକୁ କୃଷି ଯନ୍ତ୍ରପାତି ମେଳା ଅଧକ୍ଷ ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଯାପନ। ଦିବସରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ବେହେରା, କୃଷି ଉଦ୍ୟାନ ସହକାରୀ ଉପନିର୍ଦ୍ଦେଶକ ଗୋପୀନାଥ କର, କୃଷି ଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ, ଗୋଷ୍ଠୀ କୃଷି ଅଧିକାରୀ ମିତାଲି ନାୟକ ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣ ଯୋଗ ଦେଇଥିଲେ। ଏହି ମେଳାରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଭରପୁର ସୁଯୋଗ ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଗୋ - ସୁଗୋମ ପୋର୍ଟାଲ ଜରିଆରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଉଥିବା ସଂପର୍କରେ ଅବଗତ କରିଥିଲେ।

ଆଜିର ଉଦଯାପନୀ ଦିବସରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଚାଷୀମାନଙ୍କୁ ନେଇ ଚାଷ ସମ୍ବନ୍ଧୀୟ ଆଲୋଚନା ଚକ୍ର ପାଠଶାଳା ଅନୁଷ୍ଠିତ ହୋଇଥିଲା। ଏତଦ୍ ଭିନ୍ନ ବିଭିନ୍ନ କୃଷି କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ହିତାଧିକାରୀଙ୍କୁ ମାନପତ୍ର ଉପଢୌକନ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ କୃଷି ଯନ୍ତ୍ର ପାତି ପ୍ରଦର୍ଶନ ଓ ସରକାରୀ ଯୋଜନା ମାଧମରେ ବିଭିନ୍ନ ବର୍ଗର ଚାଷୀ ମାନଙ୍କୁ ଧାର୍ଯ୍ୟ ରିହାତି ମୂଲ୍ୟରେ ଯନ୍ତ୍ରପାତି ବିକ୍ରୟ କରାଯାଇଥିଲା।

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କୁ ଭେଟିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

# ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ସାଇନ୍ସ ସିଟି



ଭୁବନେଶ୍ୱର, ୧୧।୨(ସଂଚାର ବ୍ୟୁରୋ): ରାଜ୍ୟରେ ବୈଜ୍ଞାନିକ ଭିତ୍ତିଭୂମି ଓ ନବସୃଜନର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି। ବୈଠକରେ ଉଭୟ ଓଡ଼ିଶାରେ ଆଞ୍ଚଳିକ ବୈଜ୍ଞାନିକ ଲକ୍ଷ୍ୟ ହାସଲ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ଅଭିବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ରୀୟ ସହାୟତା ଲୋଡ଼ିଛନ୍ତି। ଭୁବନେଶ୍ୱର ଉପକଣ୍ଠରେ ଏହି ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ୧୦୦ ଏକର ଜମି ଚିହ୍ନଟ କରାଯାଇଛି। ଏହାଦ୍ୱାରା ଅତ୍ୟାଧୁନିକ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀ ଓ ଶିକ୍ଷା ପାଇଁ ଏହି କେନ୍ଦ୍ର ଯୁବପିଢ଼ିଙ୍କୁ ପ୍ରେରଣା ଦେଇପାରିବ। ଏହି ଅବସରରେ ରାଜ୍ୟରେ ଷ୍ଟାର୍ଟ ଅପ୍ ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ନେଇ ମଧ୍ୟ ଆଲୋଚନା ହୋଇଛି। ଏଥିସହ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଓ ବୁର୍ଲାସ୍ଥିତ ଭିସୁଟ୍‌ରେ ଉପଲବ୍ଧ ଗବେଷଣା ଓ ପ୍ରୟୋଗଶାଳାର ବୈଷୟିକ ବିଶେଷଜ୍ଞଙ୍କୁ ଉପଯୋଗ କରି ଉପଗ୍ରହ ତଥ୍ୟ ପ୍ରୟୋଗ ଓ ଏହାର ଅଗ୍ରଗତି ଉପରେ ଗବେଷଣାମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଆହୁରି ଜାତୀୟ ଜୈବ ଇ-ଥ୍ରୀ ନୀତି ସହ ସମନ୍ୱୟ ରକ୍ଷା କରି ଓଡ଼ିଶାରେ ଜୈବ ଇ-ସେଲ୍‌ର ପ୍ରଚଳନ କରାଯିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କେନ୍ଦ୍ରଗୁଡ଼ିକ ଉଚ୍ଚକ୍ଷମତାସମ୍ପନ୍ନ ଜୈବ ଉପାଦାନ, ପରିବେଶ ଅନୁକୂଳ ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହନ ଓ ଗବେଷଣା ଉପରେ ବିଶେଷ ଦୃଷ୍ଟି ଦେବ। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଏହି ଉତ୍ତମ ସମନ୍ୱୟ ଦ୍ୱାରା ଓଡ଼ିଶାକୁ ଭାରତରେ ଏକ ଅଗ୍ରଣୀ ବୈଜ୍ଞାନିକ ଓ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ଦିଗରେ ସହଯୋଗ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଆଶା ବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ମନ୍ତ୍ରୀ ଡ. ସିଂହ ମଧ୍ୟ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଓଡ଼ିଶାର ଅବଦାନକୁ ପ୍ରଶଂସା କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ହନିଟ୍ରାପ ମାଧ୍ୟମରେ ଲୁଟୁଥିଲେ ଦମ୍ପତି

# ତିନି ଜଣଙ୍କୁ ଗିରଫ କଲା ପୁଲିସ



କଟକ, ୧୧।୨ (ସଂଚାର ବ୍ୟୁରୋ) : ସୋସିଆଲ ମିଡିଆରେ ପରିଚୟ ପରେ ମିଠା ମିଠା କଥା କହି ହନିଟ୍ରାପ୍ କରି କଟକ ଦୋଳମୁଣ୍ଡେଇରେ ସାଗରଶ୍ରୀ ହୋଟେଲକୁ ଜଣେ ଠିକାଦାରଙ୍କୁ ଇତିଶ୍ରୀ ଦାସ ନାମକ ଜଣେ ମହିଳା ଡକାଇ ଥିଲେ। ଏହା ପରେ କିଛି ମଧୁର ମୁହୂର୍ତ୍ତ କଟାଇବା ପାଇଁ କହି ମୃଦୁ ପାନୀୟରେ ନିଶା ସେବନ କରାଇ ତାଙ୍କ ସୁନା ସବୁ କିଛି ଲୁଟି ଫେରାର ହୋଇ ଯାଇଥିଲେ। ଏହି ଘଟଣାର ତଦନ୍ତ କରି ପୁରୀଘାଟ ଥାନା ପୋଲିସ ଇତିଶ୍ରୀ ଓ ତାଙ୍କ ସ୍ୱାମୀ ମହେଶଙ୍କ ସମେତ ସୁନା କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୦ ତାରିଖରେ ପ୍ରିୟଭୂଷଣ ନନ୍ଦଙ୍କ ଭାଇ ବିନ୍ଦୁ ଭୂଷଣ ନନ୍ଦଙ୍କୁ ଅଭିଯୁକ୍ତ ମହିଳା ଇତିଶ୍ରୀ ଦାସ ସାଗରଶ୍ରୀ ହୋଟେଲକୁ ଆସିବାକୁ କହିଥିଲେ। ଉଭୟ ପ୍ରାୟ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ହୋଟେଲରେ ରହିଥିଲେ। ସେମାନଙ୍କ ରହଣି ସମୟରେ, ଅଭିଯୁକ୍ତ ଇତିଶ୍ରୀ ଥଣ୍ଡା ପାନୀୟରେ କିଛି ନିଶା ମିଶାଇ ଠିକାଦାରଙ୍କୁ ଦେଇଥିଲେ। ଠିକାଦାର ଅଚେତ ହେବା ପରେ, ଅଭିଯୁକ୍ତ ପରିସ୍ଥିତିର ସୁଯୋଗ ନେଇ ତାଙ୍କୁ ଲୁଟ କରିଥିଲେ। ସେ ପ୍ରାୟ ୨୦୦ ଗ୍ରାମ ଓଜନର ସୁନା ଅଳଙ୍କାର, ନଗଦ ଲକ୍ଷେ ଟଙ୍କା ଏବଂ ଫୋନ୍ ପେ ମାଧ୍ୟମରେ ତାଙ୍କ ଆକାଉଣ୍ଟରୁ ୮୦ହଜାର ଟଙ୍କା ନେଇଯାଇଥିଲେ। ଏହା ପରେ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରେ ଉକ୍ତ ଠିକାଦାରଙ୍କ ଚେତା ଫେରିବା ପରେ ତାଙ୍କ ବଡ଼ ଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ବଡ଼ ଭାଇ ପ୍ରିୟଭୂଷଣ ନନ୍ଦ ଏ ସଂକ୍ରାନ୍ତରେ ପୁରୀଘାଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁରୀଘାଟ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ପୁରୀଘାଟ ଥାନାର ଏକ ପୁଲିସ ଦଳ ସମନ୍ୱିତ ଅପରେସନ୍ କରି ମୁଖ୍ୟ ଅଭିଯୁକ୍ତ ସମେତ ଦୁଇଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ଇତିଶ୍ରୀ ସାହୁ, ମହେଶ କୁମାର ଦାସ ଓ ନରେନ୍ଦ୍ର ମହାରଣା। ସେମାନଙ୍କ ନିକଟରୁ ଏକ ଓଲା ଇଲେକ୍ଟ୍ରିକ ସ୍କୁଟି, ୨ ଟି ହାତ ଘଣ୍ଟା, ୩ ଟି ମୋବାଇଲ୍ ଫୋନ, ଏକ ରୟାଲ ଏନଫିଲ୍ଡ ବୁଲେଟ, ପାଞ୍ଚଟି ସୁନା ଚେନ୍ ସହିତ ଗୋଟିଏ ସୁନା ମୁଦି ଯାହାର ମୋଟ ଓଜନ ୧୫୧.୨୪ ଗ୍ରାମ, ନଗଦ ୫୩ ହଜାର ୫୦୦ ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ ଜବତ କରାଯାଇଛି।

# କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧର ସମୀକ୍ଷା କଲେ ଡିଜିପି



ଭୁବନେଶ୍ୱର, ୧୧।୨ (ସଂଚାର ବ୍ୟୁରୋ) : ରାଜ୍ୟରେ ବଢ଼ୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କରିଥିଲେ। ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ୨୦ଟି ପୋଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଏହି ଥାନାଗୁଡ଼ିକୁ ଉଦଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ। ଏହି ଅବସରରେ ଡିଜିପି ଏହି ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ସାଇବର ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଓ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ସାଇବର ଥାନାମାନଙ୍କର ଭିତ୍ତିଭୂମି ମଜବୁତ କରିବା, ଅତ୍ୟାଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି। ଏହି ସାଇବର ଥାନାମାନଙ୍କର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଏହା ସହିତ ଅନଲାଇନ ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ ଟ୍ରାକିଂ, ବେନାମୀ ବ୍ୟାଙ୍କ ଖାତା ଓ ବେନାମୀ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ବିଷୟରେ ମଧ୍ୟ ଡିଜିପି ଆଲୋଚନ କରିଥିଲେ।

● ଅଦାଲତ ଅବମାନନା ପଡ଼ିଲା ମହଙ୍ଗା

# ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନୋଟିସ୍

**କଟକ, ୧୧।୨ (ସଂଚାର ବ୍ୟୁରୋ) :** ଅଦାଲତ ଅବମାନନା ମାମଲାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ହାଇକୋର୍ଟ ପୁଲିସ ନୋଟିସ୍ ଜାରି କରିଛନ୍ତି। ପୁଲିସ କୁଳପତିଙ୍କୁ ଅଦାଲତ ଅବମାନନା ମାମଲାର ନୋଟିସ ପ୍ରଦାନ କରିବା ସହିତ କାର୍ଯ୍ୟକାରୀ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବ। ଏଥିରେ ଅବହେଳା ହେଲେ ଶୃଙ୍ଖଳାଗତ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ଫେବୃଆରି ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁରଲୀଧର ସ୍ୱାଇଁଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରିବା 'ଅଦାଲତ ଅବମାନନା ଆଇନ, ୧୯୭୧'ର ଧାରା ୧୧ ଓ ୧୨, ସମ୍ବିଧାନର ଅନୁଚ୍ଛେଦ ୨୧୫ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜେଲ୍‌ଦଣ୍ଡ ସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନିୟର ଆସିଷ୍ଟାଣ୍ଟ ତଥା ଆବେଦନକାରୀଙ୍କୁ ପିଛିଲା ତାରିଖରୁ ପଦୋନ୍ନତି, ୧୨ ପ୍ରତିଶତ ବାର୍ଷିକ ସୁଧ ସହିତ ବକେୟା ପ୍ରାପ୍ୟ ପ୍ରଦାନ ସପକ୍ଷରେ ୨୦୨୫ ଅକ୍ଟୋବରରେ ହାଇକୋର୍ଟ ରାୟ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀରେ ଅବହେଳା ଅଭିଯୋଗ କରି ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ଜାଳିଯୋଡ଼ା ରେଞ୍ଜରେ ହାତୀ ଆତଙ୍କ



**କଟକ, ୧୧।୨ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲା ଡାଳିଯୋଡା ରେଞ୍ଜ୍ ତଥା ମଙ୍ଗରାଜପୁର୍ ଫରେଷ୍ଟରଙ୍କ ଅଞ୍ଚଳ ଅଧିନ ମହିସାଲଣ୍ଡା, ମାଛପଙ୍ଗି, ଗହଣ୍ଡା, ଦୁଧିଆନାଳୀ, ଆମ୍ବିଳୀଝରି, ରାମଚନ୍ଦ୍ରପୁର, ବେରେଣା, କୋଚିଲା ନୂଆଗାଁ, ମଙ୍ଗରାଜପୁର୍, ରଘୁନାଥପ୍ରସାଦ, ଶଙ୍କରପୁର, କାଂଜିଆ, କମଙ୍ଗ, ବ୍ରହ୍ମପୁର ଆଦି ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସନ୍ଧ୍ୟା ହେଲେ ରାସ୍ତା ବନ୍ଦ ହୋଇଯାଉଛି । ହାତୀଙ୍କ ଉପଦ୍ରବରେ ଏବେ ଅଞ୍ଚଳବାସୀ ଅତିଷ୍ଠ ହେଲେଣି । ଦିନେ ଅଧେ ନୁହେଁ ପ୍ରତିଦିନ ସଞ୍ଜ ନଇଁଲେ ଗାଁ ଦାଣ୍ଡରେ ବୁଲୁଛନ୍ତି ହାତୀ । ହାତୀଙ୍କୁ ଘଉଡାଇବା ଦିଗରେ ବନବିଭାଗ ଆଦୌ ଧ୍ୟାନ ଦେଉ ନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗାଁ ମୁଣ୍ଡରେ ଥିବା କାଜୁ ଜଙ୍ଗଲ ମଧ୍ୟରେ ହାତୀ ପଲ ଏବେ ଡେରା ପକାଇଛନ୍ତି । କଟକ ବନଖଣ୍ଡ ଅଧିକାରୀ ଏହି ଅପାରଗ ଅଧିକାରୀଙ୍କ ସ୍ଥାନରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେଇ ସମସ୍ୟାରୁ ମୁକ୍ତି ଦେବାପାଇଁ ସାଧାରଣରେ ଦାବି ହେଉଛି ।

● ଘରେ ପଶି ଆକ୍ରମଣ ଓ ମହିଳାଙ୍କୁ ଅସଦାଚରଣ ଘଟଣା

# ୬ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ

**କଟକ, ୧୧।୨ (ସଂଚାର ବ୍ୟୁରୋ) :** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣକ ଘରେ ପଶି ଆକ୍ରମଣ କରିବା ସହିତ ମହିଳାଙ୍କୁ ଅସଦାଚରଣ କରିବା ନେଇ ୬ଜଣଙ୍କୁ ଗିରଫ କରିଛି କଟକ ଚାଉଳିଆଗଞ୍ଜ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ଶିଖରପୁର ନଦୀକୂଳସାହିର ଅରୁଣକୁମାର ମହାପାତ୍ର, ରାକେଶ ସ୍ୱାଇଁ, ଶିବୁନା ବେହେରା, ବିକାଶ ସ୍ୱାଇଁ, ଅମରକୁମାର ମହାରଣା, ଏବଂ ମନୋରଞ୍ଜନ ସାହୁ। ସମସ୍ତଙ୍କୁ କୋର୍ଟଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଚିତ୍ତେଶ୍ୱର ମୁଣ୍ଡା କହିଛନ୍ତି। ଶିଖରପୁର ନଦୀକୂଳ ସାହି ଓ ତଳସାହି ମଧ୍ୟରେ ଭିନ୍ନ ଭିନ୍ନ ଘଟଣାକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି । ତେବେ ନଦୀକୁଳ ସାହିର ମୁକେଶ ବେହେରା ତଳସାହିର କିଛି ପିଲାଙ୍କୁ ବିବାଦୀୟ ଘଟଣାରେ ସମର୍ଥନ କରୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ସାହିର ଅପରଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଗତ ସରସ୍ୱତୀ ପୂଜାରେ ଏହି କଥାକୁ ନେଇ ସେମାନେ ମୁକେଶକୁ ତାଗିଦ କରିଥିଲେ। ସୋମବାର ରାତିପ୍ରାୟ ସାଢ଼େ ୧୦ଟାରେ ୬ ଅଭିଯୁକ୍ତ ମୁକେଶ ଘରେ ପଶି ଆକ୍ରମଣ କରିଥିଲେ। ଭାଇ ମୁକେଶକୁ ମାଡ଼ ମାରୁଥିବା ଦେଖି ଭଉଣୀ ମିଳି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ବି ଛାଡ଼ି ନଥିଲେ । ମାଡ଼ ମାରିବା ସହ ଅସଦାଚରଣ କରିଥିଲେ। ପଡିଶା ଲୋକେ ଚାଲିଆସିବାରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ ।



# ସାଇ-ନାଣ୍ଟୁବାବୁ ବିବାଦରେ ପୂର୍ଣ୍ଣଚ୍ଛେଦ

**ଭୁବନେଶ୍ୱର, ୧୧।୨(ସଂଚାର ବ୍ୟୁରୋ):** ଖଣ୍ଡଗିରି ଯାତ୍ରା ସମୟରେ ଆରମ୍ଭ ହୋଇଥିବା ବିବାଦରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଥିସହ ପୁଣି ଏକାଠି ହେଲେ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓ ଖଳନାୟକ ସାଇ ସତ୍ୟଜିତ୍। ଏକ ହୋଟେଲରେ ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଏହି ବିବାଦର ସମାଧାନ ହୋଇଛି। ତେବେ ଏହି ଆଲୋଚନା ସମୟରେ ସାଇଙ୍କ ବାପା-ମା' ଉପସ୍ଥିତ ଥିବା ଜଣାପଡ଼ିଛି। ବିବାଦର ସମାଧାନ ହୋଇଥିବା ବେଳେ ଉଦଳାରେ ଚାଲିଥିବା ଯାତ୍ରାରେ ସାଇ ମଞ୍ଚ ଚଢ଼ିବେ ବୋଲି ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ଖଣ୍ଡଗିରିରେ ଯାତ୍ରା ଚାଲିଥିବା ସମୟରେ ଅଧାରୁ ନାଟକରେ ଅଭିନୟ କରିବାକୁ ମନା କରିଥିଲେ ସାଇ। ନାଣ୍ଟୁବାବୁ ତାଙ୍କୁ ଧମକ ଦେଉଥିବା ନେଇ ସାଇ ଅଭିଯୋଗ କରିଥିଲେ। ଏହି ମାମଲାରେ ନାଣ୍ଟୁବାବୁ ମଧ୍ୟ ସାଇଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିଲେ। ଏହି ବିବାଦକୁ ନେଇ ବେଶ୍ କିଛିଦିନ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିଲେ ହେଁ ଆଜି ଏହାର ସମାଧାନ ହୋଇଛି।



ଗଞ୍ଜାମ ଜିଲ୍ଲା ବିଜେଡି ସଂଗଠନ ସହ ନବୀନଙ୍କ ଆଲୋଚନା

# ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ପାଇଁ ପରାମର୍ଶ



**ଭୁବନେଶ୍ୱର, ୧୧।୨(ସଂଚାର ବ୍ୟୁରୋ):** ଆଜି ନବୀନ ନିବାସରେ ଗଞ୍ଜାମ ଜିଲ୍ଲା ବିଜେଡି ନେତାମାନେ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାରେ ଦଳର ସାଙ୍ଗଠନିକ ସ୍ଥିତି, ଚାଷୀ ସମସ୍ୟା ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ ଦଳର ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ନବୀନ ପରାମର୍ଶ ଦେଇଥିଲେ।

ନବଘୋଷିତ ପୌର ପରିଷଦ ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୭ଟି ସହରାଞ୍ଚଳରେ ପ୍ରଥମ କରି ନିର୍ବାଚନ ହେବ। ଏଥିସହ ପଞ୍ଚାୟତ ନିର୍ବାଚନ ମଧ୍ୟ ପାଖେଇଆସିଲାଣି। ତେଣୁ ଏବେଠୁ ଜିଲ୍ଲା ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ସଭାପତି ଗୁରୁତ୍ୱାରୋପ କରିଥିଲେ। ନିକଟରେ ମଣ୍ଡିମାନଙ୍କରେ ଚାଷୀ ସମସ୍ୟା ନେଇ ବିରୋଧୀ ଦଳ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଗଞ୍ଜାମର ନେତାମାନେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନ ଦେଇଥିବା ପ୍ରସ୍ତାବ ପ୍ରତି ଗଞ୍ଜାମ ଜିଲ୍ଲାର ଚାଷୀଙ୍କ ଦୃଢ଼ ସମର୍ଥନ ରହିଛି ବୋଲି ସେମାନେ ଜଣାଇଥିଲେ।

ବୈଠକରେ ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ପ୍ରତିହାରୀ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ ଓ ରଞ୍ଜିତା ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀର ନେତାମାନେ ଉପସ୍ଥିତ ଥିଲେ।

ଏଆଇ ଚାଳିତ ଶାସନ କ୍ଷେତ୍ରରେ ନଗର ଉନ୍ନୟନ ବିଭାଗ ଅଭିନବ ପଦକ୍ଷେପ

# ଐରାବତ ସହ ମିଳାଇଲା ହାତ



**ଭୁବନେଶ୍ୱର, ୧୧।୩(ସଂଚାର ବ୍ୟୁରୋ):** ରାଜ୍ୟରେ ସ୍ଥାୟୀ, ଭବିଷ୍ୟତ-ଉପଯୋଗୀ ଏବଂ ନାଗରିକ-କୈନ୍ଦ୍ରିକ ସହର ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଐରାବତ ରିସର୍ଚ୍ଚ ଫାଉଣ୍ଡେସନ'(ଏଆରଏଫ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଓଡ଼ିଶା ନିଜର ସହରଗୁଡ଼ିକୁ କେବଳ ସ୍ମାର୍ଟ ନୁହେଁ, ବରଂ ଅଧିକ ସମ୍ବେଦନଶୀଳ ଏବଂ ସମାବେଶୀ କରିବାକୁ ପ୍ରତିବଦ୍ଧ। ଏହି ସହଭାଗିତା ଏଆଇ ସହାୟତାରେ ସହରାଞ୍ଚଳ ସେବା ପ୍ରଦାନକୁ ଉନ୍ନତ କରିବ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବ।

ଐରାବତ ରିସର୍ଚ୍ଚ ଫାଉଣ୍ଡେସନର ସିଇଓ ଅମର ନାଥ କହିଛନ୍ତି ଯେ ସରକାର ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏଭଳି ସହଯୋଗ ଦ୍ୱାରା ଏଆଇ ସମାଧାନଗୁଡ଼ିକୁ ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ବିକଶିତ କରାଯାଇପାରିବ। ଏଆରଏଫ ଓଡ଼ିଶାରେ ଏକ ଦୃଢ଼ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ବ୍ୟବସ୍ଥା ଗଠନ ପାଇଁ ପୂର୍ଣ୍ଣ ସହଯୋଗ କରିବ।

ଭେଣ୍ଡିଂ ଜୋନରେ ଦିଆଯାଉଛି ବାସି ଖାଦ୍ୟ

# ସିଏମ୍‌ସିର ଚଢ଼ାଉ, ସିଲ ହେଲା ୨ ଦୋକାନ



ନଷ୍ଟ କରାଗଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ବାସି ଖାଦ୍ୟ

**କଟକ, ୧୧।୨ (ସଂଚାର ବ୍ୟୁରୋ) :** ଲୋକଙ୍କୁ ସଜ ଖାଦ୍ୟ ନାଁରେ ଦିଆଯାଉଥିଲା ବାସି ଖାଦ୍ୟ। ଆଜି କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ହୋଇଥିବା ଚଢାଉରେ ଏହା ଧରାପଡିଛି। ଏହି ଅଭିଯୋଗରେ ସିଏମସି ଦୁଇଟି ହୋଟେଲକୁ ସିଲ କରିବା ସହ କ୍ୱିଣ୍ଟାଲ କ୍ୱିଣ୍ଟାଲ ବାସି ଖାଦ୍ୟ ଜବତ କରିଛି।

ଏସସିବି ମେଡିକାଲ ମଙ୍ଗଳାବାଗ ଗେଟ ସମ୍ମୁଖରେ ଭେଣ୍ଡିଂ ଜୋନରେ ଥିବା ହୋଟେଲରେ ସିଏମସି ପକ୍ଷରୁ ବଡ ଧରଣର ଚଢାଉ କରାଯାଇଥିଲା। ଭେଣ୍ଡିଂ ଜୋନରେ ଥିବା ଦୁଇଟି ହୋଟେଲ ଉପରେ ଆଜି ସିଏମସି ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ଟିମ ଚଢାଉ କରିଛି। ଚଢାଉ ବେଳେ ବହୁ ପରିମାଣରେ ବାସି ଓ ଅପମିଶ୍ରିତ ଖାଦ୍ୟ ଜବତ ହୋଇଥିଲା। ଅଭିଯୋଗ ହୋଇଥିଲା ଯେ, ଖାଦ୍ୟ ନଷ୍ଟ ପୂର୍ବରୁ ତାକୁ ଲାବରେ ପରୀକ୍ଷା କରାଯିବା କଥା। ମେଡିକାଲ କଲେଜର ମଙ୍ଗଳାବାଗ ଗେଟ ସମୁଖ ଭେଣ୍ଡିଂ ଜୋନରେ ଦୁଇଟି ହୋଟେଲରେ ବାସୀ ଖାଦ୍ୟ ବିକ୍ରି ହେଉଥିବା ଖବର ପାଇ ସିଏମସି ସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଡ୍ରଗସ ସ୍କାର୍ଡ ଓ ପୋଲିସର ମିଳିତ ଉଦ୍ୟମରେ ଅତର୍କିତ ଚଢ଼ାଉ କରାଯାଥିଲା । ଭେଣ୍ଡିଂ ଯୋନରେ ଥିଲା ବାସୀ ଖାଦ୍ୟ। ଭାତ, ତରକାରୀ, ଅଣ୍ଡା, ସାଲଡ଼ ଆଦି ଖାଦ୍ୟର ମାନ ଯାଞ୍ଚ କରିବା ପରେ ଖାଦ୍ୟରେ ବ୍ଲିଚିଂ ପକାଯାଇଥିଲା।

ଏହି ରେଡ଼ ଚାଲିଥିଲା ବେଳେ ବ୍ୟବସାୟୀ ପ୍ରତିବାଦ କରିଥିଲେ । କିନ୍ତୁ ଭୁଲ ଠିକର ହିସାବ କରିବା ପୂର୍ବରୁ ସିଲ ହୋଇଥିଲା ହୋଟେଲ। ଏଥିସହିତ ମେଡିକାଲ ନିକଟ ଭେଣ୍ଡିଂ ଜୋନରେ ରୋଷେଇ ନକରିବାକୁ ତାଗିଦ କରାଯାଇଛି। କିନ୍ତୁ ବାରମ୍ବାର ଅବଗତ କରିବା ପରେ ସେହି ସ୍ଥାନରେ ରୋଷେଇ କରି ରୋଗୀ ଓ ରୋଗୀଙ୍କ ସହଯୋଗୀଙ୍କୁ ଖାଦ୍ୟ ବିକ୍ରି କରୁଛନ୍ତି ବ୍ୟବସାୟୀ । ଯାହା ସମ୍ପୂର୍ଣ୍ଣ ରୂପେ ଅସ୍ୱାସ୍ଥ୍ୟକର । ଏହି ଅଧାରେ ଚଢ଼ାଉ କରି ଆଜି ଦୁଇଟି ହୋଟେଲ ସିଲ କରିଛି ଟିମ । ସେହିପରି ଡ୍ରଗ କଣ୍ଟ୍ରୋଲ ଅଧିକାରୀଙ୍କ ସହ ମିଶି କିଛି ଔଷଧ ଦୋକାନ ଉପରେ ମଧ୍ୟ ସିଏମସି ଚଢାଉ କରିଛି। ଲାଇସେନ୍ସ ଓ ଫାରମାସିଷ୍ଟ ନଥିବା ଦୋକାନକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି।

ମହାଙ୍ଗା ଉନ୍ନୟନ କମିଟି ବୈଠକ

# ରାଜନୀତିରୁ ଉର୍ଦ୍ଧ୍ୱରେ ରହି କାମ କରିବାକୁ ବିଧାୟକଙ୍କ ତାଗିଦ





ସରକାରଙ୍କ ସବୁ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ

**କଟକ, ୧୧।୨ (ସଂଚାର ବ୍ୟୁରୋ) :** ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଆଜି ପୂର୍ବାହ୍ନରେ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ କୃଷି, ପଶୁପାଳନ, ଶିକ୍ଷା, ଉଦ୍ୟାନ କୃଷି , ସ୍ୱାସ୍ଥ୍ୟ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯିବା ସହ ପୂର୍ବ ଅନୁମୋଦିତ କାର୍ଯ୍ୟ ସମ୍ପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା।

ବୈଠକରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପୂରଣ, ବିଦ୍ୟାଳୟ ଉନ୍ନତିକରଣ, ଡେପୁଟେସନରେ ଥିବା ଶିକ୍ଷକଙ୍କୁ ନିଜସ୍ୱ ସ୍ଥାନକୁ ବଦଳି ନେଇ ଆଲୋଚନା ହୋଇଥିଲା। ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ଜନିତ ସମସ୍ୟା ଗୁଡ଼ିକର ସମାଧାନ କରିବା ସହିତ ଉପଯୁକ୍ତ ତଥ୍ୟ ଓ ପ୍ରମାଣପତ୍ର ଥିବା ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ଡ୍ରେନେଜ ନବୀକରଣ ଓ ଡ୍ରେନେଜ ଯୋଗୁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର କିଭଳି ତୁରନ୍ତ ସମାଧାନ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକଗୁଡିକର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ପକେଇବା ଓ ଅନାବଶ୍ୟକ ସ୍ଥଳେ ଖୁଣ୍ଟ ଗୁଡ଼ିକୁ ହଟାଇବା ନେଇ ଟିପିସିଓଡ଼ିଏଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ ଏକ କୃଷି ନିର୍ଭରଶୀଳ ଜିଲ୍ଲା, ଉପଯୁକ୍ତ ଜଳସେଚନ ସହ କୃଷିକାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ସେବାର ସମୟ ପରିବର୍ତ୍ତନ ଓ ଲୋକମାନଙ୍କ ସୁବିଧା ଏବଂ ଆବଶ୍ୟକ ସ୍ଥଳେ ବସ୍ ଚଳାଚଳର ନୂତନ ରହଣିସ୍ଥଳ ନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ କହିଥିଲେ। ନିର୍ବାଚନମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ମିଶନ ଶକ୍ତି ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣ ଯୋଜନାର ସମୀକ୍ଷା କରିଥିଲେ ବିଧାୟକ। ନିର୍ବାଚନ ମଣ୍ଡଳୀର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ଏହାର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିରପେକ୍ଷ ଭାବେ ଚାଷ କାର୍ଯ୍ୟରେ ବିହନ ବଣ୍ଟନ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ବୈଠକରେ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ସାହୁ ଏବଂ ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଗୁରୁବାର ୧୨ ଫେବୃଆରୀ ୨୦୨୬
BUSINESS
କ

# ୧୦ ଲକ୍ଷ ଯାଏ ନଗଦ କାରବାରରେ ଲୋଡ଼ା ପଡ଼ିବନି ପାନ୍

ନୂଆଦିଲ୍ଲୀ,୧୧।୨: ଏବେ ଗୋଟିଏ ଆର୍ଥିକ ବର୍ଷରେ ୧୦ ଲକ୍ଷ କିମ୍ବା ତା' ଠାରୁ ଅଧିକ ନଗଦ ଜମା ରାଶି ତଥା ଉଠାଣ ଉପରେ ପାନ୍ ନମ୍ବର ଦେବା ଅନିବାର୍ଯ୍ୟ ହେବ । ଏହାଠାରୁ କମ୍ କାରବାରରେ ପାନ୍ ଜରୁରୀ ନାହିଁ। ଏପ୍ରିଲରେ ନୂଆ ଆୟକର ଆଇନ-୨୦୨୫ ଲାଗୁ ହେବା ପରେ ଏ ନିୟମ ପ୍ରଭାବୀ ହେବ। ନୂଆ ଆଇନର ରିଠାନୀତିରେ ପାନ୍ କାର୍ଡର ଅନିବାର୍ଯ୍ୟତା ସହ ଜଡ଼ିତ କେତେକ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ସମବାୟ ବ୍ୟାଙ୍କ୍ ଏବଂ ଅନ୍ୟ ବ୍ୟାଙ୍କ୍‌ରେ ଦିନକରେ ୫୦,୦୦୦ ଟଙ୍କାରୁ ଅଧିକ ନଗଦ ଜମା କଲେ ପାନ୍ କାର୍ଡ ଦେବା ଜରୁରୀ ହୋଇଥାଏ। ସରକାରଙ୍କ ନୂଆ ପଦକ୍ଷେପ ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିବ। ନୂଆ ଆୟକର ନିୟମରେ ହୋଟେଲ ବିଲ୍ ପେମେଣ୍ଟ ପାଇଁ ପାନ୍ କାର୍ଡର ସୀମା ୫୦,୦୦୦ ଟଙ୍କାରୁ ବଢ଼ାଇ ୧ ଲକ୍ଷ ଟଙ୍କା କରାଯାଇଛି। ଅର୍ଥାତ୍ ଯଦି ବିଲ୍ ୧ ଲକ୍ଷ ଟଙ୍କାରୁ କମ୍ ହୋଇଥାଏ, ତେବେ ପାନ୍‌ର ଆବଶ୍ୟକତା ନାହିଁ। ଏହି ନିୟମ କନ୍‌ଭେନ୍‌ସନ୍ ସେଣ୍ଟର ଏବଂ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ପେମେଣ୍ଟ ଉପରେ ବି ଲାଗୁ ହେବ। ସେହିଭଳି ପ୍ରପର୍ଟି କିଣାବିକା କିମ୍ବା ଉପହାର



ଏପ୍ରିଲରୁ ନୂଆ ଆୟକର ନିୟମ

ମାମଲାରେ ଏ ସୀମାକୁ ୧୦ ଲକ୍ଷ ଟଙ୍କାରୁ ବଢ଼ାଇ ୨୦ ଲକ୍ଷ ଟଙ୍କା କରାଯିବାର ପ୍ରସ୍ତାବ ରହିଛି। ଯଦି ଜଣେ ୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମୋଟରସାଇକେଲ କିମ୍ବା ଅନ୍ୟକୌଣସି ମୋଟର ଯାନ କିଣୁଛନ୍ତି ତେବେ ପାନ୍ ନମ୍ବର ଦେବାକୁ ହେବ। ବର୍ତ୍ତମାନର ନିୟମରେ ଦୁଇଚକିଆ ପାଇଁ ପାନ୍‌ର କୌଣସି ସର୍ତ୍ତ ନ ଥିଲା କିନ୍ତୁ ଚାରିଚକିଆ ଯାନ ପାଇଁ ଦାମ ଯାହା ବି ହେଉ ପାନ୍ ଦେବା ଅନିବାର୍ଯ୍ୟ ଥିଲା। ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଗାଡ଼ିକୁ ଏହି ପରିସରରୁ ବାହାରେ ରଖାଯାଇପାରେ। ସେହିଭଳି କୌଣସି ବୀମା କମ୍ପାନି ସହ ଆକାଉଣ୍ଟ- ଭିତ୍ତିକ ସମ୍ପର୍କ ଆରମ୍ଭ କରିବା ପାଇଁ ପାନ୍ ଜରୁରୀ ହେବ। ଏଯାବତ କେବଳ ୫୦ ହଜାର ଟଙ୍କାରୁ ଅଧିକ ଜୀବନ ବୀମା ପ୍ରିମିୟମ ଉପରେ ହିଁ ପାନ୍ ମଗାଯାଉଥିଲା। 'ଆକାଉଣ୍ଟ୍-ଭିତ୍ତିକ ରିଲେସନ୍‌ସିପ୍'ର ଅର୍ଥ ହେଉଛି ଏବେ ପଲିସି କିଣିବାବେଳେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ଏକ ସ୍ଥାୟୀ ପ୍ରୋଫାଇଲ ବା ଖାତା ଖୋଲାଯିବ। କ୍ରିପ୍ଟୋ ଏକ୍ସଚେଞ୍ଜକୁ ଏବେ ଆୟକର ବିଭାଗ ସହ ସୂଚନା ବିନିମୟ କରିବା ଅନିବାର୍ଯ୍ୟ ହେବ। ଡିଜିଟାଲ କରେନ୍ସିକୁ ବି ଏବେ ଇଲେକ୍ଟ୍ରୋନିକ୍ ପେମେଣ୍ଟ ଆକାରରେ ସ୍ୱୀକାର କରାଯାଇଛି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ-୨୦୨୬ର ଘୋଷଣା ପରେ ସିବିଡିଟି ଏହି ନିୟମଗୁଡ଼ିକ ଉପରେ ଜନସାଧାରଣ ଏବଂ ଅଂଶୀଦାରଙ୍କ ପରାମର୍ଶ ମାଗିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ମତାମତ ଆଧାରରେ ନିୟମଗୁଡ଼ିକୁ ଚୂଡ଼ାନ୍ତ କରି ଦିଆଯିବ। ଏହାପରେ ୨୦୨୬ ଏପ୍ରିଲ ୧ରୁ ନୂଆ ଆୟକର ଆଇନ ଏବଂ ଏହି ସମସ୍ତ ନିୟମଗୁଡ଼ିକୁ ସମଗ୍ର ଦେଶରେ ଲାଗୁ କରାଯିବ।




# ବେକାରି ହାର ୬.୭%କୁ ହ୍ରାସ

ନୂଆଦିଲ୍ଲୀ, ୧୧।୨: ଗତବର୍ଷ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଦେଶର ବେକାରି ହାର ୬.୭ ପ୍ରତିଶତକୁ ହ୍ରାସ ପାଇଥିବା ନେଇ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୫ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ତାହା ୬.୯ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ବେକାରି ହାର ୪.୪ ପ୍ରତିଶତରୁ ହ୍ରାସ ପାଇ ୪ ପ୍ରତିଶତ ହୋଇଛି। ଗ୍ରାମାଞ୍ଚଳରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବେରୋଜଗାରଙ୍କ ସଂଖ୍ୟା କମ୍ ହୋଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ନିୟମିତ ଶ୍ରମ ଶକ୍ତି ସର୍ବେକ୍ଷଣ (ପିଏଲ୍‌ଏଫ୍‌ଏସ୍) ରିପୋର୍ଟ ଅନୁସାରେ ସହରାଞ୍ଚଳରରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ବେକାରି ହାର ୬.୯ ପ୍ରତିଶତରୁ ୬.୭ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି। ଗ୍ରାମାଞ୍ଚଳରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ସ୍ୱାବଲମ୍ବୀଙ୍କ ହାର ୬୩.୨ ପ୍ରତିଶତ ହୋଇଛି ଯାହା ବର୍ଷକ ପୂର୍ବରୁ ଏହି ସମୟରେ ୬୨.୮ ପ୍ରତିଶତ ଥିଲା। ସହରାଞ୍ଚଳରେ ସେହି ହାର ୩୯.୩ ପ୍ରତିଶତରୁ ବଢ଼ି ୩୯.୭ ପ୍ରତିଶତ ହୋଇଛି। ଗ୍ରାମାଞ୍ଚଳରେ ୫୮.୮ ପ୍ରତିଶତ ଲୋକ କୃଷି କ୍ଷେତ୍ରରେ ନିୟୋଜିତ ହୋଇଥିଲେ। ଗତବର୍ଷ ସେହି ହାର ୫୭.୭ ପ୍ରତିଶତ ଥିଲା। ଅର୍ଥାତ ଅଧିକ ଲୋକ କୃଷି କ୍ଷେତ୍ରରେ କାମ ପାଇଛନ୍ତି। ସହରାଞ୍ଚଳରେ ତୃତୀୟକ କ୍ଷେତ୍ରଗୁଡ଼ିକରେ ନିୟୋଜନ ହାର ୬୧.୯ ପ୍ରତିଶତ ରହିଛି। ୨୦୨୫ ଜୁଲାଇ ସେପ୍ଟେମ୍ବରରେ ୫୬.୨ କୋଟି ଲୋକଙ୍କୁ କାମ ମିଳିଥିଲା। ସେଥିରୁ ୩୯.୬ କୋଟି ପୁରୁଷ ଓ ୧୬.୬ କୋଟି ମହିଳା ଥିଲେ। ଏହାର ତିନି ମାସ ପରେ ଅର୍ଥାତ ୨୦୨୫ ଅକ୍ଟୋବର-ଡିସେମ୍ବର ତିନି ମାସରେ ନିଯୁକ୍ତି କ୍ଷେତ୍ରରେ ଥିବା ଲୋକଙ୍କ ସଂଖ୍ୟା ୫୭.୪ କୋଟିକୁ ବଢ଼ିଥିଲା। ସେଥିରୁ ୪୦.୨ କୋଟି ହେଉଛନ୍ତି ପୁରୁଷ ଓ ୧୭.୨ କୋଟି ମହିଳା।

# ଅନଲାଇନ୍‌ରୁ ୩ ଘଣ୍ଟାରେ ହଟିବ ଆପତ୍ତିଜନକ ପୋଷ୍ଟ୍



ନୂଆଦିଲ୍ଲୀ, ୧୧।୨: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟାପକ ଅପବ୍ୟବହାରକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏ ସମ୍ପର୍କିତ ନିୟମକୁ ଆହୁରି କଡ଼ାକଡ଼ି କରିଛନ୍ତି। ଆପତ୍ତିଜନକ ପୋଷ୍ଟ୍ ଓ କଣ୍ଟେଣ୍ଟ୍‌ଗୁଡ଼ିକ ବିଷୟରେ ଜଣାଇବାର ତିନି ଘଣ୍ଟା ଭିତରେ ତାହା ହଟାଇବାକୁ ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି, ଡିପ୍‌ଫେକ୍ କଣ୍ଟେଣ୍ଟ୍‌ର ଲାବେଲିଂ କରିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଅର୍ଥାତ ଯେଉଁ କଣ୍ଟେଣ୍ଟ କିମ୍ବା ପୋଷ୍ଟକୁ ଡିପ୍‌ଫେକ୍ ଭଳି ଏଆଇ ପ୍ରଯୁକ୍ତି ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବ ତାହା ଡିପ୍‌ଫେକ୍ ବୋଲି କମ୍ପାନିଗୁଡ଼ିକ ନିଜ ଆଡୁ ଜଣାଇବେ। ଫଳରେ ସେହି କଣ୍ଟେଣ୍ଟ୍ କିମ୍ବା ପୋଷ୍ଟର ସତ୍ୟତାକୁ ନେଇ କୌଣସି ଦ୍ୱନ୍ଦ୍ୱ ରହିବନାହିଁ। ଏନେଇ ସୂଚନା ପ୍ରଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ଆଜିର ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସ ୨୦ରୁ ତାହା ଲାଗୁ ହେବ। କେବଳ ସୋସିଆଲ ମିଡିଆ କମ୍ପାନି ନୁହେଁ, ଏଆଇକୁ ବ୍ୟବହାର କରି କଣ୍ଟେଣ୍ଟ ଅପ୍‌ଲୋଡ୍ କରୁଥିବା ବ୍ୟବହାରକାରୀମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନ କରାଯାଇଛି। ଏଆଇ ଟୁଲ୍ ବ୍ୟବହାର କରୁଥିଲେ ଆଗୁଆ ସୂଚନା ଦେବାକୁ ସେମାନଙ୍କୁ କୁହାଯାଇଛି। ବ୍ୟବହାରକାରୀମାନେ ପୋଷ୍ଟ କରୁଥିବା କଣ୍ଟେଣ୍ଟ୍ ଏଆଇ ଦ୍ୱାରା ସୃଷ୍ଟି ହୋଇଛି ନା ନାହିଁ ତାହା ଜାଣିବା ଲାଗି ବ୍ୟବସ୍ଥା କରିବାକୁ ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଯଦି କୌଣସି ବ୍ୟକ୍ତି ସେଭଳି ପୋଷ୍ଟ କରନ୍ତି ତେବେ କମ୍ପାନି ଗ୍ରହଣ କରିଥିବା ବ୍ୟବସ୍ଥାରେ ତାହା ଧରାପଡ଼ିଯିବ। ଯେଉଁ ଲୋକମାନେ ପୂର୍ବ ଘୋଷଣା ନ କରି ଏଆଇ କଣ୍ଟେଣ୍ଟ୍ ଅପ୍‌ଲୋଡ୍ କରିବେ ସେମାନଙ୍କୁ ସେଥିପାଇଁ ଦାୟୀ କରାଯିବ।

ଏଆଇ ପ୍ରଯୁକ୍ତିରେ ବ୍ୟାପକ ଉନ୍ନତି ହେବା ପରେ ତାହାକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ଛବି, ଅଡିଓ ଓ ଭିଡିଓ କଣ୍ଟେଣ୍ଟ୍‌ର ସତ୍ୟତା ଜାଣିବା କଷ୍ଟକର ହୋଇପଡ଼ୁଛି। ଏହାର ଫାଇଦା ଉଠାଇ କିଛି ଅସାଧୁ ଗୋଷ୍ଠୀ ମିଥ୍ୟା ପ୍ରଚାର କରିବା, ଠକେଇ, ଉତ୍ପୀଡ଼ନ ଓ ଲୋକଙ୍କୁ ହଇରାଣ କରିବାରେ ମାତିଛନ୍ତି। ସେମାନଙ୍କୁ ସାବାଡ଼ କରିବା ଓ ନାଗରିକମାନଙ୍କୁ ଏକ ସୁରକ୍ଷିତ ଅନଲାଇନ୍ ପରିବେଶ ପ୍ରଦାନ କରିବା ପାଇଁ ସରକାର ଆଇଟି ନିୟମକୁ କଡ଼ାକଡ଼ି କରିଛନ୍ତି। ଏଆଇ ଓ ଡିପ୍‌ଫେକ୍ ଦ୍ୱାରା ସୋସିଆଲ ମିଡିଆରେ ମହିଳାମାନେ ବ୍ୟାପକ ନିର୍ଯ୍ୟାତନା ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି।

# ଏଆଇ ଚାହିଦା ଯୋଗୁ ବିଶ୍ୱରେ ଚିପ୍ ସଙ୍କଟ, ମହଙ୍ଗା ହେବ ଫୋନ୍, ଟିଭି

ନୂଆଦିଲ୍ଲୀ, ୧୧।୨: ବଢ଼ୁଛି ଏଆଇର ଚାହିଦା। ଏବେ ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ମୋବାଇଲ ଠାରୁ ଆରମ୍ଭ କରି କାର୍ ସବୁଥିରେ ଏବେ ଏଆଇ। ଏମିତିରେ ଏଆର ବଢ଼ୁଥିବା ଏହି ଦ୍ରୁତ ବ୍ୟବହାର ଯୋଗୁ ଆଗକୁ ଫୋନ୍ ଏବଂ ଟିଭି ଭଳି ଇଲୋକ୍ଟ୍ରୋନିକ୍ସ ମହଙ୍ଗା ହୋଇପାରେ। ପ୍ରକୃତରେ ଡାଟା ସେଣ୍ଟର ଏବଂ ସର୍ଭରଗୁଡ଼ିକୁ ଏଆଇ ଭିତ୍ତିଭୂମି ପାଇଁ ଅଧିକ ମେମୋରୀ ଚିପ୍ସ ଆବଶ୍ୟକ ହେଉଛି। କାରଣ ମେମୋରୀ ଚିପ୍ ନିର୍ମାତାମାନେ ହାଇ (ଉଚ୍ଚ)- ବ୍ୟାଣ୍ଡୱିଡଥ୍ ମେମୋରୀ ଏବଂ ସର୍ଭର-ଗ୍ରେଡ୍ ଡିଆରଏଏମକୁ ପ୍ରାଥମିକତା ଦେଉଛନ୍ତି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ସାମସଙ୍ଗ, ଏସକେ ହାଇନିକ୍ସ ଏବଂ ମାଇକ୍ରନ୍ ଭଳି ପ୍ରମୁଖ ଚିପ୍ ନିର୍ମାତା ବଡ଼ ଏଆଇ ଏବଂ ସର୍ଭର ଗ୍ରାହକମାନଙ୍କୁ ପ୍ରାଥମିକତା ଦେଉଛନ୍ତି। ଆଉ କଞ୍ଜୁମର- ଗ୍ରେଡ୍ ମେମୋରୀ ଚିପ୍ସର ଉପଲବ୍ଧତା ହ୍ରାସ ପାଇଛି। ତେଣୁ ଏହାଯୋଗୁ ଟିଭି ଫ୍ରିଜ୍ ଭଳି କନଜ୍ୟୁମର ଇଲେକ୍ଟ୍ରୋନିକ୍ସ ପାଇଁ ଚିପ୍ସର ଅଭାବ ଦେଖାଦେଇଛି। ଏମିତିରେ ଆଗକୁ ଚିପ୍ସ ମୂଲ୍ୟ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରିପୋର୍ଟରେ ଆହୁରି କୁହାଯାଇଛି ଚଳିତ ବର୍ଷ ସ୍ମାର୍ଟଫୋନ୍, ଟିଭି, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ କଞ୍ଜୁମର ଇଲେକ୍ଟ୍ରୋନିକ୍ସର ମୂଲ୍ୟ ପ୍ରତି ମାସରେ ୭-୧୦% ବୃଦ୍ଧି ପାଇପାରେ। ବ୍ଲୋପଙ୍କ୍ ଏବଂ କୋଡାକର ବ୍ରାଣ୍ଡ ଲାଇସେନ୍ସ ରଖିଥିବା ସୁପର ପ୍ଲାଷ୍ଟ୍ରୋନିକ୍ସର ସିଇଓ ଅବନୀତ ସିଂହ ମାରୱାହ କହିଛନ୍ତି, ସ୍ମାର୍ଟ ଟିଭିରେ ଡିଡିଆର-୩ ଏବଂ ଡିଡିଆର-୪ ମେମୋରୀ ବ୍ୟବହୃତ ହୁଏ। ହେଲେବି




ଏଆଇ ଚାହିଦା ଯୋଗୁ ଏହି ମେମୋରୀ ଚିପ୍ସ କମ୍ପାନିମାନେ ସର୍ଭର କମ୍ପାନିଙ୍କୁ ଯୋଗାଉଛନ୍ତି। ଫଳସ୍ୱରୂପ ଅନ୍ତର୍ଜାତୀୟ ବଜାରରେ ମେମୋରୀ ଚିପ୍ସ ମୂଲ୍ୟ ପୂର୍ବରୁ ୩୦୦- ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ମେମୋରୀ ଚିପ୍ସର ମୂଲ୍ୟ ଆହୁରି ୪୦-୫୦% ବୃଦ୍ଧି ପାଇପାରେ। ଏହା ଦ୍ୱାରା ଟିଭି ମୂଲ୍ୟରେ ୭-୧୦% ବୃଦ୍ଧି ହୋଇପାରେ। ବଡ଼ କଥା ହେଲା ଏହି ସମସ୍ୟାରୁ ଶୀଘ୍ର ମୁକ୍ତି ଭଳି ଜଣାପଡୁନାହିଁ। ଏମିତିରେ ଜିଏସଟି ୨୮%ରୁ ୧୮% ହ୍ରାସର ଲାଭ ମିଳିନପାରେ। ବିଶ୍ଳେଷକ ମିଙ୍ଗ୍-ଚି କୁଓ କହିଛନ୍ତି ଆପଲ୍ ଆଇଫୋନ୍ ୧୮ର ମୂଲ୍ୟ ସ୍ଥିର ରଖିବାକୁ ଚେଷ୍ଟା କରିବ। କାରଣ ଆପଲ୍ ବିଶ୍ୱ ମେମୋରୀ ଚିପ୍ ଯୋଗାଣର ୨୦-୨୫% ବ୍ୟବହାର କରେ।ଏହା ଯୋଗାଣକାରୀଙ୍କ ଉପରେ ଚାପ ପକାଇପାରେ। ଏପର୍ଯ୍ୟନ୍ତ କେବଳ ସ୍ମାର୍ଟଫୋନ୍ କମ୍ପାନି ନଥିଂ ଚଳିତ ବର୍ଷ ଫୋନ୍ର ମୂଲ୍ୟ ବୃଦ୍ଧି କରିବ ନାହିଁ ବୋଲି କହିଛି। ସେହିଭଳି କମ୍ପ୍ୟୁଟର ବ୍ରାଣ୍ଡଗୁଡ଼ିକ ଚୀନରୁ ଚିପ୍ସ ଆମଦାନୀ କରିବା ବିଷୟରେ ବିଚାର କରୁଛନ୍ତି। କିଛି ବିଶ୍ୱସ୍ତରୀୟ କମ୍ପ୍ୟୁଟର ବ୍ରାଣ୍ଡ ପାରମ୍ପରିକ ଚିପ୍ କମ୍ପାନିଗୁଡ଼ିକର ବିକଳ୍ପ ଅନୁସନ୍ଧାନ କରୁଛନ୍ତି। ଅଟୋ ସେକ୍ଟର ମଧ୍ୟ ପ୍ରଭାବିତ ହୋଇଛି କାରଣ କାରଗୁଡ଼ିକ ମଧ୍ୟ ସେମିକଣ୍ଡକ୍ଟର ଏବଂ ମେମୋରୀ ବ୍ୟବହାର କରନ୍ତି।

## ଭାରତ ପାକିସ୍ତାନ ମ୍ୟାଚ ପୂର୍ବରୁ

# ବଢ଼ିଲା ବିମାନ ଭଡ଼ା, ହୋଟେଲ ବି ମହଙ୍ଗା



ନୂଆଦିଲ୍ଲୀ: ଫେବୃଆରୀ ୧୫ରେ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୨୦୨୬ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍। ବହୁ ବାଦ ବିବାଦ ଭିତରେ ଏହି ମ୍ୟାଚ ହେବାକୁ ଯାଉଥିବାବେଳେ, ଦୁଇ ପାରମ୍ପରିକ ଟିମକୁ ଲଢ଼ିବାର ଦେଖିବାକୁ ଫ୍ୟାନ୍ସମାନେ ବି ଖୁବ୍ ଉତ୍କଣ୍ଠିତ। ହେଲେ ଏହି ମ୍ୟାଚକୁ କଲମ୍ବୋ ଯାଇ ଦେଖିବାକୁ ଚାହୁଁଥିବା ଫ୍ୟାନ୍ସଙ୍କୁ କିନ୍ତୁ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। କାରଣ କଲୋମ୍ବୋ ଯାଇ ଏହି ମ୍ୟାଚ ଦେଖିବା ପୂର୍ବାପେକ୍ଷା ଅଧିକ ବ୍ୟୟବହୁଳ ହୋଇପାରେ। କେବଳ ଭଡ଼ା ପାଇଁ ପାଞ୍ଚ ଗୁଣ ଖର୍ଚ୍ଚ କରିବାକୁ ପଡ଼ିପାରେ।

ରିପୋର୍ଟ ଅନୁସାରେ, ଏବେ କଲୋମ୍ବୋକୁ ଫ୍ଲାଇଟ ଟିକେଟ ପ୍ରାୟ ୫ ଗୁଣ ବଢ଼ିଛି। ସାଧାରଣ ଦିନରେ କଲୋମ୍ବୋକୁ ୩୦ ହଜାର ରହୁଥିବା ବିମାନ ଟିକେଟ ଏବେ ସର୍ବାଧିକ ୧. ୪୫ ଲକ୍ଷ ଟଙ୍କାରେ ପହଞ୍ଚିଛନ୍ତି। ଅବଶ୍ୟ ଏହି ରେଟ୍ ୧୪ ଏବଂ ୧୫ ଫେବୃଆରୀ ପାଇଁ। ଆହୁରି ମଧ୍ୟ ଜାଣିଲେ ଚକିତ ହେବେ ଯେ, ବର୍ତ୍ତମାନ କଲମ୍ବୋରେ ଉଚ୍ଚମାନର ହୋଟେଲଗୁଡ଼ିକର ମୂଲ୍ୟ ବି ୧.୧୪ ଲକ୍ଷ ଟଙ୍କାରେ ପହଞ୍ଚିଛି।

ସୂଚନାଯୋଗ୍ୟ, ଶ୍ରୀଲଙ୍କାର ପର୍ଯ୍ୟଟନ ଶିଳ୍ପ ବର୍ତ୍ତମାନ ସଙ୍କଟର ସମ୍ମୁଖୀନ ହେଉଛି। ଶ୍ରୀଲଙ୍କା କେନ୍ଦ୍ରୀୟ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ ରାଜସ୍ୱ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଜାନୁଆରୀ ୨୦୨୬ରେ ଶ୍ରୀଲଙ୍କା ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରାଜସ୍ୱ ବାର୍ଷିକ ତୁଳନାରେ ପ୍ରାୟ ୫.୬% ହ୍ରାସ ପାଇଛି। ୨୦୨୫ ଜାନୁଆରୀରେ ଶ୍ରୀଲଙ୍କା, ପର୍ଯ୍ୟଟନରୁ ୪୦୦ ମିଲିୟନ ଡଲାର ଆୟ କରିଥିଲା। ତଥାପି, ଜାନୁଆରୀ ୨୦୨୬ରେ ଏହି ରାଜସ୍ୱ ୩୭୮ ମିଲିୟନ ଡଲାରକୁ ହ୍ରାସ ପାଇଛି। ଏମିତିରେ ଭାରତ-ପାକିସ୍ତାନ ମ୍ୟାଚରେ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ ଏବଂ ଏହାର ପର୍ଯ୍ୟଟନ ଶିଳ୍ପକୁ ସମର୍ଥନ କରିବା ନେଇ ଆଶା ବାନ୍ଧିଛି ଶ୍ରୀଲଙ୍କା।

# ଦୁଇ ବର୍ଷରେ ୨୧୪ ଲକ୍ଷ କୋଟି ହେବ ଭାରତର ଋଣ ଭାର

ନୂଆଦିଲ୍ଲୀ,୧୧।୨: ନିକଟରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଦେଶର ଆର୍ଥିକ ସ୍ଥିତି ଓ ଋଣ ଭାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ବର୍ଷେ ମଧ୍ୟରେ କେନ୍ଦ୍ର ସରକାରଙ୍କ ମୋଟ ଦେଣଦେଣ ପରିମାଣ ପ୍ରାୟ ୧୭.୬ ଲକ୍ଷ କୋଟି ଟଙ୍କାକୁ ବଢ଼ିବାକୁ ଯାଉଛି। ଯଦି ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟର ଋଣକୁ ମିଶାଯାଏ, ତା'ହେଲେ ଏହା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୮୨ ପ୍ରତିଶତ ହେବ। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତର ମୋଟ ଆନୁମାନିକ ଋଣ ପରିମାଣ ୨,୧୪,୮୨,୦୫୦ କୋଟିକୁ ବୃଦ୍ଧି ପାଇବ। ଏହି ସମୟରେ ଆଭ୍ୟନ୍ତରୀଣ ଋଣ ପ୍ରାୟ ୨୦୭.୭ ଲକ୍ଷ କୋଟି ଓ ବୈଦେଶିକ ଋଣ




ପ୍ରାୟ ୭.୧୧ ଲକ୍ଷ କୋଟି ଟଙ୍କା ରହିବ। ସରକାରଙ୍କ ମୋଟ ଋଣର ସିଂହଭାଗ ଆଭ୍ୟନ୍ତରୀଣ ହୋଇଥିବାବେଳେ ଏହା ବଣ୍ଡ ଏବଂ ଟ୍ରେଜେରୀ ବିଲ୍ ମାଧ୍ୟମରେ ଘରୋଇ ବଜାରରୁ ସଂଗ୍ରହ କରାଯାଇଥାଏ।ତେବେ ଋଣ ପରିମାଣ ଅଧିକ ଜଣାପଡୁଥିଲେ ମଧ୍ୟ ଜିଡିପି ତୁଳନାରେ ଏଥିରେ ସାମାନ୍ୟ ସୁଧାର ଆସିଛି। ଋଣ-ଜିଡିପି ଅନୁପାତ ୨୦୨୬-୨୭ ବର୍ଷ ପାଇଁ ୫୫.୬ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ପୂର୍ବ ବର୍ଷ ଏହା ୫୬.୧ ପ୍ରତିଶତ ଥିବାରୁ ୨୦୨୫-୨୬ରେ ଏହାଠାରୁ କମ୍ ଅନୁପାତ ରହିଛି। ସରକାର ଆସନ୍ତା ୨୦୩୦ ସୁଦ୍ଧା ଏହି ଅନୁପାତକୁ ୫୦ ପ୍ରତିଶତକୁ ହ୍ରାସ କରିବା ଲକ୍ଷ୍ୟ ରଖିଛନ୍ତି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଯତରା ମହୋତ୍ସବରେ ସମ୍ମାନିତ ହେଲେ ଲିପ୍ସା ଷଡଙ୍ଗୀ



**ସୁନ୍ଦରଗଡ଼,୧୧।୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଯାତ୍ରା ପଡ଼ିଆରେ ୮ ତାରିଖରୁ ଯତରା ମହୋତ୍ସବ ଆରମ୍ଭ ହୋଇ ଯାଇଛି । ଏହି ଅବସରରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମର ଲିପ୍ସା ଷଡ଼ଙ୍ଗୀଙ୍କୁ ୧୦ ତାରିଖ ଦିନ ଯତରା ମହୋତ୍ସବରେ ଅତିଥି ମାନଙ୍କ ଦ୍ଵାରା ମାନପତ୍ର,ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ମାନିତ କରାଯାଇଛି । ସେ ଷଷ୍ଠ ଶ୍ରେଣୀ ପଢୁଥିବା ସମୟରୁ ମାର୍ଶଲ ଆର୍ଟ କ୍ରୀଡ଼ାରେ ଅଭ୍ୟାସ ଜାରି ରଖିଥିଲେ । ପରେ ଉଷୁ, ବକ୍ସିଂ, କିକ୍ ବକ୍ସିଂ, କରାଟେ , ପେଞ୍ଚକ ସିଲଟ କ୍ରୀଡ଼ାରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଷୁ ଖେଳରେ ଜାତୀୟ ସ୍ତରରେ ରୌପ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗର୍ବ ଆଣିଥିଲେ । ସେ ଏକା ଧାରରେ ଜଣେ ଜାତୀୟ ସ୍ତରୀୟ ଖେଳାଳି, ରାଜ୍ୟ ସ୍ତରୀୟ କୋଚ୍ ଓ ରେଫରୀ ଦାୟୀତ୍ଵ ମଧ ତୁଲାଉଛନ୍ତି । ତାଙ୍କର ପାରଦର୍ଶିତାକୁ ଜିଲ୍ଲା ପ୍ରଶାସନ ତରଫରୁ ଚୟନ କରି ସମ୍ବର୍ଦ୍ଧିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଲିପ୍ସା ଷଡଙ୍ଗୀ ଧନ୍ୟବାଦ ଜଣାଇଛନ୍ତି ।

## ସିନ୍ଧିବାହାଲୀରେ ଭିବି-ଜି ରାମ ଜି ସଚେତନତା ବୈଠକ



**ଲାଞ୍ଜିଗଡ଼,୧୧।୨ (ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ୨୦୦୫(ମନରେଗା) ହେଉଛି ଭାରତ ସରକାରଙ୍କ ଦ୍ଵାରା ପ୍ରଣିତ ଏକ ଗୁରୁତ୍ଵପୂର୍ଣ୍ଣ ଆଇନ।ଯାହା ଗ୍ରାମାଞ୍ଚଳରେ ଲୋକଙ୍କ ଜୀବିକା ସୁରକ୍ଷା ପାଇଁ କାର୍ଯ୍ୟ କରେ। ମନରେଗା ଆଇନ ୨୦୦୫ର ମୁଖ୍ୟ ବିଶେଷତା କର୍ମନିଯୁକ୍ତିର ଗ୍ୟାରେଣ୍ଟି।ପୂର୍ବରୁ ଗ୍ରାମାଞ୍ଚଳର ପ୍ରତି ପରିବାରକୁ ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୧୦୦ ଦିନ ପାଇଁ କାର୍ଯ୍ୟ ଯୋଗାଇଦେବାର ବ୍ୟବସ୍ଥା ରହିଥିବାବେଳେ ତାହାକୁ ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ(ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟିଃ ଭିବି-ଜୀରାମଜୀ ଅଧିନିୟମ ୨୦୨୫ ରେ ପରିବର୍ତ୍ତନ କରି ଏବେ ୧୨୫ ଦିନ ପାଇଁ କାର୍ଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି ଭାରତ ସରକାର।ଏନେଇ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ବେଡ଼ାଗାଁ ଗ୍ରାମ ପଞ୍ଚାୟତ ସ୍ଥିତ ସିନ୍ଧିବାହାଲୀ ଗ୍ରାମରେ ଭିବି-ଜୀ ରାମ ଜୀ ବିଷୟରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା।ଉକ୍ତ ବୈଠକଟି ପଞ୍ଚାୟତର ଏଡ଼ିଓ ହସ୍ତରାମ ଶବର ପରିଚାଳନା କରି ପ୍ରାଞ୍ଜଳ ଭାବେ ଉପସ୍ଥିତ ଲୋକଙ୍କୁ ବୁଝାଇଥିବାବେଳେ ଏଥିରେ ବିଏଫଟି ସୁଶାନ୍ତ ଦଣ୍ଡସେନା ସହଯୋଗ କରିଥିଲେ।ଏଥିରେ ଯନ୍ତ୍ରୀ ରଞ୍ଜନ କୁମାର ଦାସ, ସମିତି ସଭ୍ୟା ମୁନି ମାଝୀ,ଗାଁ ସାଥି ମାଧବ ମାଝୀ,ସହଦେବ ବାଗ ସମେତ ଗ୍ରାମବାସୀ ଉପସ୍ଥିତ ପ୍ରମୁଖ ରହିଥିଲେ।

## କାର୍ଗିଲ ଛକରେ କୋରେଇ ବଜରଙ୍ଗ ଦଳର ନୂତନ ଶାଖା ଖୋଲିଲା



**କୋରେଇ,୧୧।୨ (ସଂଚାର ବ୍ୟୁରୋ):** କୋରାଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଆନୁକୁଲ୍ୟରେ ଧନେଶ୍ୱର ପଞ୍ଚାୟତର କାର୍ଗିଲ୍ ଛକ ଠାରେ କୋରାଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂଯୋଜକ ବର୍ଗନ୍ ଖଲାରଙ୍କ ନେତୃତ୍ୱରେ ଏକ ନୂତନ ଶାଖା ଖୋଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଯାଜପୁର ଜିଲ୍ଲା ସୁଚନା ପ୍ରମୁଖ ଅନିଲ ଦାସ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭା ପରିଚାଳନା କରିଥିବା ବେଳେ ଯାଜପୁର ଜିଲ୍ଲା ଧର୍ମ ଜାଗରଣ ସହ ସଂଯୋଜକ ନିରଞ୍ଜନ ସାମଲ, ମୁଖ୍ୟ ବକ୍ତା ଜିଲ୍ଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟନାୟକ, ଜିଲ୍ଲା ବିଦ୍ୟାର୍ଥୀ ପ୍ରମୁଖ ଶିବ ଶଙ୍କର ଦତ, ବ୍ୟାସନଗର ସଂଯୋଜକ ସୁଶୀଲ କୁମାର ମଲ୍ଲିକ,ସମ୍ବିତଭାଇ ଯୋଗଦେଇ ହିନ୍ଦୁ ଧର୍ମ, ହିନ୍ଦୁ ରକ୍ଷା,ରାଷ୍ଟ୍ର ରକ୍ଷା, ମଠ ମନ୍ଦୀର ସୁରକ୍ଷା ଉପରେ ନୂତନ କାର୍ଯ୍ୟକର୍ତାଙ୍କ ସମ୍ମୁଖରେ ଆଲୋକପାତ୍ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଜ୍ୟ ସମ୍ପାଦକ ଅରବିନ୍ଦ ଦାସ ଯୋଗଦେଇଥିବା ବେଳେ କେନ୍ଦ୍ରାପଡ଼ା ବିଭାଗ ସହ ସଂଯୋଜକ ବାଦଲ ନାୟକ ନୂତନ ଶାଖାର ଦାୟିତ୍ଵ ଗ୍ରହଣ କରିଥିଲେ। ଏଥିରେ କୋରେଇ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ ସମେତ ବହୁସଂଖ୍ୟାର ବଜରଙ୍ଗ ପ୍ରେମୀମାନେ ଯୋଗ ଦେଇଥିଲା।

## ଅଷ୍ଟପ୍ରହରୀ ନାମଯଜ୍ଞ ନିମନ୍ତେ କଳସ ଯାତ୍ରା



**କନ୍ଧମାଳ,୧୧।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଦଳପଡା ପଞ୍ଚାୟତ ଅନ୍ତର୍ଗତ ନଗଲେଜୁ ଗ୍ରାମରେ ଆଜି ଅଷ୍ଟପ୍ରହରୀ ନାମ ଯଜ୍ଞ ନିମନ୍ତେ କଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳପଡା ପଞ୍ଚାୟତ ଅନ୍ତର୍ଗତ ନଗଲେଜୁ ଗ୍ରାମରେ ୧୧ ତାରିଖ ଠାରୁ ୧୩ ତାରିଖ ତିନି ଦିନ ଧରି ଅଷ୍ଟପ୍ରହରୀ ନାମ ଯଜ୍ଞ ସହିତ ଧର୍ମ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ଅପରାହ୍ନରେ ପାରମ୍ପରିକ ବାଜା ବାଦ୍ୟ ନୃତ୍ୟରେ ଝାମ୍ପି ତଳ ଝରଣା ଠାରୁ ପାଣି ଉଠାଇ ଗ୍ରାମ ପରିକ୍ରମା ସହିତ କୁଞ୍ଜରେ କଳସୀ ସ୍ଥାପନ ହୋଇଥିଲା।

# ଇତିହାସରେ ଲିପିବଦ୍ଧ ହୋଇଯିବ କି କଳାହାଣ୍ଡିର ଦୁଇ ଚିନିକଳ



ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ବାଟବଣା

**କଳାହାଣ୍ଡି,୧୧।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ର ଗୌଡ଼ସର୍ଗିଗୁଡ଼ା ଓ ଭବାନୀପାଟଣା ସରକାରୀ ଆଇଟିଆଇ ନିକଟରେ ଘରେଇ ଉଦ୍ୟମରେ ୨ଟି ଚିନିକଳ ପ୍ରତିଷ୍ଠା ହୋଇଥିଲା । ଭବାନୀପାଟଣା ଚିନିକଳ ୧୯୭୭ରୁ ବନ୍ଦ ହୋଇଥିବା ବେଳେ ଗୌଡ଼ ସର୍ଗିଗୁଡ଼ା ଚିନିକଳ ୨୫ବର୍ଷ ହେଲା ବନ୍ଦ ହୋଇ ରହିଛି। ଯାହା ଏବେ ଇତିହାସରେ ଲିପିବଦ୍ଧ ହେବାକୁ ବସିଲାଣି। ଫଳରେ ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପର ବିକାଶ ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଏବେ ବାଟବଣା ହୋଇଥିବା ଆଲୋଚନା ହେଉଛି ।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାର କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ୧୯୯୪ରେ ଜୁନାଗଡ଼ ବ୍ଲକ ଗୌଡ଼ସର୍ଗିଗୁଡ଼ାରେ ଜାତୀୟ ରାଜପଥ ୨୬ କଡ଼ରେ କୃଷିଭିତ୍ତିକ ଏକ ଚିନିକଳ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ମହାରାଷ୍ଟ୍ରର ଏକ କମ୍ପାନୀ ପଶ୍ଚିମ ଓଡ଼ିଶା ସୁଗାର ଓ କେମିକାଲ ଲିମିଟେଡ଼ ଦ୍ୱାରା ଏହା ପରିଚାଳନାଗତ ହେଉଥିଲା । ତେବେ ପରିଚାଳନା ଗତ ତ୍ରୁଟି ଯୋଗୁଁ କମ୍ପାନୀ ଦେବାଳିଆ ହେବା ସହ ୭ ବର୍ଷ ପରେ ଅର୍ଥାତ ୨୦୦୧ରେ ବନ୍ଦ ହୋଇଯାଇଥିଲା। ଏହାଦ୍ୱାରା ଶତାଧିକ ଲୋକ ଜୀବିକା ହରାଇବା ସହ ଜିଲ୍ଲାର ଆଖୁଚାଷ ବିଶେଷ ପ୍ରଭାବିତ ହୋଇଥିଲା । କମ୍ପାନୀରେ ତାଲା ପଡ଼ିବା ଫଳରେ ଚୋରମାନଙ୍କ ଭୂସ୍ୱର୍ଗ ପାଲଟିଥିଲା। ଏଥିରେ ଲାଗିଥିବା ମୂଲ୍ୟବାନ ଜିନିଷ ଚୋରି ହୋଇ ଶ୍ରୀହୀନ ଅବସ୍ଥାରେ ପଡି ରହିଛି। ଏହି ଚିନିକଳ ୨୫ ବର୍ଷ ହେଲା ବନ୍ଦ ପଡିଥିବା ବେଳେ ଏହାର ପୁନଃରୁଦ୍ଧାର କଲେ ଜିଲ୍ଲାର ଆଖୁଚାଷୀ ଉପକୃତ ହେବା ସହ ଶିକ୍ଷିତ ବେକାର ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସେହିପରି ଭବାନୀପାଟଣା ସହର ସରକାରୀ ଆଇଟିଆଇ ନିକଟରେ ଥିବା ଚିନିକଳ କଳାହାଣ୍ଡି ମହରାଜା ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ୧୯୬୫ରେ ସ୍ଥାପନ କରାଯାଇଥିଲା । ଏହା ୧୯୭୦ ପର୍ଯ୍ୟନ୍ତ ଠିକ ଭାବରେ ଚାଲିଥିବା ବେଳେ ୧୯୭୭ରେ ବନ୍ଦ ହୋଇଗଲା । ଫଳରେ କଳାହାଣ୍ଡିର ଆଖୁଚାଷୀଙ୍କୁ ନିରାଶ ହେବାକୁ ପଡିଥିଲା । ଜିଲ୍ଲାର ଆଖୁ ଚାଷୀ କଳାହାଣ୍ଡି ଓ ବଲାଙ୍ଗୀର ଦେଓଗାଁ ଚିନିକଳକୁ ମଧ ଆଖୁ ଯୋଗାଉଥିଲେ। ଏହି ଚିନିକଳ ବନ୍ଦ ହେବା ପରେ ଆଖୁଚାଷୀ ପୁନର୍ବାର ନିରାଶ ହୋଇଛନ୍ତି । ବର୍ତ୍ତମାନ ଆଖୁ ଉତ୍ପାଦନ ବୃଦ୍ଧି ହୋଇଥିବା ବେଳେ ଏହାକୁ ବିକ୍ରି ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ସରକାରଙ୍କ ତରଫରୁ ଠୋସ ପଦକ୍ଷେପ ନନେଲେ ପୁଣି ଆଖୁଚାଷୀ ବାଟ ହୁଡ଼ିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମୀକ୍ଷା

### ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟ

**ବାରିପଦା,୧୧।୨ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରି ମୋହନ ଚନ୍ଦ୍ର ପୁରୁଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ।





ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ୩୦ ଦିନ ମଧରେ ହେବ ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ। ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ଲଗଇନ କରି ନିଜ ତଥ୍ୟ ଅପଲୋଡ଼ କରି ଆତ୍ମ ଗଣନା କରିପାରିବେ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଆତ୍ମ ଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ଆସନ୍ତା ୨୦୨୭ ମସିହା ଫେବୃଆରୀ ୯ ତାରିଖ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ୧ ମାର୍ଚ୍ଚ ରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ତତ ସହିତ ଏହି ଜନଗଣନା କାର୍ଯ୍ୟର ସବୁଠାରୁ ଗୁରତ୍ଵପୂର୍ଣ୍ଣ ବିଷୟ ହେଉଛି ଏହାର ସମସ୍ତ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ରେଖା ଏବଂ ସମୟ ଅବଧି ମଧରେ ସମ୍ପୂର୍ଣ୍ଣ ହେବ। ତେଣୁ ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ସହଯୋଗ କାମନା କରିଥିଲେ।

## ପ୍ରେରଣା ଲେଡିଜ୍ କ୍ଲବ୍ ଦ୍ୱାରା 'ଇନ୍ଦ୍ରଧନୁଷ ମେଳା' ଆୟୋଜିତ





**ସୁନ୍ଦରଗଡ଼,୧୧।୨ (ସଂଚାର ବ୍ୟୁରୋ):** ଏନଏମଏଲ୍ ଦୁଲଙ୍ଗାର ପ୍ରେରଣା ଲେଡିଜ୍ କ୍ଲବ୍ ଦ୍ୱାରା ଶୁଭ୍ରଜ୍ୟୋତି ନଗର ଟାଉନସିପ୍‌ରେ ୨୦୨୬ ଫେବୃଆରୀ ୮ ଓ ୯ ତାରିଖରେ ବାର୍ଷିକ "ଇନ୍ଦ୍ରଧନୁଷ ମେଳା" ସଫଳତାର ସହିତ ଆୟୋଜନ କରାଯାଇଥିଲା। ଦୁଇ ଦିନିଆ ଏହି ମେଳା ସମଗ୍ର ଟାଉନସିପ୍‌କୁ ରଙ୍ଗ, ସଂସ୍କୃତି ଓ ସାମୁଦାୟିକ ସମନ୍ୱୟର ଉତ୍ସବରେ ପରିଣତ କରିଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଯୁକ୍ତ ମହିଳା ସମିତିର ବରିଷ୍ଠ ସଦସ୍ୟା ମୀନାକ୍ଷୀ ଶ୍ରୀବାସ୍ତବ ଏବଂ ମହାନ ଅତିଥି ଭାବେ ସ୍ୱୟଂସିଦ୍ଧା ଲେଡିଜ୍ କ୍ଲବ୍‌ର ଅଧକ୍ଷା ପୁନମ୍ ଜୈନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆୟୋଜନକାରୀ ଭାବେ ବ୍ରିଜ୍ ରାଜ ପ୍ରସୂନ, ପ୍ରକଳ୍ପ ପ୍ରମୁଖ, ଏନଏମଏଲ୍ ଦୁଲଙ୍ଗା ଏବଂ କବିତା ସକ୍ସେନା, ଅଧକ୍ଷା, ପ୍ରେରଣା ଲେଡିଜ୍ କ୍ଲବର ଥିଲେ।

ଏହି ଉଦଘାଟନୀ କାର୍ଯ୍ୟକ୍ରମ ସମଗ୍ର ମେଳାକୁ ଉତ୍ସାହ ଓ ଆନନ୍ଦର ମାହୋଲରେ ପରିଣତ କରି, ସଦସ୍ୟ, ପରିବାରବର୍ଗ ଓ ଅତିଥିମାନଙ୍କୁ ଏକତାର ସୂତ୍ରରେ ବାନ୍ଧିଥିଲା।ମେଳାରେ ବିଭିନ୍ନ ପ୍ରକାରର ଷ୍ଟଲ୍ ଥିଲା, ଯାହା ଆୟୋଜନକୁ ଆହୁରି ଆକର୍ଷଣୀୟ କରିଥିଲା। ପ୍ରେରଣା ଲେଡିଜ୍ କ୍ଲବ୍ ସଦସ୍ୟାମାନଙ୍କ ଦ୍ୱାରା ଲଗାଯାଇଥିବା ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ୍ ମେଳାର ମୁଖ୍ୟ ଆକର୍ଷଣ ଥିଲା।

## ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ





**ଲାଞ୍ଜିଗଡ,୧୧।୨ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୯୦ତମ ପ୍ରତିଷ୍ଠା ଦିବସ ପାଳିତ ହେବା ସହିତ ଲାଞ୍ଜିଗଡ ବ୍ୟାଙ୍କ ଶାଖାର ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହୋଇ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଲାଞ୍ଜିଗଡ଼ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ପରିଚାଳକ ପ୍ରଭିନ କୁମାର ନାଲାନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ଯୋଗଦେଇଥିବା ବେଳେ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ବରିଷ୍ଠ ଆଞ୍ଚଳିକ ପରିଚାଳକ ଖୁରଶିଦ ରବାନି,ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ କୃଷି ପରିଚାଳକ ଅର୍ଚ୍ଚନା ପାଢ଼ୀ,ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ଆଞ୍ଚଳିକ ସୁରକ୍ଷା ସୁରକ୍ଷା ଅଧିକାରୀ ମୀନକେତନ ବେହେରା,ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ପରିଚାଳକ ଜିଏଡ଼ି ଆନନ୍ଦ କୁମାର ମଲ୍ଲିକ, ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ପରିଚାଳକ ପ୍ରଭିନ କୁମାର ନାଲାନି, ବେଦାନ୍ତ ଲିମିଟେଡ଼ ବାହ୍ୟବ୍ୟାପାର ବିଭାଗ ପ୍ରବୀଣ ଦାସ, ଭଗବାନ ହୋତା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ବ୍ୟାଙ୍କର ୯୦ତମ ପ୍ରତିଷ୍ଠା ଦିବସ ପରିପେକ୍ଷୀରେ ବ୍ୟାଙ୍କର ଋଣ ମେଳା ଅବସରରେ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବ୍ୟାଙ୍କ ଗୁଡ଼ିକୁ ୧ କୋଟି ୫୦ ଲକ୍ଷ ମଞ୍ଜୁର କରିଥିବା ବେଳେ ଲାଞ୍ଜିଗଡ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ତରଫରୁ ୧୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ମୋଟ ୫୦ ଲକ୍ଷର ଋଣ ପ୍ରଦାନ କରାଯାଇଥିଲା । ଏହି ପରିପେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ଜଣ ଲାଭାର୍ଥି ମହିଳା ମାନଙ୍କୁ ବ୍ୟାଙ୍କ ତରଫରୁ ମାଗଣାରେ ସିଲେଇ ମେସିନ ପ୍ରଦାନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ସୁବର୍ଣ୍ଣପୁର,୧୧।୨ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ପକ୍ଷରୁ ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ସେଣ୍ଟ ଜାଭିଅର ବିଦ୍ୟାଳୟ, ଶରଧାପାଲି ଠାରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶ ନିଜ ହାତରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଔଷଧ ଖୁଆଇ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧକ୍ଷା ନାଇକେନପାଲି ଡ଼ା. ପୂଜାଶ୍ରୀ ମିଶ୍ର, ଏଡିପିଏଚ୍‌ସିଓ ବୃନ୍ଦାବନ ସାହୁ ଓ ବିଦ୍ୟାଳୟର ନିର୍ଦ୍ଦେଶକ ଡ଼ .ଅରୁଣ କୁମାର ରଥଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ସିଓ (ଡିସି) ଡ଼ .ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏମ୍ ରୂପକ କୁମାର ମହାପାତ୍ର, ଏଏମ୍‌ସିପି ତରଣୀସେନ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ନାଇକେନପାଲି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସରୋଜ କୁମାର ପଟେଲ, ସ୍ୱାସ୍ଥ୍ୟ ପରିଦର୍ଶକ ସିମାଞ୍ଚଳ ଦାଶ, ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁସ୍ମିତା ସୁନା, ଶୁଭଲକ୍ଷ୍ମୀ ବାଘ, ଦୀପାଞ୍ଜଳି ଭୋଇ, ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ମାନେ ଯୋଗ ଦେଇଥିଲେ ଓ ସମସ୍ତ ଶିଶୁଙ୍କୁ କୃମି ନାଶକ ବଟିକା ନିଜର ତତ୍ତ୍ୱାବଧାନରେ ଖୁଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବା ପାଇଁ ବିଦ୍ୟାଳୟର ଅଧକ୍ଷ ଗୁପ୍ତେଶ୍ୱର ସାହୁ, ଶିକ୍ଷକ ଜୟନ୍ତ କୁମାର ସାହୁ, ସମୀର କୁମାର ଷଡ଼ଙ୍ଗୀ, ସୁରେନ୍ଦ୍ର ମଲ୍ଲିକ, ପୂର୍ଣ୍ଣିମା ପାଣିଗ୍ରାହୀ ସହଯୋଗ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭେଡେନ,୧୧।୨ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ କୁବେଡେଗା ଠାରେ ଭେଡେନ ବ୍ଲକର ଚାରି ଜଣ କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ନିକଟରେ ଅବସର ଗ୍ରହଣ କରିଥିବା ଶିକ୍ଷକମାନେ ଉତ୍ତମ କୁମାର ହୋତା, ପ୍ରଶାନ୍ତ କୁମାର ପଣ୍ଡା, କୈଳାସ ଚନ୍ଦ୍ର ବଘାର ଏବଂ ଗୁରୁଦେବ ତ୍ରିପାଠୀଙ୍କୁ ବ୍ଲକ କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସଭାରେ ସଭାପତିତ୍ୱ କରିଥିଲେ ବିଇଓ ଶ୍ରୀମାନ ମଚ୍ଛିନ୍ଦ୍ର ମଲ୍ଲିକ, ସଭା ସଂଚାଳନ କରିଥିଲେ ଜଗନ୍ନାଥ ଦାଶ, ଆବାହକ ତଥା ସଂପାଦକ ବିଜୁଳି ବତୀ ଦଲେଇ ବିବରଣୀ ପ୍ରଦାନ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ ମାନଙ୍କୁ ଉପହାର, ଅଙ୍ଗବସ୍ତ୍ର, ମାନପତ୍ର ଓ ପଗଡି ପ୍ରଦାନ କରି ସମ୍ମାନିତ କରିଥିଲେ ସଭାପତି ଶ୍ରୀମାନ ମଚ୍ଛିନ୍ଦ୍ର ମଲ୍ଲିକ, ଜନାର୍ଦ୍ଦନ ଦାଶ ଓ ଭେଡେନ ନୋଡାଲ ପ୍ରଧାନଶିକ୍ଷକ ଶ୍ରୀ ରଞ୍ଜନ କୁମାର ନାୟକ। ଏହି ସଭାରେ ବିଦ୍ୟାଳୟ ସମସ୍ତ ଶିକ୍ଷକଗଣ ସହଯୋଗ କରି ସଭାକୁ ସଫଳ କରିଥିଲେ ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

## ଦୂର ଓ ଅନଲାଇନ୍ ଶିକ୍ଷାରେ ଦ୍ୱୈତ ଡିଗ୍ରୀ ସୁଯୋଗ

**ବାରିପଦା,୧୧।୨ (ସଂଚାର ବ୍ୟୁରୋ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦୂର ଓ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାରେ ଅନ୍ୟ ନିୟମିତ ବିଭାଗରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଦ୍ୱୈତ ଡିଗ୍ରୀ ହାସଲ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶ କରାଯାଇଛି।

ଏହି ବ୍ୟବସ୍ଥା ଅନୁଯାୟୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ। ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏକକାଳୀନ ଦୁଇଟି ଶିକ୍ଷାଗତ କାର୍ଯ୍ୟକ୍ରମରେ ଅଧ୍ୟୟନ କରିପାରିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ୫୦% ରିହାତିର ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି। ଦୂର ଓ ଅନ ଲାଇନ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଉଚ୍ଚଶିକ୍ଷାକୁ ମାଗଣା, ଅନ୍ତର୍ଭୁକ୍ତ ଏବଂ ପରିବର୍ତ୍ତନକାରୀ କରିବା ପାଇଁ "ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ" ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଇଛି ଯାହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଆର୍ଥିକ ପ୍ରତିବନ୍ଧକ ବିନା ଶିଖିବା, ବୃଦ୍ଧି ପାଇବା ଏବଂ ସଫଳ ହେବାର ସୁଯୋଗ ପାଇବେ।

ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ (ୟୁଏଲ୍‌ଏମ) ଯୋଜନା ଅଧୀନରେ ସ୍ନାତକ ଓ ସ୍ନାତକୋତ୍ତର ଯୋଗ୍ୟତା ଆଧାରରେ ସଂରକ୍ଷଣ ବର୍ଗ (ଏସସି ଏବଂ ଏସଟି-୩%), ଦିବ୍ୟାଙ୍ଗ (୧%) ଏବଂ ସମଲିଙ୍ଗୀଙ୍କୁ(୧%) ସର୍ବମୋଟ୍ ୫% ମାଗଣା ପ୍ରବେଶ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନା ଫେବୃଆରୀ ୨୦୨୬ ଅଧିବେଶନରୁ କାର୍ଯ୍ୟକାରୀ ହେଉଛି।

## ବାଲିକୁଦା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ





**ବାଲିକୁଦା,୧୧।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ବାଲିକୁଦା ମହାବିଦ୍ୟାଳୟ ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।ଏହି କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ କୃଷ୍ଣ ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ତରାଇ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜୀବନରେ କ୍ରୀଡାର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରାଇଥିଲେ। ପ୍ରାରମ୍ଭରେ ମା ଥାନପତୀଙ୍କ ପୀଠରୁ କ୍ରୀଡା ଜ୍ୟୋତିକୁ ଯଥାବିଧି ପୂର୍ବକ ଅଣାଯାଇ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସ୍ଥାପନା କରାଯିବା ପରେ,ଏହି ବାର୍ଷିକ କ୍ରୀଡା ମହାକୁମ୍ଭର ଅୟମାରମ୍ଭ ହୋଇଥିଲା। ଏହି କ୍ରୀଡା ଉତ୍ସବରେ ବାଲିକୁଦା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ପରିଶେଷରେ ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ପୁରସ୍କାର ଦେଇ ମହାବିଦ୍ୟାଳୟ ପକ୍ଷରୁ ସାମ୍ମାନୀତ କରାଯାଇଥିଲା।

## ସୋନପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

**ସୁବର୍ଣ୍ଣପୁର,୧୧।୨ (ସଂଚାର ବ୍ୟୁରୋ):** ସୋନପୁର କଲେଜ ଠାରେ କଲେଜର ବାର୍ଷିକ ଉତ୍ସବ ୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗ ଦେଇ ସୋନପୁର କଲେଜ ଠାରେ ପିଜି ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାର ଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ଓ କଲେଜର ପୁରୁଣା କୋଠା ଗୁଡିକର ଯତ୍ନ ନେବା ସହ ଏହାର ଆଧୁନିକ କରଣ ପାଇଁ ଅନୁଦାନ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ କଲେଜର ସଭା ମଞ୍ଚ ଆଗରେ ଫେବରବ୍ଲକ୍ ପକାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର କଲେଜ ର ଅଧକ୍ଷ ରାଧାକାନ୍ତ ନାଏକ, ଛାତ୍ର ସଂସଦ ଉପଦେଷ୍ଟା ତଥା ଅଧାପକ ହରିଶଙ୍କର ମିଶ୍ର ଓ ଅଧାପକ ସୌରଭ ରଞ୍ଜନ ଖମାରୀ, ସାଂସ୍କୃତିକ ସଂସଦର ଉପ ସଭାନେତ୍ରୀ ଚନ୍ଦ୍ରକାନ୍ତି ବିଶ୍ୱାଳ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। +୨ ବିଭାଗର ଓଡ଼ିଶା ଟପ୍ପର ଛାତ୍ରଙ୍କୁ ସ୍ୱର୍ଗତ ଶ୍ୟାମସୁନ୍ଦର ମିଶ୍ର ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲ।





# ଉଦ୍‌ଯାପିତ ହେଲା କୁମାରଗୁଡ଼ା ବୁଢ଼ାରଜା ମହୋତ୍ସବ

### ଓଡ଼ିଆ ଅଭିନେତ୍ରୀ ଶିବାନୀଙ୍କ ଜଲୱାରେ ଦୁଲୁକିଲା ମଞ୍ଚ, ଦର୍ଶକ ହେଲେ ବିଭୋର୍





**ଲାଞ୍ଜିଗଡ଼,୧୧।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁମାରଗୁଡ଼ା ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନ ତଥା ଅଞ୍ଚଳର ବହୁ ପ୍ରତିକ୍ଷୀତ ବୁଢ଼ାରଜା ଦେବଙ୍କ ବାର୍ଷିକ ବୁଢ଼ାରଜା ମହୋତ୍ସବ ବୁଧବାର ମହା ସମାରୋହରେ ଉଦଯାପିତ ହୋଇଯାଇଛି।

ଉକ୍ତ ଉତ୍ସବ ଫେବୃଆରୀ ୦୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିଦିନ ଦର୍ଶକଙ୍କ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେକର୍ଡ଼ ଡ୍ୟାନ୍ସ, ଲୋକ ନୃତ୍ୟ, ଅରକେଷ୍ଟା, ଗୀତିନାଟ୍ୟ ସମେତ ଓଡ଼ିଶାର ସୁନାମଧନ୍ୟ ହାସ୍ୟ ଅଭିନେତା ହରିହର ମହାପାତ୍ର ଓ ଓଡ଼ିଆ ଚଳଚିତ୍ରର ଅଭିନେତ୍ରୀ ଶିବାନୀ, ସମ୍ବଲପୁରୀ କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଭଳି ଅନେକ କଳାକାର ତଥା ସିନେତାରକା ଯୋଗଦେଇଥିଲେ।ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଦର୍ଶକଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

ଉକ୍ତ ଉଦଯାପିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝୀ ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜୋନ ୨-ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ,ଲାଞ୍ଜିଗଡ଼ କଂଗ୍ରେସ ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ, ପ୍ରଦୀପ ମାଝୀ, ପିଇଡବ୍ଲୁ ମେଡ଼ିଆ ଏସୋସିଏସନ କାର୍ଯ୍ୟକାରୀ ସଭାପତି ସନ୍ତୋଷ ତୁଳ, ଯୁବ ସାମ୍ବାଦିକ ତୁଳସୀରାମ ପ୍ରଧାନୀ, ମଳୟ ବେନୁଆଁ, ଦେବାନନ୍ଦ ମାଝୀ, ପ୍ରଦାନ ମାଝୀ ପ୍ରମୁଖ ମଞ୍ଚରେ ମଞ୍ଚାସିନ ଥିଲେ। ଏଥିରେ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ସମସ୍ତ ସଦ୍ୟସ ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

ସଂଚାର SANCHAR ଗୁରୁବାର ୧୨ ଫେବୃଆରୀ ୨୦୨୬

# ସ୍ୱାସ୍ଥ୍ୟ






# ଆୟୁର୍ବେଦିକ ଉପାୟରେ ଶରୀରରୁ ବାହାରିଯାଏ ଅପରିଷ୍କାର ପଦାର୍ଥ



ଆୟୁର୍ବେଦ ସହ ଭାରତର ବିଶେଷ ସଂପର୍କ ରହିଛି। ଆଜିର ଆଧୁନିକ ଦୁନିଆରେ ଲୋକେ ଆୟୁର୍ବେଦିକ ଓ ନ୍ୟାଚୁରାଲ ଉପାୟକୁ ପୁନର୍ବାର ଆପଣାଉଛନ୍ତି। ଅନେକ ବର୍ଷ ପୂର୍ବରୁ ଦେଶରେ ଅନେକ ରୋଗର ଚିକିତ୍ସାରେ ଆୟୁର୍ବେଦିକ ଚିକିତ୍ସାର ସାହାଯ୍ୟ ନିଆ ଯାଉ ଥିଲା। ସମୟାନୁସାରେ ଏଲୋପାଥି ଲୋକପ୍ରିୟ ହେଲା , ଆୟୁର୍ବେଦ ମଧ୍ୟ ଅନନ୍ୟ ଗୁରୁତ୍ୱ ବଜାୟ ରଖିଲା। ଏମିତି ଭାବେ ଏବେ ଲୋକେ ସୁସ୍ଥ ରହିବାର ଆଧୁନିକ ଉପାୟରେ ଆୟୁର୍ବେଦର ସାହାଯ୍ୟ ମଧ୍ୟ ନିଅନ୍ତି। ଏଠାରେ ଆମେ ବଡ଼ି ଡିଟକ୍ସ ଓ ଆୟୁର୍ବେଦିକ ଚିକିତ୍ସାକୁ ଏକାଠି ବ୍ୟବହାର କରିବା କଥା ଆଲୋଚନା କରିବା। ଆୟୁର୍ବେଦ କହେ ଆମ ଶରୀର ନିଜେ ଟକ୍ସିନ୍ସ ଅର୍ଥାତ୍ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଦିଏ । ଏହାକୁ ଡିଟକ୍ସିଫିକେସନ କୁହାଯାଏ।

ଡିଟକ୍ସିଫିକେସନ ପାଇଁ ଫାଷ୍ଟିଂ, ଜୁସ୍ ପିଇବା, ଡାଇଟ୍‌ର ବିଶେଷ ଧ୍ୟାନ, ଜଡ଼ିବୁଟି ଓ କୋଲନ ଥେରାପୀ ଭଳି ଅନେକ ଉପାୟର ସାହାଯ୍ୟ ନିଆଯାଏ। ଏକ୍ସପର୍ଟଙ୍କ ମାଧ୍ୟମରେ ଜାଣନ୍ତୁ ଯେ, ଆପଣ କେଉଁ କେଉଁ ଆୟୁର୍ବେଦିକ ଉପାୟରେ ଶରୀରକୁ ନ୍ୟାଚୁରାଲୀ ଡିଟକ୍ସ କରିପାରିବେ ? ଏନଆଇଏଚ୍ ମୁତାବିକ ଡିଟକ୍ସିକେଶନ ପାଇଁ ଡାଇଟ୍ ଓ ଥେରାପିର ବ୍ୟବହାର କରାଯାଏ , ଯାହାକୁ ଡିଟକ୍ସ ଓ କ୍ଲିଞ୍ଜେସ୍ କୁହାଯାଏ। ଏହି ପ୍ରକ୍ରିୟାରେ ଶରୀରରୁ ନିର୍ଗତ ହେଉଥିବା ଟକ୍ସିନ୍ସ ସହଜରେ ବାହାରକୁ ଆସେ। ଏହା ବ୍ୟତୀତ ଓଜନ ହ୍ରାସ କରିବା ଓ ସୁସ୍ଥ ରହିବା ଭଳି ଆହୁରି ଫାଇଦା ମଧ୍ୟ ମିଳିଥାଏ। ଆମେରିକାର ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି)ର କହିବାନୁସାରେ , କିଛି ବିଶେଷ ଓ ଗୁରୁତର ମାମଲାରେ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବା ପାଇଁ କିଲେସନ ଥେରାପୀର ସୁପାରିଶ କରାଯାଏ। ସାର୍ଟିଫାଇଡ୍ ଯୋଗା ଇନଷ୍ଟ୍ରକ୍ଟର କାମ୍ୟା ଇନଷ୍ଟାରେ ଭିଡ଼ିଓ ସେୟାର କରି କହିଛନ୍ତି ଯେ, ଶରୀରକୁ କେମିତି ପ୍ରାକୃତିକ ଉପାୟରେ ଡିଟକ୍ସ କରିପାରିବା। ଡାକ୍ତର କାମ୍ୟା ମଳାସନ , ତେଲ ମାଲିସ୍ , ଅଏଲ ପୁଲିଂ, ହେଭି ଲଞ୍ଚ, ସଠିକ୍ ସମୟରେ ଶୋଇବା ଓ ଫାଷ୍ଟିଂ ଭଳି ଆୟୁର୍ବେଦିକ ଉପାୟ ଗୁଡ଼ିକୁ ଆପଣାଇବାକୁ ପରାମର୍ଶ ଦେଇଛନ୍ତି।

ମଳାସନ କରି ଗରମ ପାଣି ପିଇବା: ଆୟୁର୍ବେଦ ଓ ଯୋଗ ଉଭୟ ହିଁ ବର୍ଷ ବର୍ଷ ଧରି ସୁସ୍ଥ ରହିବାର ସବୁଠୁ ସହଜ ମାଧ୍ୟମ ହୋଇ ରହିଛି। ପ୍ରତିଦିନ ସକାଳେ ଖାଲି ପେଟରେ ମଳାସନ ଅଭ୍ୟାସ କରିବା ସମୟରେ ଉଷୁମ ପାଣି ପିଇବା ଦ୍ୱାରା ପେଟ, ଯକୃତ ଏବଂ କିଡନୀ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ସ୍ୱାସ୍ଥ୍ୟରେ ଉନ୍ନତି ହୁଏ। ପ୍ରତିଦିନ ଅଭ୍ୟାସ କଲେ, ଏହା ସ୍ୱାଭାବିକ ଭାବରେ ଶରୀରକୁ ବିଷମୁକ୍ତ କରେ ଏବଂ ଅନେକ ଲାଭ ପ୍ରଦାନ କରେ।

ତେଲ ମାଲିସ: ଆୟୁର୍ବେଦରେ ଏହାକୁ ଅଭ୍ୟଙ୍ଗ କହାଯାଏ ,ଯାହା ପ୍ରାକୃତିକ ଶରୀରର କଠିନତା ଏବଂ ଥକାପଣକୁ ପ୍ରାକୃତିକ ଭାବେ ହ୍ରାସ କରେ। ତେଲର ମାଲିସ ରକ୍ତ ସଞ୍ଚାଳନକୁ ବଢ଼ାଇ ଥାଏ। ଚର୍ମକୁ ଚମକ ଦେବାରେ ମଧ୍ୟ ସାହାଯ୍ୟ କରେ। ଯଦି କେହି ବାତ ଦୋଷରେ ପୀଡିତ, ତେବେ ଶୀତଦିନେ ମାଲିସ ଦ୍ୱାରା ଆରାମ ମିଳି ପାରିବ।

ମଧ୍ୟାହ୍ନରେ ଭଲ ଭୋଜନ କରିବା: ଆୟୁର୍ବେଦ ଅନୁସାରେ, ମଧ୍ୟାହ୍ନ ସମୟରେ ଆମର ପାଚନ ଶକ୍ତି ସବୁଠାରୁ ଶକ୍ତିଶାଳୀ ଥାଏ। ଭାରୀ ବା ଭଲଭାବେ ମଧ୍ୟାହ୍ନ ଭୋଜନ ଖାଇବା ଦ୍ୱାରା ସାରା ଦିନ ଶକ୍ତି ମିଳିଥାଏ। ଏହା ଏସିଡିଟି ଏବଂ ଗ୍ୟାସ୍ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ। ଆୟୁର୍ବେଦ ଅନୁସାରେ, ପେଟ ପୂରା ଭୋଜନ କରିବା ଦ୍ୱାରା ଆପଣଙ୍କ ସଠିକ୍ ଭାବେ ଖାଦ୍ୟ ହଜମ କରେ, ଏହିପରି ଆପଣଙ୍କ ଲିଭର ଏବଂ କିଡନୀ ଠିକ୍‌ରେ ବିଷାକ୍ତ ପଦାର୍ଥ (ଟକ୍ସିନ୍ସ)କୁ ବାହାର କରି ପାରେ।

ଠିକ୍ ସମୟରେ ଶୋଇବା: ଆୟୁର୍ବେଦ ଠିକ୍ ସମୟରେ ଶୋଇବାକୁ ପରାମର୍ଶ ଦିଏ। କାରଣ ଏହା ପ୍ରାକୃତିକ ରିପେୟାରିଂ ପ୍ରକ୍ରିୟା ସକ୍ରିୟ ହୁଏ। ହର୍ମୋନ ସନ୍ତୁଳନକୁ ଉନ୍ନତ କରେ ଏବଂ ମାନସିକ ଚାପକୁ ହ୍ରାସ କରେ। ଏହା ବ୍ୟତୀତ, ଆପଣ ଯେବେ ଭଲ ନିଦ ଯାଇ ଶେଯରୁ ଉଠିଥାନ୍ତି ତ ଶରୀରକୁ ସତେଜ କରି ଥାଏ।

ଫାଷ୍ଟିଂ ଅର୍ଥାତ୍ ଉପବାସ ରହିବା: ଯୋଗ ଏବଂ ଉପବାସର ଆୟୁର୍ବେଦରେ ବିଶେଷ ମହତ୍ତ୍ୱ ରହିଛି। ଉପବାସରେ ଆମେ ଭୋକରେ ରହିବା ସହ ଏହା ପ୍ରାକୃତିକ ଭାବରେ ଶରୀରକୁ ବିଷମୁକ୍ତ (ଡିଟକ୍ସିଫାଏ) କରିଥାଏ। ଆୟୁର୍ବେଦରେ କୁହାଯାଇଛି ଯେ ଯେତେବେଳେ ଆପଣ ଉପବାସ କରନ୍ତି, ଶରୀର ନିଜକୁ ସଫା ଏବଂ ସନ୍ତୁଳିତ କରିବା ଆରମ୍ଭ କରେ। ଏହା ଶରୀରରେ ଅଗ୍ନି ଉପାଦାନକୁ ଶକ୍ତିଶାଳୀ କରିଥାଏ, ବିଷାକ୍ତ ପଦାର୍ଥର ଜମାକୁ ହ୍ରାସ କରିଥାଏ। ପ୍ରକୃତରେ, ବଦହଜମୀ କିମ୍ବା ଅପାଚ୍ୟ ଖାଦ୍ୟ ଯୋଗୁଁ ହେଉଥିବା ବିଷାକ୍ତ ପଦାର୍ଥ ଧୀରେ ଧୀରେ ଶରୀରରୁ ବାହାର ହୋଇଯାଏ। ଡକ୍ଟର କାମ୍ୟା କୁହନ୍ତି ଯେ ଏହି ଆୟୁର୍ବେଦିକ ଅଭ୍ୟାସଗୁଡ଼ିକ ଅନେକ ଲାଭ ପ୍ରଦାନ କରେ, ଯେଉଁଥିରେ ଉନ୍ନତ ପାଚନ, ସୁଦୃଢ଼ ଅନ୍ତନଳୀ ସ୍ୱାସ୍ଥ୍ୟ, ହରମୋନ ସନ୍ତୁଳନ ଏବଂ ମେଟାବୋଲିଜିମକୁ ବୃଦ୍ଧି ଅନ୍ତର୍ଭୁକ୍ତ। ଏହା ଆପଣଙ୍କୁ ପ୍ରାକୃତିକ ଭାବରେ ଆପଣଙ୍କ ଶରୀରକୁ ସଫା କରିବାକୁ ଅନୁମତି ଦିଏ।

# ପରଫ୍ୟୁମ୍ ଲଗାଉଥିଲେ ସାବଧାନ



ସାଧାରଣତଃ ଖରାଦିନେ ଅଧିକାଂଶ ଲୋକ ପରଫ୍ୟୁମ୍ ବ୍ୟବହାର କରିଥାନ୍ତି। ଏହା ଶରୀରରୁ ଝାଳ ଗନ୍ଧ ଦୂର କରେ ସତ କିନ୍ତୁ ଅତ୍ୟଧିକ ପରଫ୍ୟୁମ୍ ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ଅଧିକ ପରଫ୍ୟୁମ୍ ବ୍ୟବହାର କଲେ କ'ଣ କ୍ଷତି ହୁଏ। ଯେକୌଣସି ସମୟ ହେବା ବା ଋତୁ ଆଜିକାଲି ପ୍ରାୟ ସମସ୍ତେ ପରଫ୍ୟୁମ୍ ଲଗାଇବାକୁ ପସନ୍ଦ କରନ୍ତି। ଏହା ସୁଗନ୍ଧିତ ହୋଇଥିଲେ ମଧ୍ୟ ଶରୀର ପ୍ରତି ବହୁ ହାନିକାରକ ହୋଇଥାଏ। ଏଥିରେ ଥିବା କେମିକାଲ ଶରୀର ପ୍ରତି ହାନିକାରକ ହେବା ସହ ତ୍ୱଚାରେ ସଂକ୍ରମଣର କାରଣ ପାଲଟିଥାଏ। ଏହାର ବ୍ୟବହାରରୁ ଅନେକଙ୍କୁ ଶ୍ୱାସ, କର୍କଟ ଏବଂ ସଂକ୍ରମଣ ଜନିତ ରୋଗ ଆଦି ହୋଇଥାଏ। ପରଫ୍ୟୁମରେ ପ୍ରାପିଲିନ୍ ଏବଂ ଗ୍ଲାୟସୋଲ୍ ଆଦି କେମିକାଲ ରହିଥାଏ। ଏହି ଦୁଇ ରସାୟନ ଶରୀରରେ ସଂକ୍ରମଣର ମୁଖ୍ୟ କାରଣ ହୋଇଥାଏ। ଆପଣ ବୋଧ ହୁଏ ଜାଣିନଥିବେ କିନ୍ତୁ ଏହା ଦ୍ୱାରା କିଡ଼ନି ଖରାପ ହେବା ସମସ୍ୟା ମଧ୍ୟ ଉପୁଜିଥାଏ। ଏହା ଛଡ଼ା ଡ଼ିଓ ବା ପରଫ୍ୟୁମକୁ ଆଣ୍ଟିବ୍ୟାକ୍ଟେରିଆଲ କରିବା ପାଇଁ ଟ୍ରାଇକ୍ଲୋସନ ନାମକ କେମିକାଲ ବ୍ୟବହାର କରାଯାଇଥାଏ। ଏହି କେମିକାଲ ଶରୀରରେ ଥିବା ରୋଗପ୍ରତିରୋଧକ କ୍ଷମତା କମ କରିଥାଏ। ତେବେ ଗର୍ଭବତୀ ସମୟରେ ଭୁଲରେ ମଧ୍ୟ ପରଫ୍ୟୁମ୍ ବ୍ୟବହାର କରିବା ଉଚିତ ନୁହଁ। କାରଣ ଏହା ଦ୍ୱାରା ଶିଶୁ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଯାହା ଫଳରେ ଶିଶୁର ସଠିକ୍ ଶାରୀରିକ ବିକାଶ ହୋଇପାରି ନଥାଏ। ପରଫ୍ୟୁମ୍ କାରଣରୁ ତ୍ୱଚାରେ କୌଣସି ପ୍ରକାରର ସଂକ୍ରମଣ ଦେଖାଗଲେ ତୁରନ୍ତ ଥଣ୍ଡା ପାଣିରେ ସେହି ସ୍ଥାନକୁ ଧୁଅନ୍ତୁ। ଏହା ଦ୍ୱାରା ଆପଣଙ୍କୁ ଆରାମ ମିଳିବା ସହ ଏହା କମ ମଧ୍ୟ ହେବ। ପରଫ୍ୟୁମ୍‌ରେ କେମିକାଲ ମିଶିଥାଏ। ଫଳରେ ଏହା ତ୍ୱଚା ଉପରେ କୁପ୍ରଭାବ ପକାଇବା ସହ ଜଳାପୋଡ଼ା ହୋଇଥାଏ। ଖାଲି ଏତିକି ନୁହେଁ, ଏଥିରେ ମିଶିଥିବା ଆଲକହଲ ତ୍ୱଚା ପ୍ରତି ମଧ୍ୟ ହାନିକାରକ। ପ୍ରାକୃତିକ ତ୍ୱଚାକୁ ନଷ୍ଟ କରି ଦେଇଥାଏ। ଅନେକ ସମୟରେ ପରଫ୍ୟୁମ୍ ବ୍ୟବହାର ଯୋଗୁ ସେହି ସ୍ଥାନ କୁଣ୍ଡେଇ ହୋଇ ଫଳି ଯାଇଥାଏ। ବେଳେବେଳେ ଏହି ଜାଗାରେ ଘା' ମଧ୍ୟ ସୃଷ୍ଟି ହୋଇଥାଏ। ହରମୋନ୍‌ଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ପରଫ୍ୟୁମ୍ ବ୍ୟବହାର କରୁଥିଲେ ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ।

# ଖରାଦିନେ ବାସି ଦହି ପଖାଳ ଲାଭଦାୟକ



ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଖାଦ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ଭାବନା ରହିଛି। ତେବେ ଆପଣମାନେ ଜାଣିଥିବେ ଯେ ଲୋକଙ୍କୁ ସବୁବେଳେ ଟେଷ୍ଟି ଖାଦ୍ୟ ଦରକାର ହୋଇଥାଏ। ତେବେ ଆପଣମାନେ ଜାଣିଛନ୍ତି କି ଦହି ପଖାଳକୁ ଭାରତ ସଂସ୍କୃତିର ଏକ ପ୍ରସିଦ୍ଧ ଖାଦ୍ୟ ଭାବେ ବିବେଚନା କରାଯାଏ। ଖରାଦିନେ ବାସି ପଖାଳ ଖାଇବା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହିତକର। ତେବେ ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଦହି ପଖାଳ କିପରି ଭାବେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

ପ୍ରୋବାୟୋଟିକ୍ସରେ ଭରପୁର: ବାସି ଦହି ପଖାଳ ପ୍ରୋବାୟୋଟିକ୍ସରେ ଭରପୁର ହୋଇଥାଏ। ଏଥିରେ ଯେଉଁ ସବୁ ଲାଭକାରୀ ବ୍ୟାକ୍ଟେରିଆ ରହିଥାନ୍ତି, ତାହା ଆମ ପେଟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ବାସି ଦହିରେ ଥିବା ପ୍ରୋବାୟୋଟିକ୍ସ ହଜମ କରିବାରେ ଅନେକ ସାହାଯ୍ୟ କରିଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ।

ସହଜରେ ହଜମ କରେ: ବାସି ଦହି ପଖାଳରେ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ଭରପୁର ମାତ୍ରାରେ ରହିଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। ତେବେ ଯେଉଁ ଲୋକମାନଙ୍କର ହଜମ ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ଅଧିକ ଲାଭକାରୀ ହୋଇଥାଏ।

ହାଡ ଓ ଦାନ୍ତକୁ ମଜବୁତ କରେ: ଏହା ପୋଷକ ତତ୍ତ୍ୱରେ ଭରପୁର। ଦହି ପଖାଳରେ କ୍ୟାଲୟିୟମ୍, ଭିଟାମିନ୍-ଡି ଓ ପ୍ରୋଟିନ୍ ସହିତ ଅନେକ ପୋଷକ ତତ୍ତ୍ୱ ଭରପୁର ରହିଥାଏ। ଏଥିରେ ଥିବା କ୍ୟାଲୟିୟମ୍ ହାଡ ଓ ଦାନ୍ତକୁ ମଜବୁତ କରିଥାଏ। ଭିଟାମିନ୍-ଡି କ୍ୟାଲସିୟମ୍ ଅବଶୋଷଣ କରିବାରେ ସହାୟକ କରେ। ଖରାଦିନେ ଦହି ପଖାଳ ଖାଇବା ଦ୍ୱାରା ଆମକୁ ଆକ୍ଟିଭ ଅନୁଭବ ହୋଇଥାଏ।

ଶରୀର ଓ ପେଟକୁ ଠିକ୍ ରଖିଥାଏ: କେତେକ ସଂସ୍କୃତିରେ ଦହି ପଖାଳକୁ ଥଣ୍ଡା ଖାଦ୍ୟ ବୋଲି ବିବେଚନା କରାଯାଏ। ଏହା ଗରମ ଦିନରେ ଖାଇବାଫଳରେ ପେଟକୁ ଥଣ୍ଡା ରଖିବା ସହ ଆରାମ ପ୍ରଦାନ କରିଥାଏ। ଦହି ପଖାଳ ଶରୀରକୁ ଥଣ୍ଡା ରଖି ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

ଓଜନକୁ ନିୟନ୍ତ୍ରଣ ରଖିଥାଏ: ଦହି ପଖାଳରେ ଥିବା ପ୍ରୋବାୟୋଟିକ୍ସ କେବଳ ହଜମ କରିବାରେ ସାହାଯ୍ୟ କରିନଥାଏ ବରଂ ଓଜନ ପାଇଁ ଲାଭକାରୀ ହୋଇଥାଏ। ଶରୀରରେ ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ । ଏଥି ସହ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରି ରଖିଥାଏ। ଏଥିରେ ଅନେକ ପୋଷାକ ତତ୍ତ୍ୱ ରହିଛି। ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ହୋଇଥାଏ। ବିଶେଷକରି ଏହା ଖରାଦିନ ପାଇଁ ବେଷ୍ଟ ହୋଇଥାଏ ବୋଲି ଏହାକୁ ବିବେଚନା କରାଯାଏ। ସେଥିପାଇଁ ଖରାଦିନେ ପ୍ରତିଦିନ ଦହି ପଖାଳ ଆପଣଙ୍କ ଖାଦ୍ୟରେ ସାମିଲ କରିପାରିବେ।

# ସକାଳେ ଖାଲିପେଟରେ ଖଜୁରୀ ନା କଦଳୀ

ଅଧିକାଂଶ ଲୋକ ଚା' ଏବଂ କଫିରୁ ସେମାନଙ୍କ ସକାଳର ଆରମ୍ଭ କରିଥାଆନ୍ତି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ସଠିକ୍ ଖାଦ୍ୟ ସହିତ ଦିନ ଆରମ୍ଭ କରିବା ଖୁବ୍ ଜରୁରୀ ହୋଇଥାଏ। ଯାହାଦ୍ୱାରା ସୁସ୍ଥ ଶରୀର ଗଠନ କରାଯାଇପାରିବ। ତେଣୁ ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରଥମେ ସକାଳର ଖାଇବା ଉପରେ ଗୁରୁତ୍ୱ ଦେବା ଉଚିତ୍। କିଛି ଲୋକ ସକାଳେ ଫଳ ଏବଂ ଡ୍ରାଏ ଫ୍ରୁଟ୍ସ ଖାଇବାକୁ ଉଚିତ୍ ବୋଲି ଭାବିଥାଆନ୍ତି। ପ୍ରତ୍ୟେକ ଖାଦ୍ୟର ଭିନ୍ନ ଭିନ୍ନ ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ସକାଳେ ଏଭଳି କିଛି ଖାଦ୍ୟ ଖାଇବା ଉଚିତ୍ ଯାହା ସହଜରେ ହଜମ କରିଥାଏ। ଅନେକ ଲୋକ ସକାଳୁ ଖାଲି ପେଟରେ କଦଳୀ ଖାଇଥାଆନ୍ତି ତ ଆଉ ପୁଣି କିଏ ଖଜୁରୀ ଖାଇଥାଆନ୍ତି। ତେବେ ଖାଲି ପେଟରେ କଦଳୀ ନା ଖଜୁରୀ କେଉଁ ଖାଦ୍ୟଟି ଖାଇବା ଉଚିତ୍ ଆସନ୍ତୁ ଆମେ ଆଜି ସେସମ୍ପର୍କରେ ଜାଣିବା। ଯାହା ଖାଇବା ଦ୍ୱାରା ଶରୀର ଉପରେ ସୁପ୍ରଭାବ ପକାଇବ।

**କଦଳୀ:** କଦଳୀ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରାକୃତିକ ଶର୍କରାରେ ଭରପୂର, ଯାହା ଏହାକୁ ଶକ୍ତିର ଏକ ଭଲ ଉତ୍ସ କରିଥାଏ। ତଥାପି, ଖାଲି ପେଟରେ କଦଳୀ ଖାଇବା ସମସ୍ତଙ୍କ ପାଇଁ ଉପଯୁକ୍ତ ନୁହେଁ। କଦଳୀ ଖାଇବା ଦ୍ୱାରା ତୁରନ୍ତ ଶକ୍ତି ମିଳିଥାଏ। ଏଥିରେ ପୋଟାସିୟମ୍ ଭରପୂର ମାତ୍ରାରେ ଥିବାରୁ ଏହା ହାର୍ଟ ଏବଂ ମାଂସପେଶୀ ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଅନେକ ଲାଭକାରୀ ଗୁଣ ରହିଛି। କିନ୍ତୁ ଏହାକୁ ଖାଇବାର ସାଇଡ ଇଫେକ୍ଟ ମଧ୍ୟ ହୋଇପାରେ। ଏଥିରେ ଥିବା ମ୍ୟାଗ୍ନେସିୟମ୍ ସନ୍ତୁଳନ ଠିକ୍ ନ ରହିବାରୁ ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ଦେଖାଦେଇଥାଏ। କଦଳୀକୁ ସକାଳୁ ଖାଲି ପେଟରେ ଖାଇବା ପରିବର୍ତ୍ତେ ଟିକେ ବିଳମ୍ବରେ ଖାଆନ୍ତୁ।

**ଖଜୁରୀ:** ଖଜୁରୀକୁ ଖାଲି ପେଟରେ ଖାଇବା ସବୁଠାରୁ ଲାଭଦାୟକ ହୋଇଥାଏ। ଏହା ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏହାକୁ ଖାଇବା ଦ୍ୱାରା ତୁରନ୍ତ ଶକ୍ତି ମିଳିଥାଏ। ଏଥିରେ ଥିବା ଫାଇବର ଗୁଣ ହଜମ କରିବାରେ ସାହାଯ୍ୟ କରେ। ଏଥିସହ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ରୋକିବାରେ ମଧ୍ୟ ସହାୟକ କରେ। ଏହାକୁ ଖାଇବା ଦ୍ୱାରା ପେଟ ହାଲୁକା ରହିବା ସହ ଏସିଡିଟିର ଆଶଙ୍କାକୁ କମ୍ କରିଥାଏ। ଏତିକି ନୁହେଁ ଏହା ଅନ୍ତନଳୀ ସ୍ୱାସ୍ଥ୍ୟକୁ ମଧ୍ୟ ଉନ୍ନତ କରେ। ଏହା ମେଟାବୋଲେଜିୟମକୁ ବୃଦ୍ଧି କରେ। ଏଥିରେ ଆଇରନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ମାତ୍ରାରେ ଥାଏ। ଯାହା ଥକ୍କାପଣକୁ ଦୂର କରିଥାଏ। ବିଶେଷଜ୍ଞଙ୍କ ମତରେ, ରାତିସାରା ପାଣିରେ ୨ରୁ ୩ଟି ଖଜୁର ଭିଜାଇ ସକାଳେ ଖାଇବା ଦ୍ୱାରା ଭଲ ହଜମ ଏବଂ ପୋଷକ ତତ୍ତ୍ୱ ଅବଶୋଷଣରେ ସାହାଯ୍ୟ ମିଳିଥାଏ। ଅଧିକାଂଶ ଲୋକଙ୍କ ପାଇଁ ଖାଲି ପେଟରେ ଖଜୁରୀ ଖାଇବା ଏକ ସୁସ୍ଥ ବିକଳ୍ପ। ଯାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ଏବଂ ଦୀର୍ଘସ୍ଥାୟୀ ଶକ୍ତି ପ୍ରଦାନ କରେ। ସୁସ୍ଥ ଶରୀର ଗଠନ କରିବାକୁ ଚାହୁଁଥିଲେ ଖଜୁରୀକୁ ଖାଇବାରେ ସାମିଲ କରିପାରିବେ।



# କାଜୁ ଖାଇବାର ଜବରଦସ୍ତ ଫାଇଦା



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକେ ଏବେ ସକାଳୁ ସକାଳୁ ଡ୍ରାଏଫ୍ରୁଟସ୍ ଖାଉଛନ୍ତି। ସେଥି ମଧ୍ୟରୁ କାଜୁ ଅନ୍ୟତମ। ସାଧା ଖାଦ୍ୟରେ ସ୍ୱାଦ ବଢ଼ାଇବା ପାଇଁ ରୋଷେଇରେ କାଜୁକୁ ବ୍ୟବହାର କରାଯାଇଥାଏ । ତେଣୁ କାଜୁର ଅଧିକ ଚାହିଦା ରହିଛି। ଏହା ଆମକୁ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ। ଯାହା ଲମ୍ବା ସମୟ ଧରି ପେଟକୁ ଭାରି କରି ରଖିଥାଏ। ଲୋକେ ସେମାନଙ୍କ ଡାଏଟ୍ ପ୍ଲାନରେ କାଜୁକୁ ସାମିଲ କରୁଛନ୍ତି। କାଜୁରେ ଓମେଗା -୩ ଫ୍ୟାଟି ଏସିଡ୍, ବାୟୋଟିନ୍, ଭିଟାମିନ୍ ଇ, ଜିଙ୍କ୍ ଏବଂ ପ୍ରୋଟିନ ଭଳି ଅନେକ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ଫଳରେ କାଜୁକୁ ଶରୀର ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ଦେଇଥାଏ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ସଠିକ୍ ଉପାୟରେ କାଜୁକୁ ଖାଇବା ଦ୍ୱାରା ଏହା ଶରୀରରେ ଉପରେ ଅଧିକ ଭଲ ପ୍ରଭାବ ପକାଇଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କାଜୁ ଖାଇବା ଦ୍ୱାରା ଆମ ଶରୀରରେ ପରିବର୍ତ୍ତନ ଆଣିଥାଏ। ତେବେ ଆସନ୍ତୁ କାଜୁ ଆମ ସ୍ୱାସ୍ଥ୍ୟ ଉପରେ କେଉଁ ସବୁ ପ୍ରଭାବ ପକାଏ ସେ ସମ୍ପର୍କରେ ଜାଣିବା।

**ହାର୍ଟ:** କାଜୁ ହାର୍ଟ ସମସ୍ୟାରେ ଉନ୍ନତି ଆଣିଥାଏ। ଏହା ନିୟମିତ ଖାଇବା ଦ୍ୱାରା ବ୍ଲଡପ୍ରେସର କମାଇ ହାର୍ଟ ସମସ୍ୟାରୁ ରକ୍ଷା କରିଥାଏ। ଖରାପ କୋଲେଷ୍ଟ୍ରୋଲକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

**ଓଜନ ହ୍ରାସ:** କାଜୁରେ ଫାଇବର, ପ୍ରୋଟିନ ଥିବାରୁ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। କାଜୁ ଖାଇବା ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ତେଣୁ ଓଜନ ହ୍ରାସ ଯାତ୍ରାକୁ ସହଜ କରିଥାଏ।

**ଡାଇବେଟିସ କଣ୍ଟ୍ରୋଲ:** ଡାଇବେଟିସ ରୋଗୀଙ୍କ ପାଇଁ କାଜୁ ପ୍ରଭାବଶାଳୀ। ଏଥିରେ ଥିବା ମ୍ୟାଗ୍ନେସିୟମ ବ୍ଲଡ୍ ଲେବଲକୁ କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

**ଇମ୍ୟୁନିଟି ସିଷ୍ଟମରେ ବୃଦ୍ଧି:** କାଜୁରେ ଭିଟାମିନ ଓ ଜିଙ୍କର ଗୁଣ ରହିଛି। ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବା ସହିତ ଶରୀରରେ ଥିବା ରୋଗ ସହିତ ଲଢେଇ କରିଥାଏ।

**ସ୍କିନ୍ ଓ ଚୁଟି ପାଇଁ ଲାଭକାରୀ:** ଏତିକି ନୁହେଁ ବରଂ ଓମେଗା-୩ ଏବଂ ଭିଟାମିନ୍ ଇ ଥିବାରୁ ଏହା ଚୁଟି ଓ ସ୍କିନ୍ ପାଇଁ ଫଳପ୍ରଦ। ଯାହା ଖାଇବା ଦ୍ୱାରା ତ୍ୱଚାରେ ଚମକ ଆଣିବା ସହିତ ଚୁଟିକୁ ମଜବୁତ କରି ରଖିଥାଏ।

ବ୍ରେନ୍: କାଜୁ ସ୍ମରଣ ଶକ୍ତି ବଢ଼ାଇବାରେ ବଡ ଦାୟିତ୍ୱ ବହନ କରିଥାଏ। ମ୍ୟାଗ୍ନେସିୟମର ଗୁଣ କାରଣରୁ ବ୍ରେନକୁ ସୁସ୍ଥ ରଖିଥାଏ।

**ହାଡକୁ ମଜବୁତ କରେ:** କ୍ୟାଲସିୟମ ଆମ ହାଡ ଗଣ୍ଠିକୁ ମଜବୁତ କରି ରଖିଥାଏ। ଯାହା ଦ୍ୱାରା ହାଡଗଣ୍ଠି ସମସ୍ୟାରୁ ମୁକ୍ତି ଦେଇଥାଏ।

କାଜୁକୁ ଖାଇବା ଫଳରେ ଶରୀରକୁ ଆବଶ୍ୟକ ଅନୁସାରେ ସଠିକ୍ ପୋଷଣ ଆମକୁ ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଶରୀରରେ ଥିବା ସମସ୍ୟାକୁ ଦୂର କରିଥାଏ। ଏହା କେବଳ ଶାରୀରିକ ସମସ୍ୟାକୁ ନୁହେଁ ବରଂ ମାନସିକ ସମସ୍ୟାକୁ ମଧ୍ୟ ଦୂର କରିବା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ କାଜୁ ନିୟମିତ ଖାଇବା ଉଚିତ।

# ମୟୂରଭଞ୍ଜ ବିଜେପିର ସମର୍ପଣ ଦିବସ ଓ 'ଭି ବି ଜୀ ରାମ୍ ଜୀ' ଜିଲ୍ଲା ସମ୍ମିଳନୀ



**ବାରିପଦା,୧୧।୨ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ପକ୍ଷରୁ ବୁଧବାର ଦିନ ସ୍ଥାନୀୟ ସହିଦ ସ୍ମୃତି ଭବନରେ ବିଜେପିର ପୂର୍ବ ସଂସ୍କରଣ ଜନସଙ୍ଘର ଅନ୍ୟତମ ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସକୁ "ସମର୍ପଣ ଦିବସ" ଭାବେ ପାଳନ କରାଯିବା ସହ କେନ୍ଦ୍ର ସରକାରଙ୍କ "ଭି ବି ଜୀ ରାମ୍ ଜୀ" ଯୋଜନା ସମ୍ପର୍କିତ ଏକ ଜିଲ୍ଲା ସମ୍ମିଳନୀ ମଧ ଆୟୋଜିତ ହୋଇଯାଇଛି। ଏଥିରେ ବକ୍ତାମାନେ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଓ ଆଦର୍ଶର ସଶ୍ରଦ୍ଧ ସ୍ମରଣ କରିବା ସହ "ଭି ବି ଜୀ ରାମ୍ ଜୀ"ର ସକାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ।

ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଦଳର ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଓ ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉଦବୋଧନ ଦେଇଥିଲେ। ଦଳର ତିନି ଜିଲ୍ଲା ସାଧାରଣ ସମ୍ପାଦକ ସର୍ବଶ୍ରୀ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରାଣକୃଷ୍ଣ ବେରା ମଧ ଏଥିରେ ବିଭିନ୍ନ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ସମର୍ପଣ ଦିବସ ଓ ଭି ବି ଜୀ ରାମ୍ ଜୀ ସମ୍ମିଳନୀ ଶୀର୍ଷକ ସମ୍ମିଳିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଭାଗରୁ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଆସି ଅଂଶ ଗ୍ରହଣ କରିଥିଲେ।

# ଦିବ୍ୟାଙ୍ଗ ଖେଳାଳିଙ୍କ ମେଡାଲ ବିଜୟୀ



**ରାୟଗଡା,୧୧।୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ୬ ଜଣ ଦିବ୍ୟାଙ୍ଗ ଖେଳାଳି ମାନେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି । ଲଙ୍ଗ ଜମ୍ପ/ହାଇ ଜମ୍ପରେ ବିକାଶ ମହାନନ୍ଦିଆଙ୍କୁ ସିଲଭର ମେଡାଲ, ଡିସକେସ୍ ଥ୍ରୋରେ ବିକାଶ ମାଝୀଙ୍କୁ ଗୋଲ୍ଡ ମେଡାଲ, ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ରେ ବିପିନ୍ ମାଝୀ ଗୋଲ୍ଡ ମେଡ଼ାଲ୍, ୧୦୦ ମିଟର ଦୌଡ଼ ସିଲଭର୍ ଏବଂ ସୋଟପୁଟରେ ବ୍ରୋଞ୍ଜ ମେଡାଲ ମିଳିଛି ଯଶୋଦା ଖୋସଲାଙ୍କୁ ଏବଂ ସୋଟପୁଟରେ ରେଙ୍ଗା ପୁଆଲାଙ୍କୁ ସିଲଭର ମେଡାଲ ଜିତି ଓଡ଼ିଶା ବିକଳାଙ୍ଗ ମଞ୍ଚ (ରାୟଗଡ଼ା ଶାଖା ଏବଂ ଜିଲ୍ଲା ପାରା ସ୍ପୋର୍ଟସ ଆସୋସିଏସନ୍, ରାୟଗଡ଼ାକୁ ଗର୍ବିତ କରିଛନ୍ତି ୫ ଦିବ୍ୟାଙ୍ଗ ଭାଇ ଓ ଭଉଣୀମାନେ। ଏତଦ୍ ବ୍ୟତୀତ ରୋହିତ ନାଏକ ଓ ରହିତ ନାୟକ ମଧ ଅନ୍ୟ କ୍ରୀଡ଼ାରେ ଚୟନ ହୋଇ ପ୍ରତିଯୋଗିତା ପାଇଁ ଅଭ୍ୟାସ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ ରାୟଗଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଶ୍ରୀ ବାଦଲ କୁମାର ତା ଖେଳାଳି ମାନଙ୍କୁ ଭୁବନେଶ୍ୱର ଯିବା ପାଇଁ ଟ୍ରେନ୍ ଟିକେଟ, ସ୍ପୋର୍ଟସ ଜର୍ସି ଓ ଖାଦ୍ୟ ବ୍ୟବସ୍ଥା ଯୋଗାଇଥିଲେ। ଦିବ୍ୟାଙ୍ଗ ମିତ୍ର ତଥା ପାରା ସ୍ପୋର୍ଟସ ଆସୋସିଏସନ୍, ରାୟଗଡ଼ାର ଉପ ସଭାପତି ଶ୍ରୀ ବିଜୟ କୁମାର ମେଲାକା ଏବଂ ସଦସ୍ୟ ରଘୁନାଥ ପାତ୍ର ଖେଳାଳି ମାନଙ୍କୁ ରାୟଗଡ଼ା ରେଳ ଷ୍ଟେସନ ଠାରୁ ଭୁବନେଶ୍ୱର ଗସ୍ତ ପାଇଁ ସହଯୋଗ କରିଥିଲେ । ରାଜ୍ୟ କ୍ରିଡ଼ା ବିଭାଗ ଉପସଚିବ ଅମିତ୍ କୁମାର୍ ନାୟକ ମୁଖ୍ୟ ଅତିଥି ଭାବେ, ରୋଟାରୀ ସଭାପତି ମନୋଜ କୁମାର୍ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ପାରା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନିଲ ପ୍ରଧାନ ଏବଂ ଓଡ଼ିଶା ବିକଳାଙ୍ଗ ମଞ୍ଚ ଶାଖା-ରାୟଗଡ଼ାର ସଂପାଦକ ତଥା ପାରା ସ୍ପୋର୍ଟସ ଆସୋସିଏସନ୍, ରାୟଗଡ଼ାର ସଭାପତି ଶ୍ରୀ ଜଳନ୍ଧର ବାଡେଲି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖବର ପ୍ରସାରିତ ହେବା ପରେ, ରାୟଗଡ଼ା ଜିଲ୍ଲାର ଦିବ୍ୟାଙ୍ଗ ମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି ।

# ମୂରଲୀ ମୋହନ ସାହୁ ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି




**ବାଲିଆପାଳ,୧୧।୨ (ସଂଚାର ବ୍ୟୁରୋ):** ଓଡ଼ିଶା ପିସିସି ପକ୍ଷରୁ ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ମୂରଲୀ ମୋହନ ସାହୁ ଏବଂ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସେକ୍ରେଟାରୀ ଭାବେ ସରୋଜ କୁମାର ପିଲା ଙ୍କୁ ନିଯୁକ୍ତି ମିଳିଛି। ଦୀର୍ଘ ଦିନ ପରେ ଓଡିଶା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା, ବ୍ଲକ ଓ ଟାଉନ୍ କମିଟି କରାଯାଇଛି। ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ଜିଲ୍ଲା କମିଟିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବାଲିଆପାଳ ରୁ ଦୁଇ ଜଣଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟା ରେ ସ୍ଥାନ ଦେଇଥିବାରୁ ବାଲିଆପାଳ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ତଥା ଜିଲ୍ଲାର କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି। ଶ୍ରୀ ସାହୁ ଛାତ୍ର ଜୀବନ ରାଜନୀତି ଜୀବନ ଆରମ୍ଭ କରି ମଧୁପୁରା ପଞ୍ଚାୟତର ପାଞ୍ଚ ଥର ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ଆସିଛନ୍ତି। ମଧୁପୁରା ସୋସାଇଟିର ସଭାପତି ଓ ବିଭିନ୍ନ ଅନୁଷ୍ଠାନ ରେ ଜଡିତ ରହିଛନ୍ତି। ସେହିପରି ଶ୍ରୀ ପିଲା ଛାତ୍ର ଜୀବନରୁ ରାଜନୀତି ଜୀବନ ଆରମ୍ଭ କରି ଦୁଇ ଥର ସୋସାଇଟ ଡାଇରେକ୍ଟର, ବ୍ଲକ ଯୁବ କଂଗ୍ରେସ ସଭାପତି, ଏବେ ଦେଉଳା ପଞ୍ଚାୟତ ସରପଞ୍ଚ ଭାବେ କାର୍ଯ୍ୟରତ।

# ଯାତ୍ରୀ ବିଶ୍ରାମାଗାରରେ ଗଡୁଛି ମଦ ବୋତଲ

## ପ୍ରଶାସନ ଜାଣି ଶୁଣି ଚୁପ୍



**କନ୍ଧମାଳ,୧୧।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅଧିନରେ ଥିବା ବାଲନ୍ଦାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ୍ ସାମ୍ନାରେ ବାଲନ୍ଦାପଡ଼ା ବସଷ୍ଟାଣ୍ଡ ପରିସରରେ ଏକ ଯାତ୍ରୀ ବିଶ୍ରାମ ଗାର ରହିଛି। ସେହି ଯାତ୍ରୀ ବିଶ୍ରାମ ଘରେ ଏବେ ମଦ ବୋତଲ ଗଡୁଛି । ହେଲେ ପ୍ରଶାସନର ଦୃଷ୍ଟି କେବେ ପଡ଼ିବ ତାହା ଅପେକ୍ଷାରେ ଅଞ୍ଚଳ ବାସୀ।

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ବସଷ୍ଟାଣ୍ଡ ରେ ଯାତ୍ରି ରହିବା ନିମନ୍ତେ ବିଶ୍ରାମଗାର ନିର୍ମାଣ କରୁଛନ୍ତି ସତ କିନ୍ତୁ ଏଇଟାରେ ଯାତ୍ରୀ ଆଶ୍ରୟ କରିବ କଣ ଏବେ ମଦ ଗଡ଼ିବାର ଦୃଶ୍ୟ ସାମ୍ନାକୁ ଆସିଛି। ହେଲେ ସରକାର ପରେ ସରକାର ବଦଳଉଛି ହେଲେ ମୋହନ ସରକାର ଥିବା ସମୟରେ ଏହି ପରି ସମସ୍ୟା ହେଉଛି କାହିଁକି ବୋଲି ସାଧାରଣରେ ଘୋର ନିନ୍ଦା ହେଉଛି ହେଉଛି। ଯାହା ଏଠି ପ୍ରଶ୍ନ ଉଠୁଛି ଜିଲ୍ଲା ପ୍ରଶାସନ ଜାଣି ଶୁଣି ନିରବ ରହୁଛି ବୋଲି ବୃଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ଏହାର ସଠିକ୍ ତଦନ୍ତ କରିବା ପାଇଁ ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି। ଯାହା ଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ବାଲନ୍ଦାପଡ଼ା ବିଶ୍ରାମଗାରରେ ଜନସାଧାରଣ ରହିବା ପାଇଁ ସୁରକ୍ଷା ନାହିଁ। ଏହି ବିଶ୍ରାମ ଘରେ ମଦ ବୋତଲ କୋଉଠି ଆସିଲା ଓ କାହିଁକି ଏହି ବିଶ୍ରାମ ଘରେ ଏହି ପରି ହେଉଛି ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି। ନା ପ୍ରଶାସନ ଜାଣି ଶୁଣି ଚୁପ୍ ରହୁଛି ବୋଲି ବୃଦ୍ଧିଜିବୀ ମହଲରେ ଏକ ଚର୍ଚ୍ଚା ହେଉଛି। ଏହାର ସଠିକ୍ ଭାବେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଶାସନର ନୀରବତାକୁ ଘୋର ନିନ୍ଦା କରିଛନ୍ତି ଅଞ୍ଚଳବାସୀ। ଖବର ପ୍ରସାରଣ ପରେ ପ୍ରଶାସନ କେବେ ନିଦ ଭାଙ୍ଗୁଛି ତାହା ଅପେକ୍ଷାରେ ଅଞ୍ଚଳ ବାସୀ।

# ବଡ଼ସାହି ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ସମୀକ୍ଷା ବୈଠକ




**ବାରିପଦା,୧୧।୨ (ସଂଚାର ବ୍ୟୁରୋ):** ଆଜି ବେତନଟୀ ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ବିଧାୟକ, ବଡ଼ସାହି ସନାତନ ବିଜୁଳିଙ୍କ ଅଧକ୍ଷତାରେ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧରେ ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଦାଶ, ବାରିପଦା ପି ଏ ଆଇ ଟି ଡିଏ ପ୍ରଣୟ ରଞ୍ଜନ ବେହେରା,ଏ ସି ଏଫ ଏସ. କେ. ମେହେରବାନ ଅଲ୍ଲୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ ପାଇଁ ଉପସ୍ଥିତ ଥିଲେ।

ଉକ୍ତ ବୈଠକରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ମାନ୍ୟବର ବିଧାୟକ ସମୀକ୍ଷା କରିଥିଲେ।ଏତଦ ବ୍ୟତୀତ ବିଭିନ୍ନ ବିଭାଗଗୁଡିକ ପାଇଁ ବିଭିନ୍ନ ସ୍କିମରେ ଜିଲ୍ଲାକୁ ଆସୁଥିବା ବାର୍ଷିକ ସରକାରୀ ପାଣ୍ଠିର ପରିମାଣ ଏବଂ ସମୁଦାୟ ପାଣ୍ଠି ପରିମାଣ ମଧରୁ ବଡ଼ସାହି ଓ ବେତନଟୀ ବ୍ଲକ ପାଇଁ ଉଦିଷ୍ଟ ପରିମାଣ କେତେ ଓ ଏହା କିପରି ବିନିଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲରୁ ଇସ୍ୟୁ ହେଉଥିବା ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇବାରେ ଲୋକମାନେ ଯେମିତି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ତହସିଲଦାର ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ।

## ଶାକାଡି-ଗୁମୁରି ଖୋଲରେ ପାଣି ସମସ୍ୟା

# ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**କନ୍ଧମାଳ,୧୧।୨ (ସଂଚାର ବ୍ୟୁରୋ):** ପାଣି ବିନା ଜୀବନ ଅସମ୍ଭବ। କିନ୍ତୁ କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ପିରିକୁଡ଼ି ଗ୍ରାମପଞ୍ଚାୟତର ଶାକାଡ଼ି ଓ ଗୁମୁରିଖୋଲ ଗ୍ରାମରେ ଏକ ମାସ ଧରି ପାଣି ସମସ୍ୟା ଲୋକଙ୍କ ଦୈନନ୍ଦିନ ଜୀବନକୁ ଦୁର୍ବିଷହ କରିଦେଇଛି। ପାଣି ଯୋଗାଣ ସଠିକ୍ ଭାବେ ନ ହେବାରୁ ଅସନ୍ତୋଷ ଚରମ ସୀମାକୁ ପହଞ୍ଚିଥିବା ବେଳେ ଶେଷରେ ଗ୍ରାମବାସୀମାନେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଦୁଇ ଗ୍ରାମକୁ ପାଣି ଯୋଗାଣ ଦାୟିତ୍ୱରେ ଥିବା ଯୁଗଳ କିଶୋର ସାହାଣୀ ନିୟମିତ ଭାବେ ପାଣି ଯୋଗାଇ ନଥିବା ଅଭିଯୋଗ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ସେ ଦୁଇ ଦିନରେ ମାତ୍ର ଗୋଟିଏଥର ପାଣି ଛାଡୁଛନ୍ତି। ଏପରିକି ସରକାରୀ ପାଣିକୁ ନିଜ ସ୍ୱାର୍ଥରେ ବ୍ୟବହାର କରି ଘରେ ଇଟା ଭାଟି ତିଆରି କରୁଥିବା ନେଇ ମଧ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ ସମାଧାନ ନ ମିଳିବାରୁ ଗ୍ରାମବାସୀମାନେ ସୋମବାର ଦିନ ଖଜୁରୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।ଏନେଇ ପିରିକୁଡ଼ି ସରପଞ୍ଚ ଉମାଚରଣ ମଲିକ କହିଛନ୍ତି ଯେ, ଘଟଣାର ଶୀଘ୍ର ତଦନ୍ତ କରାଯିବା ସହିତ ଦୁଇ ଗ୍ରାମକୁ ନିୟମିତ ଓ ପର୍ଯ୍ୟାପ୍ତ ପାଣି ଯୋଗାଣ ପାଇଁ ଆବଶ୍ୟକ ବ୍ୟବସ୍ଥା ନିଆଯିବ।

ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ଚରଣ ବେହେରାଙ୍କ ସମ୍ମୁଖରେ ଗୋକୁଳ ବେହେରା, ଶ୍ରବଣ କୁମାର ବେହେରା, ସଞ୍ଜୟ ମଲିକ, ବିନୋଦ ମଲିକ, ସୁଶାନ୍ତ ପ୍ରଧାନ, ରବୀନ୍ଦ୍ର ମଲିକ, ସୁମନ ବେହେରା, ବିଦୁର ପ୍ରଧାନ, କବିନ୍ଦ୍ର ମଲିକ, ସରୋଜ ପ୍ରଧାନ, ଅର୍ଜୁନ ଗୁରୁ ଓ ଲିଟୁ ଦେହୁରୀ ସହ ଅନେକ ଗ୍ରାମବାସୀ ଉପସ୍ଥିତ ରହି ଦ୍ରୁତ ସମାଧାନ ଦାବି କରିଥିଲେ ।

# କୋଟପାଡ଼ରେ ୩୯ ହଜ୍ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ବୋରିଗୁମ୍ମା,୧୧।୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ କୋଟପାଡ଼ ସ୍ଥିତ ମସଜିଦ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ସର୍ବମୋଟ ୩୯ଜଣ ମୁସଲିମ କରିବେ ହଜ୍ ଯାତ୍ରା। ଏଥିନିମନ୍ତେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୩୯ଜଣଙ୍କ ହଜ ଯାତ୍ରୀଙ୍କ ମଧରୁ ୧୮ ଜଣ ମହିଳା ଓ ୨୧ ଜଣ ପୁରୁଷ ହଜ୍ ଯାତ୍ରା କରିବେ ବୋଲି ଜଣାପଡିଛି। ପୂର୍ବରୁ ହଜ୍ ଯାତ୍ରା ପାଇଁ ସେମାନଙ୍କୁ ସୁଦୂର ଭୁବନେଶ୍ୱର ଯାଇ ଏହି ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପଡୁଥିଲା। କିନ୍ତୁ ଏ ବର୍ଷ ଅବିଭକ୍ତ କୋରାପୁଟ ଜିଲ୍ଲାର ହଜ୍ ଯାତ୍ରୀଙ୍କ ନିମନ୍ତେ ପ୍ରଥମ କରି ରାଜ୍ୟ ସରକାରଙ୍କ ପକ୍ଷରୁ କୋଟପାଡ଼ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି' ସେଥିପାଇଁ ରାଜ୍ୟ ସରକାରଙ୍କୁ ଏବଂ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁସଲିମ ସମ୍ପ୍ରଦାୟ। କୋଟପାଡ଼ ଅଞ୍ଚଳରୁ ମୋଟ ୮ ଜଣ ମୁସଲିମ୍ ସମ୍ପ୍ରଦାୟ ବ୍ୟକ୍ତି ବିଶେଷ ହଜ୍ ଯାତ୍ରା କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ୨୧କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲବାଣୀ,୧୧।୨ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ରାଣୀ ପଥର ଘାଟିରେ ସଦର ଥାନା ପୋଲିସ ୨୧ କିଲୋ ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି।ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରୁ କଟକ କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ.ଆଇ ସମ୍ବିତ ବେହେରା,ଅତିରିକ୍ତ ତହସିଲଦାର ସୋମକେସ ନାୟକ,ସମେତ ପୋଲିସ ବାହାନି ପହଞ୍ଚି ୨୧ କିଲୋ ଗଞ୍ଜେଇ ଜବତ କରି ଥାନାରେ ୩୪ /୨୫ ମାମଲା ରୁଜୁ କରିଛି ଏବଂ କଟକ ଜିଲ୍ଲା ମଣି ବନ୍ଧ ର ସୌମ୍ୟ ରଞ୍ଜନ ଚୌଧୁରୀ ଗିରଫ କରାଯାଇଥିବା ଥାନା ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି।

## ଜଳିଲା କୁଲଡିହା ପାହାଡ଼

**ନୀଳଗିରି,୧୧।୨ (ସଂଚାର ବ୍ୟୁରୋ):** ନୀଳଗିରି ବିଜ୍ଞାପିତ ଅଞ୍ଚଳମିରିଗିଣି ଗାଁକୁ ଲାଗି ଜଳିଲା କୁଲଡିହା ଅଭୟାରଣ୍ୟ। ଅଭୟାରଣ୍ୟର ମିରିଗିଣି ନିକଟ ପାହାଡ଼ରେ ପ୍ରାୟ ଦିନ ୧୧.୪୫ମିନିଟ ସମୟରେ ନିଆଁ ଲାଗି ଥିଲା। ନିଆଁ ଲାଗି ବିଭିନ୍ନ ସ୍ଥାନରେ ଜଳିଚାଲିଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ବେତଶୁଳ ବିଟ ଗାର୍ଡ ସମେତ ବନ କର୍ମଚାରୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ।



## ମଣ୍ଡିରେ ଧାନ କିଣିବାରେ ସରକାର ପ୍ରତାରଣ କରିଛନ୍ତି

# ଅଭାବୀ ଧାନବିକ୍ରି ପାଇଁ ବାଧ ହେଉଛି ଚାଷୀ

**ଡେରାବିଶ,୧୧।୨ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣ କରି ଶେଷ ମୁହୂର୍ତ୍ତରେ ଟାର୍ଗେଟ୍ ଓ ଟୋକନ୍ ସମସ୍ୟାରେ ପଡ଼ି ଧାନ ବିକ୍ରି କରିନପାରି ଅଭାବୀ ଧାନବିକ୍ରୀର ଶିକାର ହେଉଛନ୍ତି ବୋଲି ଜନଶକ୍ତି ପାର୍ଟିର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଅଭିଯୋଗ କରିଛନ୍ତି।

ସରକାରଙ୍କ ଘୋଷଣା ଅନୁଯାୟୀ ଧାନର ସହାୟକ ମୂଲ୍ୟ କ୍ୟୁଂଟାଲ ପ୍ରତି ୨୩୦୦ ଓ ୮୦୦ ଟଙ୍କାର ପ୍ରୋତ୍ସାହନ ରାଶି ମିଶି ମୋଟ ୩୧୦୦ ଟଙ୍କା ଚାଷୀ ପାଇବେ। କିନ୍ତୁ ପଞ୍ଜିକୃତ ଚାଷୀମାନେ ମଣ୍ଡିଦ୍ୱାରା ଟୋକନ୍ ଆସିନାହିଁ, ଟାର୍ଗେଟ୍ ଏତେ ନାହିଁ କହି ଧାନକୁ ନକିଣି ମଣ୍ଡିରେ ପକାଇ ରଖିଛନ୍ତି। ଚାଷୀ ବାରମ୍ବାର ଦୌଡ଼ି ବାଧ ହୋଇ ୫ ରୁ ୧୦ କେଜି ଯାଏ କାଟନି ଦବାକୁ ବାଧ ହେଉଛନ୍ତି। ଅପରପକ୍ଷରେ ଚାଷୀମାନେ ବାଧ ହୋଇ ବାହାର ବେପାରୀମାନଙ୍କୁ ୧୭୦୦ରୁ ୧୮୦୦ ଟଙ୍କାରେ ଧାନ ବିକ୍ରୟ କରୁଛନ୍ତି। ଚାଷୀଙ୍କ ଆଖିରେ ଲୁହ ଆସିଲେ ସରକାର ନିଶ୍ଚିତ ଗାଦିଚ୍ୟୁତ ହେବେ ବୋଲି କ୍ଷୋଭ ପ୍ରକାଶ କରି ଶ୍ରୀ ଦାଶ ଏବଂ ପାର୍ଟିର ସମ୍ପାଦକ ସମରେନ୍ଦ୍ର ଜେନା ଅଭିଯୋଗ ଆଣିବା ସହିତ ଯୋଗାଣ ମନ୍ତ୍ରୀଙ୍କୁ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ଜାତୀୟ ଖାଉଟି ସଚେତନତା କାର୍ଯ୍ୟକ୍ରମ




**ବାଲିଅନ୍ତା,୧୧।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା,ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇ ୱାଇ ଡବ୍ଲୁ ଡବ୍ଲୁ ପକ୍ଷରୁ ଏକ ଖାଉଟି ସଚେତନ କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ଲିଲି ପ୍ରଭା ବେହେରା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ର ମ୍ୟାନେଜେର ବସନ୍ତ ଯାଦବ, ବୈଧମାପ ବିଜ୍ଞାନ ବିଭାଗ ଖୋର୍ଦ୍ଧା ଜିଲ୍ଲାର ସହ ନିରିକ୍ଷେକ ଅମେରେନ୍ଦ୍ର ସାହୁ, ତାଲିମ ଦାତା ସାଗରୀକା ଚିନରା ଓ ଲିଜାଲୀନ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖାଉଟି ସୁରକ୍ଷା ଆଇନ ଖାଉଟି କର୍ତ୍ତବ୍ୟ ଓ ଗ୍ରାମାଞ୍ଚଳ ରେ ଖାଉଟି ମାନଙ୍କ ର ବ୍ୟାପକ ଅସୁବିଧା ସମ୍ପର୍କ ରେ ଆଲୋଚନା କରିଥିଲେ। ବିଶେଷତଃ ବଜାରରୁ କିଣୁଥିବା ନିତ୍ୟ ବ୍ୟବହାର ଦ୍ରବ୍ୟ ଯଥା ସୁନା, ରୁପା,ଗ୍ୟାସ ସିଲିଣ୍ଡର ଆଦିରେ ଉପଭୋକ୍ତା କିପରି ଠକେଇ ହେଉଛନ୍ତି ତା ସମ୍ପର୍କ ରେ ଅବଗତ କରାଇଥିଲେ। ତତ ସହିତ ଯୋଗଦେଇଥିବା ସମସ୍ତ ପ୍ରତିନିଧି ମାନଙ୍କୁ ଖାଉଟି ସୁରକ୍ଷା ଲିପପ୍ଲେଟ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ସମ୍ପାଦକ ଶିବପ୍ରସାଦ ପାଢଯୋଶୀ ପରିଚାଳନା କରିଥିଲେ

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

# ଚାକିରି ପଛରେ ନପଡ଼ି ଲକ୍ଷ୍ୟ ଦିଗରେ ଅଗ୍ରସର ହୁଅ



**ବାଲିଆପାଳ,୧୧।୨ (ସଂଚାର ବ୍ୟୁରୋ):** ଚାକିରି ପଛରେ ନପଡ଼ି ଜୀବନର ଲକ୍ଷ ଦିଗରେ ଅଗ୍ରସର ହୁଅ, ଚାକିରି ତୁମ ପଛରେ ଗୋଡାଇବ, ସଫଳତା ହାସଲ ପରେ ଅର୍ଥ ଲାଳସାରେ ଖବର କାଗଜ ପୃଷ୍ଠାରେ ଶିରୋନାମ ପ୍ରସଙ୍ଗ ନହୋଇ ଭଲ ଅଫିସର ଭାବେ ନାମ କମାଇବାକୁ ଚେଷ୍ଟା କର। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ ମହୁରି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପରିଡା, ମୁଖ୍ୟ ବକ୍ତା ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସମ୍ମାନିତ ଅତିଥିଭାବେ ସିଆରସିସି ଜଗନ୍ନାଥ ମହାନ୍ତି, ସମାଜସେବୀ ସନ୍ତୋଷ ଗିରି, ରାଜୀବ ରାୟ, ସତ୍ୟାନନ୍ଦ ଦାସ, ସୁବଳ ଗିରି, ରବିନ୍ଦ୍ର ଦାସ, ନାରାୟଣ ମହାନ୍ତି, ଗୌତମ ପରିଡା ବିଦ୍ୟାଧର ସାମନ୍ତ ରାୟ, ବିନୋଦ ହାଜରା, ନିତ୍ୟାନନ୍ଦ ପରିଡା, ସୁଧାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ହେମନ୍ତ କୁମାର ପରିଡା ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷୟିତ୍ରୀ ନମିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ଲତା ବାରିକ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ଏବଂ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର, ଅଳକା ଦତ୍ତ, ମଧୁସ୍ମିତା ସାହୁ, କବିତା ଜେନା, ଶିକ୍ଷକ କାର୍ତ୍ତିକ ମାସନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ କ୍ରମକୁ ସହୋଯୋଗ କରିଥିଲେ। ସର୍ବ ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ସୋଆ ଆଇଏଏସ୍ ପକ୍ଷରୁ ବିଶ୍ୱ ଡାଲି ଦିବସ ପାଳିତ



**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ ପକ୍ଷରୁ ନିମାପଡ଼ାସ୍ଥିତ ରେସିଙ୍ଗା ଗ୍ରାମରେ ବିଶ୍ୱ ଡାଲି ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦିବସର ମହତ୍ୱ ଏବଂ ଚାଷୀ ଭାଇମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନ କୌଶଳ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ଏହି ସଭାରେ ଓୟୁଏଟି ଅଧିନସ୍ଥ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ପୂର୍ବତନ କନ୍ଧମାଳ ଜିଲ୍ଲା କୃଷି ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ ଏବଂ ନିମାପଡ଼ା ବ୍ଲକ କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରିୟବ୍ରତ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଡାଲି ଫସଲରେ ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରି କିପରି ଭାବରେ ଚାଷୀ ଭାଇ ଓ ଭଉଣୀମାନେ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହିତ ନିମାପଡ଼ା ବ୍ଲକରେ କିପରି ଭାବରେ ଡାଲି ଜାତୀୟ ଫସଲକୁ ଅଗ୍ରାଧିକାର ଦିଆଯାଇପାରିବ ତାହା ମଧ ଆଲୋଚନା କରାଯାଇଥିଲା।

ଏହି ସଭାରେ କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଅଧକ୍ଷତା କରି ମନୁଷ୍ୟର ଖାଦ୍ୟ ଓ ପୃଷ୍ଟି ନିରାପତା ତଥା ମୃର୍ତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଡାଲିଜାତୀୟ ଫସଲର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଶୁଭପ୍ରଦ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡାଲି ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ। ଏହି ସଭାରେ ରେସିଙ୍ଗ ଗ୍ରାମରେ ଅଗ୍ରଣୀ ଚାଷୀ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ବରାଳଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା। କ୍ଷେତ୍ର ବିଜ୍ଞାନ ବିଭାଗ ଦ୍ୱାରା ଡାଲି ଚାଷ ଉପରେ ପ୍ରସ୍ତୁତ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଶେଷରେ ଚାଷୀମାନଙ୍କ ମଧରେ ଜିଆଖତ ବଣ୍ଟନ କରାଯାଇଥିଲା।

ଏହି ସଭାରେ କ୍ଷେତ୍ର ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଏକ ନାଟକ ପରିବେଷଣ କରିଥିଲେ। କ୍ଷେତ୍ର ବିଜ୍ଞାନ ବିଭାଗର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଏହି ସଭାକୁ ପରିଚାଳନା କରିଥିଲେ। ଏହି ସଭାରେ ଶତାଧିକ ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରିବା ସହିତ କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ତଥା ଶିକ୍ଷକ, ଶିକ୍ଷୟତ୍ରୀମାନେ ମଧ ଯୋଗଦାନ କରିଥିଲେ। ପରିଶେଷରେ ସମସ୍ତେ ମୁଗ ଫସଲର ବିହନ ଉତ୍ପାଦନ ଜମି ପରିଦର୍ଶନ କରିଥିଲେ।